

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୧ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 21 JANUARY 2026
Vol.No. 36 ■ No.20 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ପ୍ରକାଶ ପାଇବ
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ନିତିନ ନବୀନଙ୍କ କାନ୍ଧରେ ବିଜେପି କମାଣ: ସମ୍ଭାଳିଲେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ



ନୂଆଦିଲ୍ଲୀ,୨୦/୧ : ମଙ୍ଗଳବାର ନିତିନ ନବୀନ ବିଜେପିର ସର୍ବକନିଷ୍ଠ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ସ୍ୱାଗତ କରିଛନ୍ତି। ଦଳର ଲିଗାସିକୁ ଆଗକୁ ବଢାଇବାକୁ ସେ ସବୁଠାରୁ ପରିପକ୍ୱ ନେତା ବୋଲି କହି ମୋଦୀ ତାଙ୍କୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ବିଜେପି କର୍ମୀମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ଯେତେବେଳେ ଦଳ ବିଷୟରେ କୌଣସି କଥା ଆସିବ, ସେତେବେଳେ ନିତିନ ନବୀନ ହେଉଛନ୍ତି ବସ୍ ଏବଂ ମୁଁ ଜଣେ ଦଳୀୟ କର୍ମୀ। ନବୀନଙ୍କୁ ଦିଆଯାଇଥିବା ସମସ୍ତ କର୍ତ୍ତବ୍ୟକୁ ସେ ସମ୍ପୂର୍ଣ୍ଣ ଦାୟିତ୍ୱବୋଧ ସହିତ ସଫଳତାର ସହ ସମ୍ପନ୍ନ କରିଥିବାରୁ ପ୍ରଧାନମନ୍ତ୍ରୀ ନବୀନଙ୍କୁ ପ୍ରଶଂସା କରିଥିଲେ। ତାଙ୍କ ପିଢି ବିଷୟରେ କହିବାବେଳେ ମୋଦୀ କହିଥିଲେ, ଯେଉଁ ଲୋକମାନେ ପିଲାଦିନେ ରେଡିଓରେ ଖବର ଶୁଣୁଥିଲେ ଏବଂ ବର୍ତ୍ତମାନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାର କରିବାରେ ପାରଙ୍ଗମ, ନିତିନ ନବୀନ ହେଉଛନ୍ତି ସେହି ପିଢ଼ିର। ଆଜିର ଯୁବପିଢ଼ିଙ୍କ ଭାଷାରେ କହିବାକୁ ଗଲେ ନିତିନଜୀ ନିଜେ ଏକ 'ସହସ୍ରାବ୍ଦୀ' ଯୁବା (୨୦୦୦ ମସିହା ସୁଦ୍ଧା ପରିପକ୍ୱ ହୋଇଥିବା ଯୁବା)। ସେ ସେହି ପିଢ଼ିର ଅଟନ୍ତି ଯେଉଁମାନେ ଭାରତରେ ପ୍ରମୁଖ ଆର୍ଥିକ, ସାମାଜିକ ଓ ବୈଷୟିକ ପରିବର୍ତ୍ତନର ସାକ୍ଷୀ ଅଛନ୍ତି। ସେ ସେହି ପିଢିର ଅଟନ୍ତି ଯେଉଁମାନେ ପିଲାଦିନେ ରେଡିଓରୁ ସୂଚନା ପାଇଥିଲେ ଏବଂ ବର୍ତ୍ତମାନ ଏଆଇର ସକ୍ରିୟ ବ୍ୟବହାରକାରୀ ଅଟନ୍ତି। ନିତିନଜୀଙ୍କର ଉଭୟ ଯୁବସୁଲଭ ଶକ୍ତି ଓ ସାଂଗଠନିକ କାର୍ଯ୍ୟରେ ବ୍ୟାପକ ଅଭିଜ୍ଞତା ରହିଛି। ଏହା ଆମ ଦଳର ପ୍ରତ୍ୟେକ କର୍ମୀଙ୍କ ପାଇଁ ବହୁତ ଲାଭଦାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି। ୪୫ ବର୍ଷୀୟ ନବୀନ ହେଉଛନ୍ତି, ପୂର୍ବତନ ବିଧାୟକ ନବୀନ କିଶୋର ପ୍ରସାଦ ସିହ୍ନାଙ୍କ ପୁଅ। ସେ ବିହାରର ବାଙ୍କିପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ପାଞ୍ଚ ଥର ଅପରାଜିତ ବିଧାୟକ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ, ବିଜେପି ଅଧ୍ୟକ୍ଷଙ୍କ ଦାୟିତ୍ୱ କେବଳ ଦଳ ମଧ୍ୟରେ ସୀମିତ ନୁହେଁ, ବରଂ ଏନ୍‌ଡିଏ ମଧ୍ୟରେ ସମନ୍ୱୟ ରକ୍ଷା କରିବା ମଧ୍ୟ। ଦଳକୁ ଏକ ସଂସ୍କୃତି ଓ ପରିବାର ବୋଲି କହି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବିଜେପି ନବାଗତଙ୍କ ପାଇଁ ଏକ ପ୍ଲାଟଫର୍ମ ଯୋଗାଇଥାଏ। ବିଜେପି ଏକ ସଂସ୍କୃତି। ବିଜେପି ଏକ ପରିବାର। ଏଠାରେ ଆମର ସମ୍ପର୍କ ଅଛି ଯାହା କେବଳ ସଦସ୍ୟତାଠାରୁ ଅଧିକ। ବିଜେପି ହେଉଛି ଏକ ପରମ୍ପରା ଯାହା ପଦବୀ ଦ୍ୱାରା ନୁହେଁ, ପ୍ରକ୍ରିୟା ଦ୍ୱାରା ପରିଚାଳିତ।

◆◆ପୃଷ୍ଠା ୭

## ପରିବହନ ବିଭାଗ ମାରିଲା ୟୁଟର୍ଣ୍ଣ: ଫାଇନ୍ କଟିଥିଲେ ବି କରିହେବ ପିୟୁସିସି




ଭୁବନେଶ୍ୱର, ୨୦/୧ (ନି.ପ୍ର): ଟ୍ରାଫିକ୍ ଚାଲାଣ ବାକି ଅଛି ବୋଲି ପ୍ରଦୂଷଣ ପ୍ରମାଣପତ୍ର କରିପାରୁନାହାନ୍ତି କି? ଯଦି ହଁ, ତେବେ ଏ ଖବର ଆପଣଙ୍କ ପାଇଁ। ଜନଅସନ୍ତୋଷ ତେଜିବା ପରେ ଏଭଳି କଟକଣାକୁ ସରକାର ହଟାଇ ଦେଇଥିବା ସୂଚନା ମିଳିଛି। ପୁରୁଣା ଜରିମାନା ଥିଲେ ବି ଏଣିକି କରି ହେଉଛି ପିୟୁସିସି । ତେବେ ପରିବହନ ବିଭାଗ କାହିଁକି ଏଭଳି ମନମୁଖୀ ନିୟମ କରୁଛି ଓ ତାକୁ ପୁଣି କୋହଳ କରି ନିଜ ଛେପ ନିଜେ ଢୋକୁଛି, ତାହା ଚର୍ଚ୍ଚାର ବିଷୟ ପାଲଟିଛି । ୯୦ ଦିନ ପୂର୍ବର ଜରିମାନା ବା ଇ-ଚାଲାଣ ପୈଠ ହୋଇନଥିଲେ ପ୍ରଦୂଷଣ ପ୍ରମାଣପତ୍ର ମିଳିପାରିବନି ବୋଲି ପୂର୍ବରୁ ନିୟମ ଲାଗୁ କରିଥିଲା ରାଜ୍ୟ ପରିବହନ ବିଭାଗ । ହେଲେ ଏହା ଦ୍ୱାରା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ଗାଡ଼ି ଚାଳକ । ବିଶେଷ କରି କୋର୍ଟକୁ ଯାଇଥିବା ଚାଲାଣ ଗୁଡ଼ିକ ଫେସଲା ନହେବା ପର୍ଯ୍ୟନ୍ତ ନିରୂପାୟ ଥିଲେ ଉଭୟ ଗାଡ଼ି ମାଲିକ ଓ ପରିବହନ ବିଭାଗ ।

◆◆ପୃଷ୍ଠା ୭

## ଇଞ୍ଜିନିୟରମାନେ ବିକାଶର ସ୍ତମ୍ଭ: ରାଜ୍ୟପାଳ

ଭୁବନେଶ୍ୱର, ୨୦/୧ (ନି.ପ୍ର): ଇଂଜିନିୟରମାନେ ହେଉଛନ୍ତି ବିକାଶର ସ୍ତମ୍ଭ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ମଙ୍ଗଳବାର ଦିନ ଭୁବନେଶ୍ୱରସ୍ଥିତ ଓଡେସା ଭବନଠାରେ ଓଡିଶା ଡିପ୍ଲୋମା ଇଞ୍ଜିନିୟର୍ସ ସର୍ଭିସ ଆସୋସିଏସନର ୮୦ ତମ ବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେଯେ, ଦେଶ ନିର୍ମାଣ କେବଳ କାର୍ଯ୍ୟାଳୟ ଏବଂ ନୀତି ପ୍ରକୋଷ୍ଠରେ ହୁଏ ନାହିଁ ବରଂ କ୍ଷେତ୍ର, ଗ୍ରାମ, ନିର୍ମାଣ ସ୍ଥଳ, ପ୍ରକଳ୍ପ ସ୍ଥାନ ଏବଂ

◆◆ପୃଷ୍ଠା ୭

## ଉଚ୍ଚଶିକ୍ଷା ସଚିବଙ୍କ ବିରୋଧରେ ଜାମିନଯୋଗ୍ୟ ଗିରଫ ପରୱାନା ଜାରି



କଟକ, ୨୦/୧ (ନି.ପ୍ର): ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ହାଇକୋର୍ଟ ଦୁଇଟି ଅଦାଲତ ଅବମାନନା ମାମଲାର ଶୁଣାଣି କରି ଉଚ୍ଚଶିକ୍ଷା ସଚିବ ଶ୍ରୀ ଅଗ୍ରୱାଲଙ୍କ ବିରୋଧରେ ଜାମିନଯୋଗ୍ୟ ଗିରଫ ପରୱାନା ଜାରି କରିଛନ୍ତି। ଉଚ୍ଚଶିକ୍ଷା ସଚିବଙ୍କୁ ଜାନୁଆରି ୨୨ରେ ହାଜର କରାଇବା ପାଇଁ ଏପରି ଜାମିନଯୋଗ୍ୟ ଗିରଫ ପରୱାନା ଜାରି କରାଯାଇଛି। ଅନ୍ୟପକ୍ଷରେ ଇତି ମଧ୍ୟରେ ଯଦି ପୂର୍ବ ଆଦେଶ ପାଳନ କରାଯାଏ ତେବେ ତାଙ୍କ ବିରୋଧରେ ଏହି ନିର୍ଦ୍ଦେଶ ଆଧାରରେ କୌଣସି କଠୋର ପଦକ୍ଷେପ ଗ୍ରହଣ କରାଯିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କୁ ନେଇ ଗଠିତ ଖଣ୍ଡପୀଠ ତପନ କୁମାର ପଟ୍ଟନାୟକ ଓ କ୍ଷୀରୋଦ ପ୍ରସାଦ ସାହୁଙ୍କ ତରଫରୁ ଦାୟର ଦୁଇ ପୃଥକ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।ଏଠାରେ ସୂଚନା ଯୋଗ୍ୟ ଯେ ଇନକ୍ରିମେଣ୍ଟ ପ୍ରଦାନରେ ନିୟମ ଉଲ୍ଲଂଘନ ନେଇ ଆବେଦନକାରୀ ଅଧ୍ୟାପକ ଅଭିଯୋଗ କରିଥିଲେ। ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ଆବେଦନକାରୀ ଇନ୍‌କ୍ରିମେଣ୍ଟ ପାଇବାକୁ ହକଦାର ବୋଲି ଦାବି କରିଥିଲେ। ଏ ନେଇ ସରକାରଙ୍କ ନିକଟରେ ଆବେଦନକାରୀ ଦାବିପତ୍ର ଦାଖଲ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। ଏହାପରେ ଆବେଦନକାରୀ ହାଇକୋର୍ଟରେ ମାମଲା ଦାୟର କରିଥିଲେ। ଦାବିପତ୍ର ଉପରେ ୮ ସପ୍ତାହ ଭିତରେ ନିଷ୍ପତ୍ତି ନେଇ ଆବେଦନକାରୀଙ୍କୁ ଅବଗତ କରିବାକୁ ୨୦୨୫, ଜୁଲାଇ ୩୦ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବାରୁ ଆବେଦନକାରୀ ହାଇକୋର୍ଟରେ ଉଚ୍ଚଶିକ୍ଷା ସଚିବ ଶ୍ରୀ ଅଗ୍ରୱାଲଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ଡିସେମ୍ବର ୧୨ରେ ଅଦାଲତ ଅବମାନନା ମାମଲାର ଶୁଣାଣି ସମୟରେ ନିର୍ଦ୍ଦେଶ କାର୍ଯ୍ୟକାରୀ ପାଇଁ ସରକାର ସମୟ ନେଇଥିଲେ। ଏହାପରେ ମାମଲାର ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା ଯେ ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଇ ନାହିଁ। ଏଭଳି ପ୍ରସଂଗକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିବା ସହିତ ଉଚ୍ଚଶିକ୍ଷା ସଚିବଙ୍କ ବିରୋଧରେ ଜାମିନଯୋଗ୍ୟ ଗିରଫ ପରୱାନା ଜାରି କରିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସଂଗ୍ରାମ ଜେନା ମାମଲା ପରିଚାଳନା କରୁଛନ୍ତି।

## ଚୌଦ୍ୱାର ଜେଲରେ ବଡ଼ କେଳେଙ୍କାରୀ : ଦୋଷ ଲଦିବାରେ ବ୍ୟସ୍ତ ଅଧିକାରୀ

ଭୁବନେଶ୍ୱର, ୨୦/୧ (ନି.ପ୍ର): ଚୌଦ୍ୱାର ଜେଲ୍ ଅଧୀକ୍ଷକ ସୁଜିତ ରାଉଳ ଏବଂ ପୂର୍ବତନ ଜେଲର ସନ୍ତୋଷିନୀ ଦାସଙ୍କ ମଧ୍ୟରେ ବିବାଦ ଏବେ ହାଟରେ ପଡ଼ି ଦାଣ୍ଡରେ ଗଡିଲାଣି । ଚୌଦ୍ୱାର ଜେଲର ଗୁମର ଭାଇରାଲ ହେବା ପରେ ଆକ୍ସନ ମୋଡ୍‌କୁ ଆସିଛି ଜେଲ୍ ବିଭାଗ । ଉଭୟ ଅଧିକାରୀଙ୍କୁ କରାଯାଇଛି କାରଣ ଦର୍ଶାଅ ନୋଟିସ୍ । ଜେଲ୍‌ରୁ କଏଦୀ ଫେରାର ଘଟଣାକୁ ନେଇ ବିବାଦ ଉପୁଜିବା ପରେ ପରସ୍ପର ଉପରେ ଲଦିଥିଲେ ଦୋଷ । ନିଜକୁ ନର୍ଦ୍ଦୋଷ ଦର୍ଶାଇବାକୁ ଯାଇ ଚୌଦ୍ୱାର ଥାନାରେ ଉଭୟ ଦେଇଥିଲେ ଏତଲା । ଏହା ପରେ ସୁଜିତ ରାଉଳଙ୍କ କମ୍ପ୍ୟୁଟରରୁ ୩୭୫ ପୃଷ୍ଠାର ଜେଲ୍ ଦସ୍ତାବିଜ୍ ଭାଇରାଲ ହେବାକୁ ନେଇ ସୃଷ୍ଟି ହୋଇଛି ହଟଚମଟ । ଭାଇରାଲ ହୋଇଥିବା ଜେଲ୍ କାଗଜପତ୍ରରେ ରହିଛି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ । ଆଭ୍ୟନ୍ତରୀଣ ଗୁଇନ୍ଦା ତଥ୍ୟ, ଜେଲରେ ରହୁଥିବା କଏଦୀଙ୍କ ତଥ୍ୟ ଏବେ ପଦାରେ ପଡ଼ିଛି । ଯାହ ଜେଲ୍‌ର ସୁରକ୍ଷାକୁ ବିପଦ ମୁହଁକୁ ଠେଲି ଦେଇଛି । ଏଭଳି ଏକ ସମ୍ବେଦନଶୀଳ ମାମଲାରେ ଏଯାଏଁ ପାଟି ଖୋଲୁନାହାନ୍ତି ଜେଲ୍ ଡିଜି । ଜେଲ୍ ସୁରକ୍ଷା ବିପଦରେ ପଡ଼ିଥିବା ବେଳେ କାର୍ଯ୍ୟାନୁଷ୍ଠାନ ନେଇ ଜେଲ୍ ମୁଖିଆ ଜୁଟାଇ ପାରୁନାହାନ୍ତି କି ସାହସ ? କାହା ଚାପରେ ଏଯାଏଁ ଚୁପ୍ ବସିଛନ୍ତି ? ୨୦୨୫ ଅକ୍ଟୋବର ୩ରେ ଦୁଇ ଦୁର୍ଦ୍ଦାନ୍ତ ବିହାରୀ ଅପରାଧୀ ରାଜା ସାହାଣୀ ଓ ମଧୁକାନ୍ତ କୁମାର ଚୌଦ୍ୱାର ସର୍କଲ ଜେଲ୍‌ରୁ ଫେରାର ହୋଇଯାଇଥିଲେ । ଏହା ପରେ ଗୋଟିଏ ପରେ ଗୋଟିଏ ବିବାଦ ସାମ୍ନାକୁ ଆସିଛି ।

## ୧୫୦୦ ଆଇଏସ୍ କଏଦୀ ଜେଲ୍‌ରୁ ଚମ୍ପଟ

ନୂଆଦିଲ୍ଲୀ,୨୦/୧ : ସିରିଆରେ ଇସଲାମିକ୍ ଷ୍ଟେଟ୍ (ଆଇଏସ୍‌ଆଇଏସ୍) କଏଦୀଙ୍କ ବଡ଼ ଧରଣର ପଳାୟନ ରିପୋର୍ଟ ଆଞ୍ଚଳିକ ସୁରକ୍ଷା ପ୍ରତି ଚିନ୍ତା ସୃଷ୍ଟି କରିଛି । କୁର୍ଦ୍ଦିସ୍ ୱେବସାଇଟ୍ ରୁଡାଓ ଦାବି କରିଛି ଯେ, ସିରିଆର ଶାଦ୍ଦାଦି ଜେଲ୍‌ରୁ ପ୍ରାୟ ୧,୫୦୦ ଇସଲାମିକ୍ ଷ୍ଟେଟ୍ କଏଦୀ ପଳାୟନ କରିଛନ୍ତି । କୁର୍ଦ୍ଦିସ୍ ନେତୃତ୍ୱାଧୀନ ସିରିଆନ୍ ଡେମୋକ୍ରାଟିକ୍ ଫୋର୍ସ (ଏସ୍‌ଡିଏଫ୍)ର ମୁଖପାତ୍ର ଫରହାଦ ଶାମି ଏହି ସୂଚନା ଦେଇଛନ୍ତି। ତେବେ ସିରିଆ ଗୃହ ମନ୍ତ୍ରଣାଳୟ ଏହି ସଂଖ୍ୟାକୁ ଖଣ୍ଡନ କରି କହିଛି, ଶାଦ୍ଦାଦି ଜେଲ୍‌ରୁ ୧୨୦ ଜଣ ଆଇଏସ୍ କଏଦୀ ଖସି ପଳାଇଛନ୍ତି । ମନ୍ତ୍ରଣାଳୟ ଅନୁଯାୟୀ, ଖସିଯିବା ପରେ, ସିରିଆନ୍ ସେନା ୟୁନିଟ୍ ଓ ସ୍ୱତନ୍ତ୍ର ବାହିନୀ ସହରରେ ସନ୍ଧାନ ଅଭିଯାନ ଚଳାଇଛନ୍ତି । ଏହି ଅଭିଯାନରେ ଏପର୍ଯ୍ୟନ୍ତ ୮୧ ଜଣ ପଳାୟନ କଏଦୀଙ୍କୁ ପୁନର୍ବାର ଗିରଫ କରାଯାଇଛି। ବାକି କଏଦୀଙ୍କ ସନ୍ଧାନ ଜାରି ରହିଛି। ଏହି ଘଟଣା ପୂର୍ବ ସିରିଆର ଶାଦ୍ଦାଦି ସହରରେ ଘଟିଛି। ଜେଲ୍ ଏସ୍‌ଡିଏଫ୍ ନିୟନ୍ତ୍ରଣରେ ରହିଛି। ପୂର୍ବରୁ, ସିରିଆ ସେନା ଏସ୍‌ଡିଏଫ୍ ବିରୋଧରେ

◆◆ପୃଷ୍ଠା ୭

## ବାହାର ରାଜ୍ୟକୁ ଚାଲାଣ ବେଳେ ୪ ନାବାଳକ ଉଦ୍ଧାର

ଭୁବନେଶ୍ୱର, ୨୦/୧ (ନି.ପ୍ର): ବାହାର ରାଜ୍ୟକୁ ଚାଲାଣ ବେଳେ ଆରପିଏଫ୍ ୪ ଜଣ ନାବାଳକଙ୍କୁ ଭୁବନେଶ୍ୱର ଷ୍ଟେସନ୍‌ରୁ ଉଦ୍ଧାର କରିଛି। ବାଙ୍ଗାଲୋର ଯାଉଥିବା ବେଳେ ଭୁବନେଶ୍ୱର ଷ୍ଟେସନରୁ ଖବର ପାଇ ଆରପିଏଫ୍ ବିଭିନ୍ନ ସାମାଜିକ ସଂଗଠନ ସହ ଟ୍ରେନ୍ ରେ ଅନୁଧାବନ କରିଥିଲା। ଟ୍ରେନ୍‌ଟି ଭୁବନେଶ୍ୱର ଛାଡ଼ିବା ମାତ୍ରେ ଅଧିକାରୀ ସାଧାରଣ ବଗିରେ ଚଢିଥିଲେ। ଅଧିକାରୀଙ୍କୁ ଦେଖି ଘଟଣାସ୍ଥଳରୁ ଦଲାଲ୍ ଫେରାର ହୋଇଯାଇଥିଲା।




ସୈରିନ୍ଧ୍ରୀ ସାହୁଙ୍କ ଲିଖିତ ସପ୍ତମ ଗଳ୍ପ ପୁସ୍ତକ
ମହାଭାବ ଓ
ସାଗରିକା ର
ପାଠକାର୍ପଣ



ମହାଶୟ/ ମହାଶୟା,
'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ଦ୍ୱାରା ପ୍ରକାଶିତ 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ସମ୍ପାଦିକା **ସୈରିନ୍ଧ୍ରୀ ସାହୁଙ୍କ** ସପ୍ତମ ଗଳ୍ପ ସଂକଳନ **'ମହାଭାବ'** ଏବଂ **'ସାଗରିକା'**ନୂଆବର୍ଷ-(ଜାନୁଆରୀ-୨୦୨୬)ସଂଖ୍ୟାର ଶୁଭଉନ୍ମୋଚନ ଆସନ୍ତା **ତା ୨୫/୦୧/୨୦୨୬ରିଖ ରବିବାର ପୂର୍ବାହ୍ନ ୧୦ ଘଟିକା** ସମୟରେ ବାଲେଶ୍ୱର ବି.ସି ସେନ୍ ରୋଡ ସ୍ଥିତ **ହୋଟେଲ ଫାଣ୍ଟାସି**ର ସଭାଗୃହ (ମିଶନ ପଡ଼ିଆ ସାମନା)ରେ ଅନୁଷ୍ଠିତ ହେବ ।
ଉକ୍ତ ଉତ୍ସବରେ ପୌରୋହିତ୍ୟ କରିବେ
- ଆମର ଉପଦେଷ୍ଟା ପୂର୍ବତନ ମନ୍ତ୍ରୀ **ଶ୍ରୀଯୁକ୍ତ ରଘୁନାଥ ମହାନ୍ତି**

ଆମର ଅତିଥି
- **ଡ. ଶ୍ରୀଧର ସାମଲ,** ସଂପାଦକ 'ମୌସୁମୀ'
- **ଶ୍ରୀଯୁକ୍ତ କୁଳମଣି ବାରିକ,** ବରିଷ୍ଠ ସାମ୍ବାଦିକ
- **ଡ. ନାରାୟଣ ପଣ୍ଡା,** ବିଶିଷ୍ଟ ଲେଖକ
- **ଶ୍ରୀଯୁକ୍ତ ବନମାଳୀ ସେନାପତି,** ସମ୍ପାଦକ 'ପରାଗ'
- **ଡ. କାଳୀପଦ ପଣ୍ଡା,** ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
- ଉତ୍ସବକୁ ସଂଯୋଜନା କରିବେ କବି **ମିତା ପଟ୍ଟନାୟକ**

ଏହି ସାରସ୍ୱତ ଉତ୍ସବରେ ଯୋଗଦେବା ନିମନ୍ତେ ଆପଣଙ୍କୁ ମୋର ସଶ୍ରଦ୍ଧ ନିମନ୍ତ୍ରଣ ।

ଆପଣଙ୍କ ଅପେକ୍ଷାରେ
ସୃଷ୍ଟିଧର ପରିଡା
ପରିଚାଳନା ସଂପାଦକ, ଧ୍ୱନି ପ୍ରତିଧ୍ୱନି ଓ ସାଗରିକା


## ଭାରତୀୟ ସେନାକୁ ନେଇ ମମତା ବାନାର୍ଜୀଙ୍କ ବୟାନ: ଆପତ୍ତି ଉଠାଇଲା ଭାରତୀୟ ସେନା



ନୂଆଦିଲ୍ଲୀ,୨୦/୧ : ଜଣେ ବରିଷ୍ଠ ସେନା ଅଧିକାରୀ ଫୋର୍ଟ ୱିଲିୟମରେ ଥିବା କମାଣ୍ଡ୍ ବେସ୍ ବ୍ୟବହାର କରୁଛନ୍ତି ଏବଂ ବିଜେପି ନିର୍ଦ୍ଦେଶରେ ଏସ୍‌ଆଇଆର୍ ଅଭ୍ୟାସରେ କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅଭିଯୋଗ ପରିପ୍ରେକ୍ଷୀରେ ଭାରତୀୟ ସେନାର ଇଷ୍ଟର୍ଣ୍ଣ କମାଣ୍ଡ ପଶ୍ଚିମବଙ୍ଗ ରାଜ୍ୟପାଳ ସିଭି ଆନନ୍ଦ ବୋଷଙ୍କ ହସ୍ତକ୍ଷେପ ଲୋଡ଼ିଛି । ଲୋକ ଭବନର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁସାରେ, କମାଣ୍ଡ ମୁଖ୍ୟାଳୟ ଫୋର୍ଟ ୱିଲିୟମର ଦୁଇଜଣ ସେନା ଜେନେରାଲ ଗତ ସପ୍ତାହରେ ରାଜ୍ୟପାଳ ବୋଷଙ୍କୁ ଭେଟି ଏକ ଚିଠି ଦାଖଲ କରିଥିଲେ ଯେଉଁଥିରେ ମମତା ବାନାର୍ଜୀଙ୍କ ମନ୍ତବ୍ୟକୁ ବିରୋଧ କରାଯାଇଛି। ଲୋକ ଭବନ ଅଧିକାରୀ କହିଛନ୍ତି ଯେ ବୋଷ ଏହି ଘଟଣାକୁ ଗମ୍ଭୀରତାର ସହ ନେଇଛନ୍ତି ଏବଂ ଏହା ଉପରେ କେନ୍ଦ୍ରର ଦକ୍ଷ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେନା ଅଧିକାରୀମାନେ ରାଜ୍ୟପାଳଙ୍କ ସହ କଥା ହୋଇ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିବା ଜଣାପଡ଼ିଛି। ଫୋର୍ଟ ୱିଲିୟମରେ ମୁତୟନ ଥିବା ଜଣେ ସେନା କମାଣ୍ଡାଣ୍ଟ ବିଜେପି ପାଇଁ କାର୍ଯ୍ୟ କରୁଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟରେ ସେନା ଅସନ୍ତୋଷ ପ୍ରକାଶ କରିଛି। ସମ୍ପୃକ୍ତ ଅଧିକାରୀଙ୍କ ପରିଚୟ ବିଷୟରେ ଅଧିକ ବିବରଣୀ ନ ଦେଇ ମୁଖ୍ୟମନ୍ତ୍ରୀ ଜାନୁଆରି ୧୩ରେ ଦାବି କରିଥିଲେ ଯେ, ରାଜ୍ୟରେ ଭୋଟର ତାଲିକାର ବିବାଦୀୟ ଏସ୍‌ଆଇଆର୍ ପରିପ୍ରେକ୍ଷୀରେ ସେନା କର୍ମଚାରୀମାନେ ରାଜନୈତିକ କାର୍ଯ୍ୟକଳାପ ପାଇଁ କମାଣ୍ଡ ବେସ୍ ବ୍ୟବହାର କରୁଛନ୍ତି। ସେ କହିଛନ୍ତି, ମୋ ପାଖରେ ସୂଚନା ଅଛି ଯେ ଫୋର୍ଟ ୱିଲିୟମର ଜଣେ କମାଣ୍ଡାଣ୍ଟ ବିଜେପିକୁ ସମର୍ଥନ ଦେବା ପାଇଁ ଏସ୍‌ଆଇଆର୍ ଉପରେ କାର୍ଯ୍ୟ କରୁଛନ୍ତି। ଏଭଳି କାର୍ଯ୍ୟକଳାପରୁ ନିବୃତ୍ତ ରହିବାକୁ ମୁଁ ସେମାନଙ୍କୁ ହାତ ଯୋଡ଼ି ଅନୁରୋଧ କରୁଛି ବୋଲି ମମତା ରାଜ୍ୟ ସଚିବାଳୟ ନବାନ୍ନରୁ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଗତ ସପ୍ତାହରେ ଲୋକ ଭବନରେ ହୋଇଥିବା ବୈଠକ ପରେ ଜଣାପଡୁଛି ଯେ ବଙ୍ଗଳା ରାଜ୍ୟପାଳ ଏହି ପରିପ୍ରେକ୍ଷୀରେ ଘଟଣାର ଗମ୍ଭୀରତାକୁ ପ୍ରତିରକ୍ଷା ମନ୍ତ୍ରାଳୟ ନଜରକୁ ଆଣିଛନ୍ତି। ସେ କ'ଣ କହିଛନ୍ତି ମୁଁ ପ୍ରଥମେ ନିଜେ ଯାଞ୍ଚ କରିବି। ଯଦି ଏହା କୌଣସି ସାମ୍ବିଧାନିକ ଔଚିତ୍ୟର ଉଲ୍ଲଂଘନ କରୁଛି, ତେବେ ମୁଁ ନିଶ୍ଚିତ ଭାବରେ ଏଥିରେ ହସ୍ତକ୍ଷେପ କରିବି ବୋଲି ବୋଷ କହିଛନ୍ତି। ମମତାଙ୍କ ମନ୍ତବ୍ୟକୁ ବିଜେପି ସମାଲୋଚନା କରିଛି।

# ରଥ ବିଶ୍ୱକର୍ମା ମହାରଣାଙ୍କୁ ସ୍ଥାୟୀ କାମ ଓ ସମ୍ମାନ ମିଳୁ

ପୁରୀ, ୨୦/୧ (ନି.ପ୍ର): ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମ ନିର୍ମାଣ କରୁଥିବା ଏବଂ ରଥ ନିର୍ମାଣରେ ନିୟୋଜିତ ରଥ ମହାରଣାମାନେ ନିଜର ଅସ୍ତିତ୍ୱ ଓ ସମ୍ମାନ ପାଇଁ ସରକାର ଓ ପ୍ରଶାସନ ଦ୍ୱାରା ଅବହେଳିତ ହୋଇଆସୁଛନ୍ତି। ଅଯୋଧ୍ୟାରେ ଶ୍ରୀରାମଙ୍କ ବିଗ୍ରହ ନିର୍ମାଣ କରି ସ୍ଥପତି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ ହେଉଥିବା ସମୟରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଦାରୁବିଗ୍ରହ ନିର୍ମାଣ କରୁଥିବା ବିଶ୍ୱକର୍ମା ମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ସ୍ୱୀକୃତି ଓ ସମ୍ମାନ ଦେବାକୁ କୁଣ୍ଠାବୋଧ କରୁଛନ୍ତି। ବିଶ୍ୱକର୍ମା ମାନଙ୍କ ରଥ ନିର୍ମାଣରେ ମିଳୁଥିବା ପ୍ରାପ୍ୟ ମଧ୍ୟ ଖୁବ୍ ନୈରାଶ୍ୟଜନକ।ରଥ ନିର୍ମାଣରେ ତିନି ରଥ ମହାରଣା, ଦଶ ମହାରଣା ଓ ଭାଇପୁଅମାନେ ନିଯୁକ୍ତ ହୋଇ ଶହ ଶହ ବର୍ଷ ଧରି ନିର୍ବିଘ୍ନରେ ସମର୍ପିତ ସେବା ଯୋଗାଇ ଦେଇ ଆସୁଛନ୍ତି। ରଥଯାତ୍ରା ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରି ଚାଲୁଥିବା ବେଳେ ରଥଯାତ୍ରାର ମୁଖ୍ୟ ସେବକ ମହାରଣାମାନଙ୍କୁ ସମ୍ମାନ ପ୍ରଦର୍ଶନ ଓ ପ୍ରାପ୍ୟ ଦେବାରେ ଶ୍ରୀମନ୍ଦିର ପ୍ରଶାସନ କୁଣ୍ଠାବୋଧ କରୁଛନ୍ତି। ରଥ ମହାରଣାମାନେ ଆର୍ଥିକ ଓ ସାମାଜିକ ଦୃଷ୍ଟିରୁ ବହୁତ ପଛରେ ପଡି ଯାଉଛନ୍ତି। ସେମାନଙ୍କ ପରିବାର ଚଳାଇବା, ପିଲାମାନଙ୍କ ପଢା ଖର୍ଚ୍ଚ ଓ ସ୍ୱାସ୍ଥ୍ୟ ସେବା ପାଇଁ ସେମାନଙ୍କୁ ବହୁ କଠିନ ସମସ୍ୟା ଦେଇ ଗତି କରିବାକୁ ପଡୁଛି। ତେଣୁ ଚଳିତ ରଥନିର୍ମାଣ ସମୟରେ ମୁଖ୍ୟମହାରଣାଙ୍କ ସମେତ ସମସ୍ତ ମହାରଣା ସେବକମାନଙ୍କୁ ଉଚିତ୍ ପ୍ରାପ୍ୟ ଦେବାକୁ ମହାରଣା ମାନଙ୍କ ପାରମ୍ପରିକ ସଂଗଠନ ଜବାବ ବିଶ୍ୱକର୍ମା ନିୟୋଗ ସରକାର ଓ ପ୍ରଶାସନ ନିକଟରେ ଦାବି କରିଛି। ରବିବାର ଦିନ ବାଲି ହରଚଣ୍ଡୀ ପୀଠରେ ନିୟୋଗର ଏକ ସ୍ୱତନ୍ତ୍ର ବୈଠକ ସଭାପତି ରତ୍ନାକର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଶଙ୍କର ମହାରଣା ବିବରଣୀ ପ୍ରଦାନ କରିଥିଲେ। ନ୍ୟାୟାଳୟ ଦ୍ୱାରା ଅଯୋଗ୍ୟ ଘୋଷିତ ରଥ ଅମିନ ଲକ୍ଷ୍ମଣ ମହାରଣାଙ୍କୁ ତୁରନ୍ତ ରଥ ଅମିନ ସେବାରୁ ନିବୃତ୍ତ ପାଇଁ ତିନି ରଥ ମହାରଣା ଓ ପ୍ରତିନିଧି ସଭାରେ ପ୍ରସ୍ତାବ ଦେଇଥିଲେ। ଏହି ବ୍ୟକ୍ତି ବଳଗଣ୍ଡିରେ ଥିବା ବିଶ୍ୱକର୍ମା ନିୟୋଗର ପଙ୍କ୍ତିଘରକୁ ମଧ୍ୟ ଦଖଲ କରି ରହିଥିବାରୁ ସଭାରେ ଘୋର ଉଦବେଗ ପ୍ରକାଶ ପାଇଛି। ତାହାକୁ ଜବରଦଖଲ ମୁକ୍ତ କରିବା ପାଇଁ ସମସ୍ତେ ଏକାଠି ହୋଇ ଶପଥ ନେଇଛନ୍ତି। ବିଶ୍ୱକର୍ମା ନିୟୋଗକୁ ଶ୍ରୀମନ୍ଦିର ପ୍ରଶାସନ ସ୍ୱୀକୃତି ଦେବାକୁ ସଭାରେ ଦାବି କରାଯାଇଛି। ଏଥିପାଇଁ ତିନି ମୁଖ୍ୟ ମହାରଣା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଅଭିଯୋଗ କରିବା ପାଇଁ ସଭାରେ ସର୍ବ ସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଛି। ଶ୍ରୀଜଗନ୍ନାଥଙ୍କ ସେବାରେ ନିଯୁକ୍ତ ବିଶ୍ୱକର୍ମା ସମାଜ ଅସ୍ତିତ୍ୱ ପାଇଁ ସଂଗ୍ରାମ କରିବା ଦୁଃଖ ଓ ପରିତାପର ବିଷୟ ବୋଲି ସଭାପତି ରତ୍ନାକର ମହାପାତ୍ର କ୍ଷୋଭ ପ୍ରକଟ କରିଛନ୍ତି। ସରକାର ଓ ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ବିଶ୍ୱକର୍ମା ନିୟୋଗ ବାର୍ସୀ- ନିହଣ- ମୁଗୁର ଛାଡ ଆନ୍ଦୋଳନ ଆପଣାଇ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ ହେବ ବୋଲି ଧର୍ମପଦ ମହାରଣା, ନୀଳକଣ୍ଠ ମହାରଣା, ରାଜକିଶୋର ମହାରଣା, ସୁବାସ ମହାରଣା ଓ ଉପଦେଷ୍ଟା ସୁରେନ୍ଦ୍ର କୁମାର ମହାରଣା ପ୍ରମୁଖ ଜଣାଇଛନ୍ତି। ବିଶ୍ୱକର୍ମାଙ୍କୁ ସହଯୋଗ କଲେ ଚଳିତ ବର୍ଷ ରଥନିର୍ମାଣ ପାଇଁ ଛବାଡ ବିଶ୍ୱକର୍ମା ନିୟୋଗ ସହଯୋଗ କରିବ। ଦାରୁବ୍ରହ୍ମ ନିର୍ମାଣ କରୁଥିବା ବିଶ୍ୱକର୍ମା ସମାଜ ସରକାର ଓ ପ୍ରଶାସନ ଦ୍ୱାରା ଅବହେଳିତ, ବିଶ୍ୱକର୍ମା ସମାଜ କ୍ଷୁବ୍ଧ ଅଛନ୍ତି। ଶ୍ରୀମନ୍ଦିରରେ ବିଶ୍ୱକର୍ମା ନିୟୋଗକୁ ମିଳୁ ସ୍ୱୀକୃତି, ଦାବିକଲା ଛବାଡ ବିଶ୍ୱକର୍ମା ନିୟୋଗ । ବଳଗଣ୍ଡିରେ ଥିବା ବିଶ୍ୱକର୍ମା ନିୟୋଗ ପଂକ୍ତିଘର ଜବରଦଖଲ ମୁକ୍ତ ପାଇଁ ଛବାଡ ବିଶ୍ୱକର୍ମା ନିୟୋଗ ନେଲା ଶପଥ। ନ୍ୟାୟାଳୟ ଦ୍ୱାରା ଅଯୋଗ୍ୟ ଘୋଷିତ ରଥ ଅମିନଙ୍କୁ ତୁରନ୍ତ ସେବା ନିବୃତ୍ତ ପାଇଁ ତିନି ରଥ ମୁଖ୍ୟ ମହାରଣା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ କରିବେ ଅଭିଯୋଗ। ଏହି ସଭାରେ ତିନିରଥ ମୁଖ୍ୟ ମହାରଣା ଯଥା ନାରାୟଣ ମହାରଣା, ନୃସିଂହ ମହାପାତ୍ର ଓ ବିଜୟ ମହାପାତ୍ର ଯୋଗଦାନ କରିଥିଲେ। ସଭାକୁ ଚବିଶିକୁଦ ବାଡ଼ ଆୟୋଜନ କରିଥିଲା। ଏଥିରେ ବ୍ରାହ୍ମଣ ବାଡ଼, ବଡବାଡ, ସାକ୍ଷୀଗୋପାଳ ବାଡ଼, ରାହାଙ୍ଗବାଡ, ଓଡବାଡ ଓ ଚବିଶିକୁଦ ବାଡ଼ ସମସ୍ତ ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଓ କର୍ମକର୍ତା ଯୋଗଦାନ କରିଥିଲେ। କୋଷାଧ୍ୟକ୍ଷ ପଦ୍ମଚରଣ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ବାସ୍ତବ ପରିବାରର ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାରିପଦା , ୨୦/୧ (ନି.ପ୍ର): ୧୯୭୫ ମସିହାରେ ମେଟ୍ରିକ ପାସ କରିଥିବା ଛାତ୍ରମାନେ ସମାଜର ବିଭିନ୍ନ କ୍ଷେତ୍ରରେ ନିଜ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି ଓ ତାଙ୍କ ଦ୍ୱାରା ଗଠିତ ବାସ୍ତବ ପରିବାରର ବାର୍ଷିକ ଉତ୍ସବ ବାରିପଦା ପୌରାଞ୍ଚଳ ଅନ୍ତର୍ଗତ ବିଜୟ ରାମଚନ୍ଦ୍ରପୁର ସ୍ଥିତ ଗୋବିନ୍ଦମ ଜଙ୍ଗଲ ରିସର୍ଟରେ ଅନୁଷ୍ଠିତ ହୋଇଯାଇଛି ଓ ୨୦୨୫ ମସିହାରେ ପରଲୋକ ଗମନ କରିଥିବା ସାଥି ଡଃ ବାର୍ସା ଟୁଡୁ, କୃଷି ବିଭାଗ ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ଉମେଶ ଦାସ ଓ ପ୍ରାଣୀ ଚିକିତ୍ସା ବିଭାଗର ଅବସରପ୍ରାପ୍ତ କର୍ମଚାରୀ ଗିରିଜା ଶଙ୍କର ଦାସଙ୍କ ଅମର ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା ଓ ସଭାପତି ରବୀନ୍ଦ୍ର ସାହୁ ସଂଗଠନର ବିଭିନ୍ନ ସେବାମୂଳକ କାର୍ଯ୍ୟ ଉପରେ




ଆଲୋକପାତ କରିଥିଲେ। ପ୍ରତିବର୍ଷ ମୟୂରଭଞ୍ଜ ଜିଲ୍ଲାରେ ମେଟ୍ରିକ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପରୀକ୍ଷାର୍ଥୀଙ୍କୁ ସୁନନ୍ଦନ ସ୍ମୃତି ପୁରସ୍କାର ବାବଦରେ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ସେ ଘୋଷଣା କରିଥିଲେ ଓ ସେହିପରି ସୁନନ୍ଦନଙ୍କ ସ୍ମୃତିରେ ଖୁଆଡ଼ ଉଚ୍ଚ ବିଦ୍ୟାଳୟକୁ ୫୦ ହଜାର ଟଙ୍କାର ପୁସ୍ତକ ଏବଂ ଏମ କେ ସି ଉଚ୍ଚ ବିଦ୍ୟାଳୟକୁ ପୁସ୍ତକ ପ୍ରଦାନ କରାଯିବବୋଲି ଶ୍ରୀ ସାହୁ କହିଥିଲେ ଓ ବାସ୍ତବ ପରିବାରର ଜମି ମିଳିବା ପରେ ଗୃହ ନିର୍ମାଣ ପାଇଁ ସମସ୍ତ ବ୍ୟୟ ସଦସ୍ୟ ନନ୍ଦଲାଲ ମିଶ୍ର ପ୍ରଦାନ କରିବେ ବୋଲି ପ୍ରକାଶ କରିଥିଲେ ଓ ସମ୍ପାଦକ ପ୍ରଦୀପ କିଶୋର ମହାନ୍ତି, ଉପ ସଭାପତି କଲ୍ୟାଣ କୁମାର ସିହ୍ନା, ସହ ସମ୍ପାଦକ ପ୍ରଦୀପ ପାଣିଗ୍ରାହୀ ଓ କୋଷାଧ୍ୟକ୍ଷ ସର୍ବତୋଷ ଦାଶ ବାସ୍ତବ ପରିବାରର ସଫଳତା ପାଇଁ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଥିଲେ ଓ ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଭାବେ ଶାନ୍ତନୁ କୁମାର ପାଢ଼ୀ, ସଭାପତି, ଚକ୍ରଧର ମହାପାତ୍ର ଉପ ସଭାପତି, ଅରୁଣ କୁମାର ପାତ୍ର, ସମ୍ପାଦକ, ଜୟନ୍ତ ସେନାପତି, ସହ ସମ୍ପାଦକ ଏବଂ ସର୍ବତୋଷ ଦାଶ କୋଷାଧ୍ୟକ୍ଷ ଭାବେ ନାମ ଘୋଷଣା କରାଯାଇଥିଲା ।

# ଟୁଷୁରା ଏନଏସି କ୍ଲଷ୍ଟରର ଶିକ୍ଷକମାନଙ୍କ ବୌଦ୍ଧ ବିହାର ଜିରାଙ୍ଗକୁ ଶୈକ୍ଷିକ ଭ୍ରମଣ

ବଲାଙ୍ଗିର, ୨୦/୧ (ନି.ପ୍ର): ଗୁଡଭେଲା ବ୍ଲକ୍ ଅନ୍ତର୍ଗତ ଟୁଷୁରା ଏନଏସି କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କନ୍ଧମାଳ, ଗଜପତି ଓ ଗଞ୍ଜାମ ଜିଲ୍ଲାକୁ ଶୈକ୍ଷିକ ଭ୍ରମଣ ହୋଇଛି। ସିଆରସିସି ଜଗମୋହନ ତ୍ରିପାଠୀଙ୍କ ନେତୃତ୍ୱରେ ଗତ ୧୭ ତାରିଖ ରାତି ୧୨ଟାରେ ଟୁଷୁରାରୁ ବାହାରି ପ୍ରଥମେ ଓଡ଼ିଶାର କାଶ୍ମୀର କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି, ପରେ ଗଞ୍ଜାମ ଜିଲ୍ଲାର ତପ୍ତପାଣି ଏବଂ ଗଜପତି ଜିଲ୍ଲାର ଖସଡା ଜଳପ୍ରପାତ ଓ ବୌଦ୍ଧ ବିହାର ଜିରାଙ୍ଗ ପରିଦର୍ଶନ କରିଥିଲେ। ଶିକ୍ଷକମାନଙ୍କ ପ୍ରତ୍ୟେକ୍ଷ ଅନୁଭୁତି ଶିଶୁ ମାନଙ୍କୁ ଶିକ୍ଷାଦାନ ସମୟରେ ସହଯୋଗ କରିବ ବୋଲି ଶ୍ରୀ ତ୍ରିପାଠୀ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏଥିରେ ଟୁଷୁରା ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡଃ. ହେମନ୍ତ କୁମାର ଦାଶ, ଟୁଷୁରା ବାଳିକା ନୋଡାଲ୍ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ଭୋଇ, କପସିଲା ପିଏମ୍ ଶ୍ରୀ ୟୁପି ସ୍କୁଲ୍ ର ପ୍ରଧାନ ଶିକ୍ଷକ ମନ୍ମଥ ରାଜହଂସ, ଧାନଘରା ୟୁପି ସ୍କୁଲ୍ ର ପ୍ରଧାନ ଶିକ୍ଷକ ଦୁତିଆ ସେଠ, ନଅଗାଁ କଲୋନି ପଡାର ପ୍ରଧାନ ଶିକ୍ଷକ ଚନ୍ଦ୍ରଧ୍ୱଜ ମେହେର ତଥା ୪୦ ଜଣ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ସଂପୂର୍ଣ୍ଣ ସହଯୋଗ କରିଥିଲେ।

## ସମାଜର ପୁରୋଧାଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର, ୨୦/୧ (ନି.ପ୍ର): କୁଲତା ସମ୍ବଲପୁର ପକ୍ଷରୁ ଦାନୀପାଲି ସ୍ଥିତ ରାମଚଣ୍ଡୀ ସେବା ସଦନ ଠାରେ କୃପାସିନ୍ଧୁ ଖମାରୀଙ୍କ ଅଧ୍ୟକ୍ଷତାରେ ସମାଜର ପୁରୋଧା ମାନଙ୍କ ଜନ୍ମ ମାସରେ ସ୍ମୃତିଚାରଣ କରାଯାଇଥିଲା। ପୂର୍ବତନ ବିଧାୟକ ମକରଧ୍ୱଜ ପ୍ରଧାନ, ନବୀନ ପ୍ରଧାନ ସାହିତ୍ୟକ ଭବାନୀ ଶଙ୍କର ପ୍ରଧାନ ଏବଂ ନାରୀ ନେତ୍ରୀ ଗହଳ ବାରିକ ପ୍ରମୁଖଙ୍କ ଜୀବନ ସଂଘର୍ଷ ଉପରେ ଆଲୋଚନା କରାଯାଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମାଜର ପୂର୍ବତନ ସଭାନେତ୍ରୀ ଯଶୋବନ୍ତୀ ନାଏକ ବିଶିଟେ ବ୍ୟକ୍ତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ ଜଟାଭୂଷଣ ସାହୁ,ଭକ୍ତବନ୍ଧୁ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ, ଭବାନୀଶ ଭୋଇ, ସରୋଜ ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି କୁଲତା ସମାଜର ଦେବୀ ପ୍ରସାଦ ଭୋଇ ପରିଚାଳନା କରିଥିବା ବେଳେ ଉପ ସଭାପତି ଦେବୋତମ ପ୍ରଧାନ, ସରୋଜ ପ୍ରଧାନ, ପ୍ରଦୀପ ସାହୁ, ଟଙ୍କଧର ବାରିକ, ଅଭିରାମ ଖମାରୀ, ଆନନ୍ଦ ପ୍ରଧାନ, ହାରାଧନ ପ୍ରଧାନ, କ୍ଷୀରୋଦ ପ୍ରଧାନ, ବାସୁଦେବ ଭୋଇ, ସୁବ୍ରତ ପ୍ରଧାନ, ସୁପ୍ରଭା ପ୍ରଧାନ, ବିରେନ୍ଦ୍ର ସାହୁ, ଦେବତମ ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।

# ନିତାଇଗୌର ଆଶ୍ରମରେ ସପ୍ତାହବ୍ୟାପି ମକରମେଳା ଅନୁଷ୍ଠିତ

ନୀଳଗିରି, ୨୦/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ତେଲିପାଳ ଗ୍ରା:ପ ଅଧୀନସ୍ଥ ବଣପାହାଡ଼ ଘେରା ନିତାଇଗୌର ଆଶ୍ରମ ପରିସରରେ ୭ଦିନ ବ୍ୟାପି ମକରମେଳା ଅନୁଷ୍ଠିତ ହୋଇଯାଇଛି। ଆଖପାଖ ଅଞ୍ଚଳ ଏବଂ ବିଭିନ୍ନ ସ୍ଥାନରୁ ହଜାର ହଜାର ଶ୍ରଦ୍ଧାଳୁ ମାନଙ୍କ ସମାଗମ ପରିଲକ୍ଷିତ ହୋଇଥିବା ବେଳେ ଉକ୍ତ ମକରମେଳାରେ ପ୍ରତିଦିନ ହୋମଯଜ୍ଞ, ସଂକୀର୍ତନ, ପ୍ରବଚନ, ଅନ୍ନଛତ୍ର ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ କାର୍ଯ୍ୟକ୍ରମ ରେ ଯୋଗଦେଇ ଉକ୍ତ ଆଶ୍ରମଟିକୁ ଓଡିଶା ପର୍ଯ୍ୟଟନ ବିଭାଗକୁ ହସ୍ତାନ୍ତର ସହିତ ପୀଠର ଉନ୍ନତିକରଣ ସହିତ ନିଜ ହାତପାଣ୍ଠି



ଅର୍ଥରାଶିରେ ଉନ୍ନୟନମୂଳକ କାର୍ଯ୍ୟ କରିବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ଉତ୍ସବର ଶେଷ ଦିନରେ ଇଡ଼କୋ ମହାପ୍ରବନ୍ଧକ ସରୋଜ ସେଠୀ ଯୋଗଦେଇ ପୀଠସ୍ଥଳୀର ଉନ୍ନତିପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦେବଭୂମି ବିକାଶ ପରିଷଦ ଦ୍ୱାରା ଚାଳିତ ଉକ୍ତ ଆଶ୍ରମର ମୁଖ୍ୟଉଦ୍ୟକ୍ତା ସୁଧାରଞ୍ଜନ ଦାସ, ସୁରେଶ ବେହେରା, ରମାକାନ୍ତ ବେହେରା, ଦିଲ୍ଲୀପ କୁମାର ବେହେରା, କୈଳାଶ ଚନ୍ଦ୍ର ମିଶ୍ର, ସତ୍ୟବ୍ରତ ଦାସ, ପୂଜକ ଚକ୍ରଧର ଶତପଥି, ପ୍ରଶାନ୍ତ କୁମାର ଶତପଥି,ସାଧୁବାବା ଦାଶରଥୀ ବାଗ, ଅବନୀ ବାଗ ପ୍ରମୁଖ ଏହି ୭ ଦିନ ବ୍ୟାପି ମକର ମେଳାକୁ ପରିଚାଳନାରେ ସହଯୋଗ କରିଥିଲେ।

## କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

କନ୍ଧମାଳ, ୨୦/୧ (ନି.ପ୍ର): କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ସଭା ଗୃହରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ ଉପସ୍ଥିତି ରହି ସାଧାରଣ ଲୋକଙ୍କ ୬୯ଟି ଅଭିଯୋଗ ଗ୍ରହଣ କରି ସମାଧାନ ପାଇଁ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ୫୩ଟି ବ୍ୟକ୍ତିଗତ ଓ ୧୬ଟି ଗୋଷ୍ଠୀଗତ ସମସ୍ୟା ସମ୍ବଳିତ ଅଭିଯୋଗ ଆସିଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ ହରିଶ୍ ବିସି, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ବାଲିଗୁଡ଼ା ଉପ ଜିଲ୍ଲାପାଳ ପ୍ରଣୀତା ଦାଶ, ବାଲିଗୁଡ଼ା ଆଇଟିଡିଏ ପିଏ କୃପାସିନ୍ଧୁ ବେହେରା, ସିଡିଏମଓ ଡାକ୍ତର ସନ୍ତୋଷ କୁମାର ପାଢ଼ୀ ପ୍ରମୁଖଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ଯୋଗ ଦେଇ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ବିଡ଼ିଓ ଶୁଭ୍ରାଞ୍ଜଳୀ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଶୋଭମ ମହାପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ପ୍ରିୟବ୍ରତ ପାଣିଗ୍ରାହୀ, ମୃତିକା ସଂରକ୍ଷଣ ଅଧିକାରୀ ରବି ନାରାୟଣ ଭୂୟାଁ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ବୁରୁମାଝୀ ପତ୍ରା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ବିଭୁଦତ ବିଶ୍ୱାଳ,ବନାଂଚଳ ଅଧିକାରୀ ରମାକାନ୍ତ କହଁର, ବନପାଳ ଶୁଶାନ୍ତ କୁମାର ବୈଶାଖୀ,ଜିପିଇଓ ସ୍ମୃତି ସାଗର ପ୍ରଧାନ, ସିଡ଼ିପିଓ ସୋନିଆ ହେମ୍ବ୍ରମ, ପିଇଓ ଅନିଲ କୁମାର ପଟ୍ଟନାୟକ, ସିପି ରାକେଶ କୁମାର ସାହୁଙ୍କ ସମେତ ଜିଲ୍ଲା ଓ ବ୍ଲକର ସମସ୍ତ ପଦାଧିକାରୀମାନେ ଯୋଗ ଦେଇଥିଲେ।

# ନାରାରେ ସବୁଜ ପରିବେଶ, ଅଳିଆ ଆବର୍ଜନାରେ ନର୍କ ପାଲଟିଛି ଏମ୍‌ଭି-୭୯ର ପ୍ରବେଶ ପଥ

ମାଲକାନଗିରି, ୨୦/୧ (ନି.ପ୍ର): ସ୍ୱଚ୍ଛ ଭାରତ, ସବୁଜ ପରିବେଶ- ନାରା ଉଚ୍ଚାରଣରେ ସରକାର ଓ ପ୍ରଶାସନ ଯେତେ ଆଗୁଆ, ବାସ୍ତବ ଚିତ୍ର ତାହାର ସଂପୂର୍ଣ୍ଣ ବିପରୀତ। କାଲିମେଲା ବ୍ଲକ୍ ଅନ୍ତର୍ଗତ ଏମ୍‌ଭି– ୭୯ ଗ୍ରାମକୁ ପ୍ରବେଶ କରିବା ପ୍ରମୁଖ ରାସ୍ତା ଏବେ ଅଳିଆ ଆବର୍ଜନାର ଢେରରେ ପରିଣତ ହୋଇଛି। ଏମଭି–୧୨୭ ଗ୍ରାମରୁ ଏମ୍‌ଭି–୭୯କୁ ଯୋଗାଯୋଗ କରୁଥିବା ଏହି ରାସ୍ତାର ଉଭୟ ପାର୍ଶ୍ୱରେ ପ୍ଲାଷ୍ଟିକ, ଘରୋଇ ଆବର୍ଜନା ଓ ବସ୍ତା ବସ୍ତା ଅଳିଆ ପଡ଼ିରହିଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ସକାଳବେଳେ ପ୍ରାତଃଭ୍ରମଣ କିମ୍ବା ଦୈନନ୍ଦିନ ଯାତାୟାତ ସମୟରେ ଏହି ରାସ୍ତାଦେଇ ଯିବା ଅସହ୍ୟ ହୋଇପଡୁଛି। ତୀବ୍ର ଦୁର୍ଗନ୍ଧରୁ ନାକରେ ରୁମାଲ ଦେଇ ଚାଲିବାକୁ ପଡୁଛି। ଅବ୍ୟବସ୍ଥା ଯୋଗୁ ଏହି ପ୍ରବେଶ ପଥ ଏକ ପ୍ରକାର 'ଡମ୍ପିଂ ଜୋନ୍'ର ଆକାର ନେଇଛି। ଖାଲି ଜାଗା ଦେଖି ନିର୍ବିଘ୍ନରେ ଅଳିଆ ପକେଇ ଯାଉଥିବା ପ୍ରବୃତି ଯୋଗୁ ଦିନକୁ ଦିନ ପରିସ୍ଥିତି ଆହୁରି ଭୟାବହ ହେଉଛି। ଶୀତ ଋତୁରେ ଯଦି ଏହି ଅବସ୍ଥା, ତେବେ ଆସନ୍ତା ବର୍ଷା ଦିନରେ ଡ୍ରେନ୍ ବନ୍ଦ ହୋଇ ଜଳାବଦ୍ଧତା ସୃଷ୍ଟି ହେବାର ଆଶଙ୍କାକୁ ନେଇ ଗ୍ରାମବାସୀ ଆତଙ୍କିତ। ସ୍ଥାନୀୟ ସୂତ୍ର ଅନୁଯାୟୀ, ଘରୋଇ ଆବର୍ଜନା ସହ ସନ୍ଧ୍ୟା ପରେ ନିକଟସ୍ଥ ହୋଟେଲ୍, ମାଛ ଦୋକାନ, ମାଂସ ଦୋକାନ ଓ କିଛି ବ୍ୟବସାୟିକ ପ୍ରତିଷ୍ଠାନର ଅଳିଆ ମଧ୍ୟ ଏହି ସ୍ଥାନରେ ଫିଙ୍ଗାଯାଉଛି। ଏପରିକି ନିକଟରେ ଥିବା ମଶାଣି ପାଖକୁ ମଧ୍ୟ ଅଳିଆ ଫିଙ୍ଗାଯାଉଥିବା ଅଭିଯୋଗ ମିଳିଛି। ଅନ୍ୟପଟେ, ସନ୍ଧ୍ୟା ହେଲେ ଏହି ଅଂଚଳ ଅସାମାଜିକ ତତ୍ତ୍ୱଙ୍କ ଆଡାସ୍ଥଳୀରେ ପରିଣତ ହେଉଛି। ଅନ୍ଧାରିଆ ଓ ଅବ୍ୟବସ୍ଥିତ ପରିବେଶର ସୁଯୋଗ ନେଇ କିଛି ଯୁବକ ନିଶାପାନ, ମାରପିଟ୍ ଓ ଗଣ୍ଡଗୋଳ କରୁଥିବା ନେଇ ଅଭିଯୋଗ ଆସୁଛି। ରାତି ହେଲେ ଅପରାଧୀୟ କାର୍ଯ୍ୟକଳାପ ଘଟିବା ଆଶଙ୍କାକୁ ନେଇ ଅଂଚଳବାସୀ ଭୟରେ ଅଛନ୍ତି। ଏହି ଗୁରୁତର ସମସ୍ୟା ଉପରେ ପ୍ରଶାସନ ତୁରନ୍ତ ଧ୍ୟାନ ଦେଇ ଅଳିଆ ସଫା, ନିୟମିତ ନିରୀକ୍ଷଣ ଓ ସଚେତନତା ମୂଳକ କାର୍ଯ୍ୟକ୍ରମ ହାତକୁ ନେବାକୁ ଅଂଚଳବାସୀ ଦାବି କରିଛନ୍ତି।

# ବିଦ୍ୟୁତ ସଟସର୍କିଟରେ ଦୁଇବଖରା ଭସ୍ମୀଭୂତ

ନୀଳଗିରି, ୨୦/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ସିଆଡିମାଳ ଗ୍ରାମପଞ୍ଚାୟତ ବାବନ୍ଧ ଗ୍ରାମର ପ୍ରଶାନ୍ତ ବେହେରାଙ୍କ ଘର ଗତ ୧୮ତାରିଖ ରବିବାର ରାତିପ୍ରାୟ ୮ ଘଟିକା ସମୟରେ ସପରିବାର ଘରେ ଥିବା ବେଳେ ହଠାତ୍ ବିଦ୍ୟୁତ ସଟସର୍କଟ ସଂସ୍ପର୍ଶରେ ଆସି ଦୁଇବଖରା ସମ୍ପୂର୍ଣ୍ଣ ପୋଡି ଭସ୍ମିଭୁତ ହେଇଯାଇଛି। ନିଆଁର ପ୍ରକୋପ ଏତେ ପ୍ରଖରଥିଲା ଯେ ନିଆଁକୁ ଆୟତ କରିବାପାଇଁ କେହିବି ଗ୍ରାମବାସୀ ସାହସ କରିପାରି ନଥିଲେ। ଖବରପାଇ ନୀଳଗିରି ଅଗ୍ନିଶ୍ରମ ବିଭାଗ ସଦଳବଳେ ପହଞ୍ଚି ନିଆଁକୁ ଆୟତ କରିଥିଲେ ହେଁ ସେତେବେଳକୁ ଜଳି ପୋଡି ସବୁକିଛି ପାଉଁଶ ହୋଇଯାଇଥିଲା। ଏଥିରେ ଘରର ସମସ୍ତ ଆସବାପତ୍ର, ଧାନ ଚାଉଳ, ଜରୁରୀ କାଗଜାତ, ଲୁଗାପଟା ଜଳିପୋଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଖବରପାଇ ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ପ୍ରଶାନ୍ତଙ୍କ ଘରେ ପହଞ୍ଚିଥିବାବେଳେ ତମ୍ଭୁ, ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ପରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଦିବ୍ୟଜ୍ୟୋତି ଦାସଙ୍କୁ ଯୋଗାଯୋଗ କରି ସରକାରୀ ସାହାଯ୍ୟ ଯୋଗାଦେବାକୁ ଅନୁରୋଧ କରିଥିଲେ। ଆରଆଇ ଦିବ୍ୟଜ୍ୟୋତି ଦାସ ଅଗ୍ନିବିପନ୍ନଙ୍କ ଘରେ ପହଞ୍ଚି ପଲିଥିନ ଦେଇଥିବା ସୂଚନା ମିଳିଛି। ସିଆଡିମାଳ ପଞ୍ଚାୟତର ସରପଞ୍ଚ ସୁରଥ ସିଂ, ସମିତିସଭ୍ୟ ରାଜୀବ ଦାସବାବୁ, ନାଏବ ସରପଞ୍ଚ ସାବିତ୍ରୀ ବେହେରା, ସଜନାଗଡ଼ ଲ୍ୟାମ୍ପର ସଭାପତି ନରେନ୍ଦ୍ର ବେହେରା, ମଥୁରା ବେହେରା,ମଙ୍ଗୁଲୁ ସିଂ ପ୍ରମୁଖ ଗ୍ରାମବାସୀ ଉପସ୍ଥିତରହି ବିପନ୍ନ ପରିବାରକୁ ଆଶ୍ୱାସନା ଦେବସହ ତୁରନ୍ତ ସରକାରୀ ସହାୟତା ପାଇଁ ଦାବୀ କରିଛନ୍ତି।



# ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା, ୨୦/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକରେ ଅଭିଯୋଗ ଶୁଣାଣୀ ଶିବିର ପରେ ଅପରାହ୍ନରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଭୋଜପୁର ଗ୍ରାମ ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଜିଲ୍ଲାପାଳଙ୍କ ସହିତ ବନଖଣ୍ଡ ଅଧିକାରୀ ଖଡ଼ିଆଳ, ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ସିଡିଏମ୍ ଓ ଡଃ ଦ୍ୱାରିକାନାଥ ଶତପଥୀ, ବିଡ଼ିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଡ଼ବା, ସ୍ଥାନୀୟ ସରପଂଚ କୁଳମଣି ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ପଂଚାୟତରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାରୋହରେ ଜିଲ୍ଲାପାଳ ଶିଶୁ କନ୍ୟାକୁ ଆଶିର୍ବାଦ ସହିତ ଉପହାର ପ୍ରଦାନ କରି ଥିଲେ। ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଛଅ ଜଣ ଗର୍ଭବତୀ ମହିଳାଙ୍କୁ ଏହି ସମାରୋହରେ ଫଳମୂଳ, ପନିପରିବା, ପୃଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଅତିଥିମାନେ ଭେଟି ଦେଇଥିଲେ। ଏହାପରେ ଜିଲ୍ଲାରୁ ପ୍ରବାସୀ ଶ୍ରମିକ ସମସ୍ୟା ଦୂର କରିବା ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ମିଳନ ଝାଙ୍କର ସ୍ୱାଗତ ସମ୍ଭାଷଣ ଦେଇଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧରୁଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଭାରେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଜନ ସାଧାରଣଙ୍କୁ ନିଜ ନିଜ ବିଭାଗର ଜନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ପ୍ରବାସୀ ଶ୍ରମିକ ପ୍ରଥାର ଅପକାରୀତା ଓ ଏହାକୁ କିଭଳି ଭାବେ ନିରାକରଣ କରାଯାଇ ପାରିବ ସେ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହାସହିତ ନୂଆପଡ଼ା ଥରେ ମାତ୍ର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଘୋଷିତ ହୋଇଥିବାରୁ ଏସବୁର ବ୍ୟବହାର ନକରିବାକୁ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଏହା ସହିତ ବିବାହ ତଥା ପର୍ବ ପର୍ବାଣୀରେ ପ୍ଲାଷ୍ଟିକ ଖଲି ଦନା ଗ୍ଲାସ୍ ଇତ୍ୟାଦିର ବ୍ୟବହାର ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲାପାଳ ଏକ ବର୍ତନ ବ୍ୟାଙ୍କର ଉଦ୍‌ଘାଟନ କରିଥିଲେ। ଜିଲ୍ଲାପାଳ ସମସ୍ତଙ୍କୁ ସମ୍ବୋଧନ କରି କହିଲେ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ସୁବିଧା ସୁଯୋଗ ମିଳୁଥିବାରୁ ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନଯିବା ପାଇଁ ସମସ୍ତେ ପଣ କରନ୍ତୁ। ଜିଲ୍ଲା ପ୍ରଶାସନ ସମସ୍ତ ଶ୍ରମିକମାନଙ୍କୁ ଖାଦ୍ୟ, ଉତମ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ସୁବିଧା ସହିତ ଜୀବନ ଜୀବିକା ନିର୍ବାହ ପାଇଁ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ପଦକ୍ଷେପ ନେଉଛନ୍ତି। ସମସ୍ତେ ମିଶି ନୂଆପଡ଼ାକୁ ପ୍ରବାସୀ ଶ୍ରମିକ ଏବଂ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସଭାରେ ଶ୍ରେଷ୍ଠ ଶ୍ରୋତା, ସଫେଇ କର୍ମଚାରୀ, ମନରେଗା ଯୋଜନାରେ ଅଧିକ ଦିନ କାମ କରିଥିବା ଶ୍ରମିକ, ଶ୍ରେଷ୍ଠ ଛାତ୍ରୀ, ଖେଳାଳୀ, କଳାକାର ଇତ୍ୟାଦିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ତଥା କଳାକାର କୁନାଲ ଚରଣ ବେହେରା ଓ ସାଥୀ ପରିବେଶ ସୁରକ୍ଷା ତଥା ପ୍ରବାସୀ ଶ୍ରମିକ ସଚେତନତା ପାଇଁ ପାଲା ପରିବେଷଣ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀମାନେ ସୁନ୍ଦର ନୃତ୍ୟଗୀତ ପରିବେଷଣ କରିଥିଲେ।

# ସେଲ୍, ଆରଏସପିର ଡ଼ିଆଇସି ଶ୍ରୀ ଆଲୋକ ବର୍ମାଙ୍କ ଦ୍ୱାରା ଜଳଦା 'ସି' ବ୍ଲକରେ ସିଏସଆର ପଦକ୍ଷେପ ଗୁଡ଼ିକର ସମୀକ୍ଷା

ରାଉରକେଲା, ୨୦/୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡ଼ିଆଇସି) ଶ୍ରୀ ଆଲୋକ ବର୍ମା ଏବଂ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର ଜଳଦା 'ସି' ବ୍ଲକ ପରିଦର୍ଶନ କରି ଉକ୍ତ ଅଞ୍ଚଳରେ ଚାଲୁଥିବା ସିଏସଆର କାର୍ଯ୍ୟକଳାପର ସମୀକ୍ଷା କରିଥିଲେ। ଏହି ପରିଦର୍ଶନରେ ତାଙ୍କ ସହିତ ସିଏସଆର ବିଭାଗର ଜିଏମ୍ ଇନ-ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ସିଏସଆର ବିଭାଗର ଜିଏମ୍ ଶ୍ରୀ ବିଭାବସୁ ମଲିକ ଏବଂ କାରଖାନାର ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜଳଦା ଗ୍ରାମ ପଞ୍ଚାୟତର ପ୍ରତିନିଧି ଶ୍ରୀ ଇଗ୍ନେସ୍ ଖାଡିଆ ଏବଂ ଶ୍ରୀ ଯତ୍ରୁ ଓରାମ



ଡ଼ିଆଇସିଙ୍କୁ ଗ୍ରାମର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକଳାପ ବିଷୟରେ ସୂଚନା ଦେଇଥିଲେ।

ପରିଦର୍ଶନ ସମୟରେ, ଡ଼ିଆଇସି ପୁନର୍ବାସ କଲୋନୀର ବାସିନ୍ଦାମାନଙ୍କୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ସୁବିଧାଗୁଡ଼ିକର ସମୀକ୍ଷା କରିଥିଲେ ଏବଂ ସ୍ଥାନୀୟ ସମ୍ପ୍ରଦାୟର ଜୀବନଧାରଣର ଗୁଣବତ୍ତା ଉନ୍ନତ କରିବାରେ ଏହାର ପ୍ରଭାବଶାଳୀତା ମୂଲ୍ୟାଙ୍କନ କରିଥିଲେ। ଡିଆଇସି ଉଷା ସିଲେଇ ଏବଂ ଗ୍ରାମ ଉତ୍ଥାନ ସହଯୋଗରେ ଜଳଦାରେ ଆରଏସପିର ସିଏସଆର ପଦକ୍ଷେପ ଅଧୀନରେ ପ୍ରତିଷ୍ଠିତ ତାଲିମ-ସମ-ଉତ୍ପାଦନ କେନ୍ଦ୍ର (ଟିସିପିସି) ପରିଦର୍ଶନ କରିଥିଲେ। ସେ କେନ୍ଦ୍ରରେ କାର୍ଯ୍ୟରତ ମହିଳାମାନଙ୍କ ସହିତ ଆଲୋଚନା କରିବା ସହିତ ଦକ୍ଷତା ବିକାଶ ଏବଂ ଜୀବିକା ନିର୍ବାହରେ ସେମାନଙ୍କର ପ୍ରୟାସକୁ ପ୍ରଶଂସା କରିଥିଲେ। ଡ଼ିଆଇସି ଏପରି ପଦକ୍ଷେପର ନିରନ୍ତର ସଫଳତା ପାଇଁ ସମସ୍ତ ସମ୍ଭାବ୍ୟ ସମର୍ଥନର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଗସ୍ତର ଅଂଶ ସ୍ୱରୂପ, ଡ଼ିଆଇସି ଏହି ଅଞ୍ଚଳରେ କ୍ରୀଡା ଏବଂ ଯୁବ ସମ୍ପର୍କକୁ ଉତ୍ସାହିତ କରିବା ପାଇଁ ଜଳଦା ଫୁଟବଲ୍ ଗ୍ରାଉଣ୍ଡକୁ ମଧ୍ୟ ପରିଦର୍ଶନ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ଗସ୍ତ ପାର୍ଶ୍ୱାଞ୍ଚଳରେ ସାମୁଦାୟିକ କଲ୍ୟାଣ ଏବଂ ସ୍ଥାୟୀ ବିକାଶ ପ୍ରତି ଆରଏସପିର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଥିଲା।

# ପଦ୍ମମୁଖରେ ହସିବେ ଦିଅଁ



## ପୁଷ୍ପମିତ୍ର ମହାପାତ୍ର

ପଦ୍ମବେଶ ଏକ ଭାବମୂଳକ ବେଶ। ମାଘ ଆମାବାସ୍ୟା ପରେ ବସନ୍ତ ପଞ୍ଚମୀ ପୂର୍ବରୁ ପଡୁଥିବା ବୁଧବାର ବା ଶନିବାରଦିନ ଏହି ବେଶ କରାଯାଇଥାଏ। ଚଳିତ ବର୍ଷ ବୁଧବାର ଦ୍ୱିତୀୟ ଧନିଷ୍ଠା ନକ୍ଷତ୍ରରେ ଏହା ପଡୁଛି। ବର୍ଷକରେ କେବଳ ଏହି ଗୋଟିଏ ଦିନ ମହାପ୍ରଭୁ ପଦ୍ମବେଶରେ ହିଁ ପହୁଡ଼ ଯାଆନ୍ତି। ବଡ଼ସିଂହାର ବେଶ ହୁଅନ୍ତି ନାହିଁ। କେତେକ ଗବେଷକଙ୍କ ମତରେ ଏହି ବେଶର ପ୍ରବର୍ତ୍ତକ ହେଉଛନ୍ତି ବଡ଼ଛତା ମଠର ସନ୍ଥ ରଘୁବର ଦାସ। କିମ୍ବଦନ୍ତୀ ଅନୁଯାୟୀ, ଉତ୍କଳ ଠାରୁ ଶହ ଶହ ମାଇଲ ଦୂରରେ ଥିଲେ ଜଣେ ହିନ୍ଦୀ ଭାଷୀ ସାଧୁ। ତାଙ୍କର ନାମ ଥିଲା ମନୋହର ଦାସ। ଏକଦା ମହାତ୍ମା ମନୋହର ଦାସ ଜଗନ୍ନାଥଙ୍କୁ ଦର୍ଶନ କରିବା ଉଦ୍ଦେଶ୍ୟରେ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ। ତାଙ୍କର ପ୍ରବଳ ଆକାଂକ୍ଷା ଥିଲା ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ। ଦୀର୍ଘ ଦିନ ପାଦରେ ଚାଲି ଚାଲି ଅନେକ ଜଙ୍ଗଲ, ପାହାଡ଼, ନଈ, ରାସ୍ତା ଅତିକ୍ରମ କରି ଶାରୀରିକ ପୀଡ଼ା ସତ୍ତ୍ୱେ ସେ ଅବିଚଳିତ ଭାବେ ଆଗେଇ ଚାଲିଥାନ୍ତି।

ପଥ ମଧ୍ୟରେ ରାତ୍ରି ହୋଇଗଲେ କୌଣସି ମନ୍ଦିର, ମଠ, ଆଶ୍ରମ କିମ୍ବା ବୃକ୍ଷ ତଳେ ବିଶ୍ରାମ ନିଅନ୍ତି। ପଦବ୍ରଜରେ ଯାଉଥିବା ବେଳେ ସାଧୁଙ୍କୁ ଥରେ ଭୀଷଣ ଶୋଷ ହେଲା। ପାଖରେ କୌଣସି ଗ୍ରାମ କିମ୍ବା ଜଳାଶୟ ନଥିଲା। କିଛି ପଥ ଅତିକ୍ରମ କରିବା ପରେ ହଠାତ୍ ତାଙ୍କର ଦୃଷ୍ଟିଗୋଚର ହେଲା ଗୋଟିଏ ପୁଷ୍କରିଣୀ ମଧ୍ୟରେ ଅନେକ ପଦ୍ମ ଫୁଲ ଫୁଟିଛି। ସେ ତାହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। କାରଣ ଶୀତଦିନରେ ପଦ୍ମ ଫୁଲ ଫୁଟିବା ସମ୍ଭବ ନୁହେଁ। ସେ ମନେ ମନେ ଜଗନ୍ନାଥଙ୍କୁ ସୁମରଣା କରି ପାଣି ପିଇ ପ୍ରଭୁଙ୍କ ନିମନ୍ତେ ପୁଷ୍କରିଣୀରେ ଫୁଟିଥିବା ପଦ୍ମ ପୁଷ୍ପକୁ ତୋଳି ନିକଟରେ ଥିବା ଏକ ମଇଳା ଗାମୁଛାରେ ନେଇଥିଲେ। ମାଘ ମାସ ଅମାବାସ୍ୟା ଦିନ ସେ ଶ୍ରୀମନ୍ଦିରରେ ପହଞ୍ଚି ପଦ୍ମଫୁଲ ଗୁଡ଼ିକୁ ଶ୍ରୀଜୀଉ ମାନଙ୍କ ଚରଣାବିନ୍ଦରେ ଲାଗି କରିବା ପାଇଁ ଅନୁରୋଧ କଲେ। ମଇଳା ଗାମୁଛାରେ ଥିବା ଶୁଷ୍କ ପଦ୍ମ ଫୁଲକୁ ଦେଖି ପଣ୍ଡା ଏହା ଠାକୁରଙ୍କୁ ଲାଗି ହୋଇପାରିବ ନାହିଁ କେହି ତିରସ୍କାର କଲେ। ଏଘଟଣାରେ ଭକ୍ତ ମନୋହର ଦୁଃଖ ଓ ଅପମାନରେ ମ୍ରିୟମାଣ ହୋଇ ତଳେ ପଡ଼ିଥିବା ଫୁଲ ସବୁ ଗୋଟାଇ ଶ୍ରୀମନ୍ଦିରରୁ ପଳାଇ ଆସି ବଡ଼ଛତା ମଠ ନିକଟରେ ଜଗନ୍ନାଥଙ୍କୁ ସ୍ମରଣ କରି ମୂର୍ଚ୍ଛିତ ହୋଇପଡ଼ିଲେ। ସେହିଦିନ ଜଗନ୍ନାଥ ମହାପ୍ରଭୁ ସ୍ୱପ୍ନାଦେଶରେ ଗଜପତି ମହାରାଜାଙ୍କୁ କହିଲେ; ମନୋହର ଆଣିଥିବା ପଦ୍ମ ପୁଷ୍ପରେ ହିଁ ଆଜି ମୋର ବଡ଼ସିଂହାର ବେଶ ହେବ। ପଦ୍ମ ଚାଉଳରେ ଖିରି ଭୋଗ କରି ସେହି ସାଧୁଙ୍କୁ ସେବନ କରାଇ ତାଙ୍କର ଜୀବନ ରକ୍ଷା କର। ଭକ୍ତ ପ୍ରବର ସାଧୁ ମନୋହର ଦାସ ଶ୍ରୀଜଗନ୍ନାଥଙ୍କୁ ପଦ୍ମ ପୁଷ୍ପ ପ୍ରଦାନର କିମ୍ବଦନ୍ତୀ ମୂଳକ ଆଖ୍ୟାନ ଅନୁକ୍ରମେ ମାଘ ମାସରେ ଏହି ବେଶରେ ଜଗନ୍ନାଥ ମହାପ୍ରଭୁ ସୋଲରେ ନିର୍ମିତ ପଦ୍ମପୁଷ୍ପ ପରିହିତ ହୋଇଥାନ୍ତି। ଏହି ଦେବଦୁର୍ଲ୍ଲଭ ବେଶ ଦର୍ଶନ କରିବା ପାଇଁ ପୁରୀ ଶ୍ରୀମନ୍ଦିରକୁ ଲକ୍ଷ ଲକ୍ଷ ଭକ୍ତଙ୍କ ଆଗମନ ହୋଇଥାଏ।

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ସେକ୍ଟର-୬, ସିଡିଏ, କଟକ,
ମୋ: ୯୪୩୭୨୨୫୬୮୯

# ସରକାରୀ ରାଜସ୍ୱ ଆଦାୟ ପାଇଁ ପ୍ରଦୂଷଣ ସାର୍ଟିଫିକେଟ ଫନ୍ଦି



## ଯୁଧିଷ୍ଠିର ମହାରଣା

ଲୋକମାନଙ୍କର ବର୍ତ୍ତମାନ ସମୟରେ ସବୁଠାରୁ ବଡ଼ ଟେନସନ କ'ଣ ଜାଣିଛନ୍ତି, ଗାଡ଼ି କାଢ଼ୁଥିଲେ ଶହେଥର ଭାବିଚିନ୍ତି ଗାଡ଼ି କାଢ଼ନ୍ତୁ। କାରଣ କେତେବେଳେ କେଉଁ ପ୍ରକାରର ବି ଜୋରିମାନା ମୋବାଇଲ ମେସେଜକୁ ଆସିପାରେ ଯଦିଓ କିଛି ଦିନ ତଳେ ମନ୍ତ୍ରୀଙ୍କ ଘୋଷଣାକ୍ରମେ ଏହା ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଟଳି ଯାଇଛି ତେବେ ସବୁଠାରୁ ବଡ଼ କଥା ହେଉଛି ସରକାର ଯେଉଁପରି ଭାବେ ପ୍ରଦୂଷଣକୁ ନେଇ ଏକ ରକମର ଜୋର ଦମ୍ ଲଗାଇ ଦେଇଛନ୍ତି ସେହି ଭାବରେ ନିଜେ ଯେଉଁ ପ୍ରଦୂଷଣ କରୁଛନ୍ତି ତାହା ପାଇଁ ସାଧାରଣ ଜନତାଙ୍କୁ ଜୋରିମାନା ଦେଉଛନ୍ତି କି? ପ୍ରଦୂଷଣ ନିୟନ୍ତ୍ରଣ ବାହାନାରେ ସାଧାରଣ ଜନତାଙ୍କ ଉପରେ ବିଭିନ୍ନ ବାଟରେ ଜରିମାନା ସରକାର କଷୁଛନ୍ତି। କିନ୍ତୁ ଖୋଦ ସରକାରଙ୍କ ଦ୍ୱାରା ଯେଉଁ ପରିବେଶ ପ୍ରଦୂଷଣ ଚରମ ସୀମାରେ ପହଞ୍ଚିଛି ତାହା ପାଇଁ ପ୍ରତିକ୍ରିୟା ସୃଷ୍ଟି ହେଉଛି। ସହର ରାସ୍ତାରେ ବହଳ ବହଳ ଧୂଳି, ପରିବେଶକୁ ବିଗାଡ଼ି ଚାଲିଛି। ରାସ୍ତାରେ ଯେଉଁ ପ୍ରକାର ଆବର୍ଜନା ଗଦା ହେଉଛି ଓ ଧୂଳିବି ମଧ୍ୟ ଉଠୁନି ଏହା ନିମିତ୍ତ ବାୟୁମଣ୍ଡଳ ପ୍ରଦୂଷଣ ହେବା ସହିତ ଦୁର୍ଘଟଣା ଜନିତ ଜନଜୀବନ ହାନୀ ଘଟୁଛି। ପୌର ନିଗମ ପକ୍ଷରୁ ପ୍ରତିବର୍ଷ ପରିମଳ ବାବଦରେ ୬୦କୋଟିରୁ ଅଧିକ ଟଙ୍କା ବ୍ୟୟ ଦର୍ଶା ଯାଉଛି।

ବର୍ତ୍ତମାନ ସମୟର ବଡ଼ ଆତଙ୍କ କୁହାଯାଉଥିବା ପଲ୍ୟୁସନ ସାର୍ଟିଫିକେଟ କଥାଟିକେ ଆଲୋଚନା ରଖାଯାଉ। ନିଜ ନିଜ ଯାନବାହାନର ପ୍ରଦୂଷଣ ସାର୍ଟିଫିକେଟ ପାଇଁ ଧାଉଁଥିବା ଲୋକେ ଏବେ ଗାଡ଼ିର ଚାଲାଣ ପଇଠ ପାଇଁ ନାକେଦମ ହେଉଛନ୍ତି। ବିଶେଷକରି ଯେଉଁମାନେ ଅଫଲାଇନରେ ଜୋରିମାନା ଅର୍ଥ ଦେବା ପାଇଁ ଚାହୁଁଛନ୍ତି ସେମାନେ ଏବେ ପରିବହନ ବିଭାଗରୁ ପୁଲିସ ବିଭାଗ କାଉଣ୍ଟରକୁ ଦଉଡୁଛନ୍ତି। ଯାନବାହାନର ଚାଲାଣ କାଟିବାର କ୍ଷମତା ଉଭୟ ପରିବହନ ବିଭାଗ ଓ ପୁଲିସ ବିଭାଗରେ ରହିଛି। ତେବେ ଯାନବାହାନର ଫିଟନେସ ଓ ପରିମିଟ ବାବଦୀୟ ଜୋରିମାନା କାଟିବା କେବଳ ପରିବହନ ବିଭାଗ ହାତରେ ଥିବାବେଳେ ଦ୍ରୁତ ଗାଡ଼ିଚାଳନା, ବିନା ହେଲମେଟ ଓ ସିଟବେଲ୍ଟରେ ଗାଡ଼ି ଚାଳନା ଆଦିର ଫାଇନ ଉଭୟ ପରିବହନ ଓ ପୁଲିସ ବିଭାଗ କାଟିପାରିବ। ସେହିଭଳି ରାଜପଥରେ ପରିବହନ ବିଭାଗ ଲଗାଇଥିବା କ୍ୟାମେରାରେ ଫାଇନ କାଟୁଥିବାବେଳେ ସହର ଭିତରେ ପୁଲିସ ବିଭାଗ ଲଗାଇଥିବା କ୍ୟାମେରାରେ ପୁଲିସ ବାବୁମାନେ ସ୍ମାର୍ଟ ଫାଇନ କାଟୁଛନ୍ତି।

ତେବେ ଅନୁଧାନରୁ ଜଣାଯାଇଛି ଯେ ଜୋରିମାନା କଟିଥିବା ଯାନବାହାନର ୨୫ ପ୍ରତିଶତଙ୍କ ମୋବାଇଲ ନମ୍ବର ସେମାନଙ୍କ ଯାନବାହାନ ନମ୍ବର ସହିତ ସଂଯୁକ୍ତ ନାହିଁ। ସେମାନେ ନିଜ ନିଜର ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର କରାଇବାକୁ ଯିବାରୁ ଗାଡ଼ିର ଜୋରିମାନା ପଇଠ ପାଇଁ କୁହାଯାଉଛି। ତେବେ ଏହି ଲୋକମାନେ ଅନଲାଇନରେ ଜୋରିମାନା ପଇଠ ସମ୍ଭବ ନ ହେବାରୁ ସେମାନେ ଅଫଲାଇନରେ ଦେବାକୁ ବାଧ ହେଉଛନ୍ତି। ତେବେ ଏହିଠାରୁ ସେମାନଙ୍କ ସମସ୍ୟା ଆରମ୍ଭ ହେଉଛି। ସେମାନଙ୍କ ଜୋରିମାନା ପରିବହନ ବିଭାଗ ଦ୍ୱାରା କଟାଯାଇଛି କି ପୁଲିସ ବିଭାଗ ଦ୍ୱାରା କଟାଯାଇଛି ସାଧାରଣ ଲୋକେ ତାହା ସହଜରେ ଜାଣିପାରୁ ନାହାନ୍ତି। ତେଣୁ ପରିବହନ ବିଭାଗ ନିକଟକୁ ଅଫଲାଇନରେ ଜୋରିମାନା ପଇଠ ପାଇଁ ଯିବା ବେଳକୁ ସେମାନେ ଲୋକମାନଙ୍କୁ ପୁଲିସ ନିକଟକୁ ପଠାଇ ଦେଉଛନ୍ତି। ପୁଲିସ ନିକଟକୁ ଗଲେ ପରିବହନ ବିଭାଗ ଦ୍ୱାରା କଟାଯାଇଥିବା ଚାଲାଣ ଆରଟିଓ ଅଫିସରେ ହିଁ ଦିଆଯିବ ବୋଲି କହି ବିଦା କରାଯାଉଛି। ଯଦି କଟାଯାଇଥିବା ଚାଲାଣକୁ ପ୍ରତ୍ୟେକ ସ୍ଥାନରେ ଗ୍ରହଣ କରାଯାଇ ପାରନ୍ତା ତେବେ ଲୋକେ ଏଭଳି ସମସ୍ୟାରେ ପଡ଼ନ୍ତେ ନାହିଁ। ସେହିଭଳି ପ୍ରଦୂଷଣ କେନ୍ଦ୍ରଗୁଡ଼ିକୁ ଯଦି ଅନଲାଇନରେ ଜୋରିମାନା ଗ୍ରହଣର କ୍ଷମତା ପ୍ରଦାନ କରାଯାଆନ୍ତା ତେବେ ଲୋକେ ଆରଟିଓ ଅଫିସରୁ ଟ୍ରାଫିକ ଥାନା ପର୍ଯ୍ୟନ୍ତ ଧାଁ ଦଉଡ଼ କରନ୍ତେ ନାହିଁ।

ପରିବହନ ବିଭାଗର ଅଧିକାରୀମାନେ ସବୁ ନିୟମକୁ ମୋଡ଼ି ମକଚି ଦେଇଛନ୍ତି। ପ୍ରଥମତଃ ରାଜ୍ୟର ସମସ୍ତ ପେଟ୍ରୋଲ ପମ୍ପ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ ଆସେ। ପ୍ରଦୂଷଣ ସାର୍ଟିଫିକେଟ ନଥିଲେ ଗାଡ଼ିରେ ତେଲ ଦେବାକୁ ମନା କରିବାର କ୍ଷମତା ପରିବହନ ବିଭାଗର ନାହିଁ। କୌଣସି ମୋଟର ଯାନ ଆଇନରେ ମଧ୍ୟ ଏ ନିୟମ ନାହିଁ। ପରିବହନ ବିଭାଗର ଏହି ଅଜବ ନିୟମ ସଂପର୍କରେ କିନ୍ତୁ ଯୋଗାଣ ମନ୍ତ୍ରୀ ମୁହଁ ଖୋଲୁନାହାଁନ୍ତି।

ଦ୍ୱିତୀୟରେ ଏସଟିଏ କର୍ତ୍ତୃପକ୍ଷ ନିୟମ କରିଦେଲେ, ଗାଡ଼ିରେ ଗ୍ରୀନ ଷ୍ଟିକର ନଥିଲେ ପେଟ୍ରୋଲ ମିଳିବନି। ହେଲେ ଏହି ଗ୍ରୀନ ଷ୍ଟିକର କେମିତିକା ତାହା ପରିବହନ ବିଭାଗର ଅଧିକାରୀମାନେ ଏ ପର୍ଯ୍ୟନ୍ତ ଦେଖିନାହାନ୍ତି। କାରଣ ରାଜ୍ୟରେ ଗ୍ରୀନ ଷ୍ଟିକର ନାହିଁ। ପାଖରେ ଷ୍ଟିକର ନଥାଇ କିଭଳି ନିୟମ ହେଲା? ଏବେ ଷ୍ଟିକର କଥା ପଚାରିବାରୁ ପରିବହନ ମନ୍ତ୍ରୀ କହୁଛନ୍ତି, ରାଜ୍ୟ ସରକାର ଫେବୃଆରୀ ମାସରେ ଯୋଗାଇବେ। ହେଲେ ଲୋକଙ୍କୁ କେମିତି ଏହା ମିଳିବ, ସେ ନେଇ ଚୁପ। ଲୋକମାନେ ଏବେ ପ୍ରଦୂଷଣ ସାର୍ଟିଫିକେଟ କରିବାକୁ ସବୁ କାମଧନ୍ଦା ଛାଡ଼ି ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହେଉଛନ୍ତି। ଷ୍ଟିକର ପାଇଁ ଆଉଥରେ ଛିଡ଼ା ହେବେ?

ତୃତୀୟରେ ପ୍ରଦୂଷଣ ସାର୍ଟିଫିକେଟ ପାଇଁ ଯେଉଁ ଯନ୍ତ୍ର ଅଛି, ସେଥିରେ ଯେଉଁ ଗାଡ଼ି ଯାଞ୍ଚ ହେଉଛି ତାକୁ ପ୍ରମାଣପତ୍ର ମିଳୁଛି। ଅର୍ଥାତ୍ ଯାହାର କୌଣସି ଜରିମାନା ନାହିଁ, ଗାଡ଼ିର ପଞ୍ଜୀକରଣ ସାର୍ଟିଫିକେଟ ଓ ଫିଟନେସ ଅଛି ତାଙ୍କୁ ଆରାମରେ ପ୍ରଦୂଷଣ ସାର୍ଟିଫିକେଟ ମିଳିଯିବ। ପ୍ରଦୂଷଣ ସାର୍ଟିଫିକେଟ ଦେଉଥିବା ଏକ ସଂସ୍ଥାର କର୍ମଚାରୀଙ୍କ କହିବାନୁଯାୟୀ ଆମେ ଅନଲାଇନରେ ଗାଡ଼ିର ନମ୍ବର ପ୍ଲେଟ ଫଟୋ ପକାଇଦେଲେ ସବୁ ତଥ୍ୟ ଆସିଯାଉଛି ଏବଂ ଜରିମାନା ନଥିଲେ, କାଗଜପତ୍ର ଠିକ ଥିଲେ ସାର୍ଟିଫିକେଟ ଇସ୍ୟୁ ହୋଇଯାଉଛି। ଅନୁରୂପ ଭାବେ ରାଜପଥରେ ଯିବା ସମୟରେ ଯେଉଁମାନଙ୍କର ଯେଉଁ ଅଞ୍ଚଳରେ ଚାଲାଣ କଟିଛି ଅଫଲାଇନରେ ଚାଲାଣ ପଇଠ କରିବା ପାଇଁ ସମ୍ପୃକ୍ତ ଗାଡ଼ି ଚାଳକଙ୍କୁ ସେହିସବୁ ଇଲାକାରେ ଥିବା ଆରଟିଓ ଅଫିସକୁ ଯିବାକୁ ବଧ କରାଯାଉଛି। ଗାଡ଼ିରେ ତେଲ ପକାଇବା ପାଇଁ ସରକାର ପ୍ରଦୂଷଣ ସାର୍ଟିଫିକେଟକୁ ବାଧ୍ୟତାମୂଳକ କରିଥିବାବେଳେ ଏହି ସାର୍ଟିଫିକେ ପାଇବା ପାଇଁ ପୁରୁଣା ଜୋରିମାନା ପଇଠ କରିବାକୁ କୁହାଯାଉଛି। ଏହା ଫଳରେ ଏବେ ଲୋକେ କାମ ଦାମ ଛାଡ଼ି ଆରଟିଓ ଅଫିସ ଓ ଥାନା ଗୁଡ଼ିକୁ ଦଉଡିବାରେ ଲାଗିଛନ୍ତି। ଡିଜିଟାଲ ଯୁଗରେ ଅଫଲାଇନ ଜୋରିମାନା ପଇଠ ସୁବିଧା ସମସ୍ତ ଆରଟିଓ ଓ ଅନୁମତି ପ୍ରାପ୍ତ ଥାନା ଗୁଡ଼ିକରେ ଯୋଗାଇ ଦିଆଗଲେ କେବଳ ସାଧାରଣ ଲୋକେ ଉପକୃତ ହୁଅନ୍ତେ ନାହିଁ, ଧାର୍ଯ୍ୟ ସମୟରେ ରାଜକୋଷକୁ ଅଧିକ ଅର୍ଥ ଆସିପାରନ୍ତା ଓ ସରକାର ମଧ୍ୟ ସମାଲୋଚନାରୁ ରକ୍ଷା ପାଇପାରନ୍ତେ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ : ୯୪୩୭୧୬୩୫୨୮

# ସମ୍ପର୍କ ଜଣେ ନୁହେଁ, ଏକାଧିକ...: 'ରୋଷ୍ଟର ଡେଟିଂ'

## ପ୍ରଫେସର ଡାକ୍ତର ସମ୍ରାଟ କର



'ସୁନୀତା', 'ପିଙ୍କି', ...... 'ରୋଜାଲିନ' ଏ ସମସ୍ତେ ସୁଅ ମୁହଁରେ ପତର ପରି ଅନୁଜ ପ୍ରତୀମ ସୁଧୀରର ଜୀବନ ପ୍ରବାହକୁ ଢ଼େର ବଦଳାଇ ଦେଲେ। ଜୀବନ ଯେତେ ବଦଳିଲାନି କିନ୍ତୁ ଅନେକ ହା ହୁତାଶ, ଝିନଝଟ ଓ ଝାମେଲା ସବୁ ଅନିମନ୍ତ୍ରିତ ଭାବେ ଅତିଥି ହୋଇ ଜଣଙ୍କ ଜୀବନକୁ ଚାଲିଆସିଲେ। ସେ ଦିନ ସୁଧୀର ସବୁ କଥା ଶୁଣିଲା ପରେ ମୁଁ ତାଙ୍କୁ ଆଶ୍ୱସ୍ତ ହୋଇ କହିଲି ତୁମ ସମୟକୁ ତୁମେ ଦେଖ, ବିଶେଷକରି ଆଧୁନିକ ଯୁବପିଢ଼ିଙ୍କ ଜୀବନଶୈଳୀ ଓ ଚିନ୍ତାଧାରାରେ ଦେଖାଯାଉଛି ଢ଼େର ପରିବର୍ତ୍ତନ। ସାମାଜିକ ଗଣମାଧ୍ୟମ, ଡେଟିଂ ଆପ ଓ ସହରୀ ସଂସ୍କୃତିର ପ୍ରଭାବରେ ସମ୍ପର୍କର ଧାରା ମଧ୍ୟ ବଦଳିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ 'ରୋଷ୍ଟର ଡେଟିଂ' ଏକ ନୂଆ ଧାରା ଭାବେ ସାମ୍ନାକୁ ଆସିଛି।

ରୋଷ୍ଟର ଡେଟିଂ ଅନଲାଇନ ଡେଟିଂର ଏକ ନୂତନ ଧାରା, ଯେଉଁଥିରେ ବ୍ୟବହାରକାରୀମାନେ ନିଜ ପସନ୍ଦ ଅନୁଯାୟୀ ସମ୍ଭାବ୍ୟ ସାଥୀଙ୍କର ଏକ ତାଲିକା କରନ୍ତି। ଏହି ଧାରାରେ କୌଣସି ନୂତନତ୍ୱ ନାହିଁ କିମ୍ବା ଏହା ସମାଜରେ କୌଣସି ବିପ୍ଳବ ଆଣି ପାରୁଥିବା ଭଳି ଧାରା ନୁହଁ। ବିସ୍ତୃତ ଭାବରେ ବୁଝିବାକୁ ଗଲେ ରୋଷ୍ଟର ଡେଟିଂର ଅର୍ଥ ହେଉଛି ଏକକାଳୀନ ଅନେକ ବ୍ୟକ୍ତିଙ୍କୁ ଡେଟ କରିବା। କିନ୍ତୁ କାହା ସହିତ ସ୍ଥାୟୀ ସଂପର୍କରେ ନ ରହିବା। ଜଣକ ପରେ ଜଣକୁ ବଦଳାଇ କଥା ହେବା, ଦେଖା କରିବା କିନ୍ତୁ କାହା ସହ ସ୍ଥାୟୀ ସମ୍ବନ୍ଧରେ ନରହିବାକୁ ଏହା ପ୍ରୋତ୍ସାହିତ କରେ। ଅନ୍ୟ ଡେଟିଂ ଧାରା ଭଳି ଏହି ଧାରାରେ ମଧ୍ୟ ପ୍ରତିଶ୍ରୁତିବଦ୍ଧତାର ଅଭାବ ଦେଖିବାକୁ ମିଳେ। ଅଧିକାଂଶ ଯୁବକ-ଯୁବତୀ ନିଜର ପସନ୍ଦ, ଆବଶ୍ୟକତା ଓ ଭବିଷ୍ୟତ ବିଷୟରେ ସ୍ପଷ୍ଟତା ପାଇବା ଉଦ୍ଦେଶ୍ୟରେ ଆପଣାନ୍ତି ଏହି ଧାରା। ଏହା ମାଧ୍ୟମରେ ନିଜ ପସନ୍ଦକୁ ଭଲରେ ବୁଝିବାର ସମୟ ମିଳେ। ଭିନ୍ନ ପ୍ରକୃତିର ଲୋକଙ୍କ ସହ ମିଶିବା ଦ୍ୱାରା ନିଜ ପସନ୍ଦକୁ ଅଧିକ ଭଲରେ ଜାଣି ହୁଏ ଏବଂ ଅନ୍ୟ ବ୍ୟକ୍ତି କେଉଁ ଗୁଣ ଅସହଜ କରାଏ ତାହା ମଧ୍ୟ ବୁଝି ହୁଏ।

ଆଜିକାଲିର ସଂପର୍କରେ ବ୍ରେକଅପ ଖୁବ ସାଧାରଣ। ସଂପର୍କରେ ବାରମ୍ବାର ଧୋକା ଖାଇବା ପରେ ଅନେକ ବ୍ୟକ୍ତି ବେଶ ସହଜରେ ଆପଣାଇ ନିଅନ୍ତି ରୋଷ୍ଟର ଡେଟିଂ ଭଳି ଧାରାକୁ। ବିଶେଷଜ୍ଞଙ୍କ କହିବା ଅନୁସାରେ ବ୍ରେକଅବ୍ ପରେ ତୁରନ୍ତ ଗଭୀର ସମ୍ପର୍କରେ ରହିବାକୁ ଇଛା ନଥିବା ଲୋକମାନଙ୍କ ପାଇଁ ଏହି ରୋଷ୍ଟର ଡେଟିଂ ସାଜିଛି ସର୍ବୋତ୍ତମ ବିକଳ୍ପ। ଗୋଟିଏ ସମ୍ପର୍କରେ ତୁରନ୍ତ ବାନ୍ଧି ହେବା ପୂର୍ବରୁ, ଅନ୍ୟଜଣଙ୍କ ଚିନ୍ତାଧାରା, ମୂଲ୍ୟବୋଧ ବୁଝିବାକୁ ଯୁବପିଢ଼ି ଏହି ପଦ୍ଧତି ଆପଣାଉଛନ୍ତି ଓ ବାରମ୍ବାର ଗଭୀର ସଂପର୍କରେ ଯୋଡ଼ି ହୋଇ ଭାବାବେଗକୁ ହାନି ପହଞ୍ଚାଇବା ପରିବର୍ତ୍ତେ ଏଡି ଧାରାରେ ସକ୍ରିୟ ରହୁଛନ୍ତି। ଯାହା ସେମାନଙ୍କୁ ଏକୁଟିଆ ଅନୁଭବ କରାଉନଥିବା ବେଳେ ଭବିଷ୍ୟତର ନିଷ୍ପତ୍ତି କ'ଣ ହେବ ସେ ନେଇ ଆତଙ୍କିତ ମଧ କରାଉ ନାହିଁ।

କେତେକଙ୍କ ମତରେ ଏହି ଧାରା ସ୍ୱଚ୍ଛତା ଓ ସ୍ପଷ୍ଟତା ଉପରେ ପର୍ଯ୍ୟବସିତ। ଦ୍ୱନ୍ଦ୍ୱ ଏବଂ ଭୁଲ ବୁଝାମଣାର ଆଶଙ୍କା ଏହି ଧାରାରେ କମ୍। ଅଧିକନ୍ତୁ ଏହି ଧାରା ଯୁବକମାନଙ୍କୁ ସେମାନଙ୍କର ସାମାଜିକ ଓ ବ୍ୟକ୍ତିଗତ ଜୀବନରେ ତାରତମ୍ୟ ରଖିବାରେ ସାହାଯ୍ୟ କରିଥାଏ ଯାହା ଡେଟିଂ ଅଭିଜ୍ଞତାକୁ ଅଧିକ ଉପଭୋଗ୍ୟ ଏବଂ ନିୟନ୍ତ୍ରିତ କରିଥାଏ। ଅନ୍ୟ ପକ୍ଷରେ ଭାରତୀୟ ସମାଜରେ ସମ୍ପର୍କର ଗୁରୁତ୍ୱ ଅଧିକ। ଏଠାରେ ପରସ୍ପର ପ୍ରତି ସୌହାର୍ଦ୍ଦ୍ୟ ଓ ବିଶ୍ୱାସକୁ ସଂପର୍କର ମୂଳଦୁଆ ଭାବରେ ଗଣନା କରାଯାଏ। କିନ୍ତୁ ଏକକାଳୀନ ଏକାଧିକଙ୍କୁ ଡେଟ କରିବା ଭାରତୀୟ ମୂଲ୍ୟବୋଧକୁ ନେଇ ପ୍ରଶ୍ନ ସୃଷ୍ଟି କରେ।

ଏ କ୍ଷେତ୍ରରେ ଜଣେ ମାନସିକ ରୋଗ ବିଶେଷଜ୍ଞ ହିସାବରେ ଏହା ବେଶ ଗବେଷଣାତ୍ମକ ତଥ୍ୟର ଉତ୍ସ ଯାହା କହୁଛି ରୋଷ୍ଟର ଡେଟିଂ ସ୍ୱଚ୍ଛତା ଓ ସତ୍ୟତା ସହ କରାଗଲେ ଏହା ହାନିକାରକ ନୁହଁ। କିନ୍ତୁ ଲୁଚାଇବା ଓ ଭ୍ରମ ସୃଷ୍ଟି କରିବା ଉଭୟ ପକ୍ଷଙ୍କ ମାନସିକ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ। ଏହି ଧାରାର ସବୁଠୁ ବଡ଼ ନକରାତ୍ମକ ଦିଗଟି ହେଉଛି ଏହା 'ଯୋଜନାବଦ୍ଧ' ଭାବରେ ହୋଇଥିବାରୁ 'ଯାନ୍ତ୍ରିକ' ଅନୁଭବ କରାଏ। ସଂପର୍କରେ ଥିବା ଉଭୟ ପକ୍ଷଙ୍କୁ ନିଜ ପରବର୍ତ୍ତୀ ପଦକ୍ଷେପ ଭଲରେ ଜଣାଥାଏ, ଯାହା ଉତ୍ସାହୀ ଓ ଭାବପ୍ରବଣ ସଂଯୋଗର ଅଭାବ ସୃଷ୍ଟି କରିଥାଏ। ଏଭଳି ସଂପର୍କର ଅପବ୍ୟବହାର ହେଲେ ବ୍ୟକ୍ତିଗତ ସୁରକ୍ଷା ଓ ଗୋପନୀୟତା ପ୍ରତି ବିପଦ ସୃଷ୍ଟି ହୁଏ। ଏ ସବୁ କ୍ଷେତ୍ରରେ ଅବସାଦ, ମାନସିକ ଭାରସାମ୍ୟ ହରାଉଥିଲେ ତୁରନ୍ତ ମାନସିକ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

+ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ,
ପୁରୀଘାଟ ରୋଡ଼, କଟକ,
ମୋ : ୯୧୩୨୪୩୩୩୩୩

# ଗୁଡ଼, ଉଖୁଡ଼ା, ମୁଆଁ, ଫେଣା



## ଅଜୟ କୁମାର ବେହେରା

ଆଖୁ ଚାଷ, ବିଲୁପ୍ତ ବା କାଁ ଭାଁ ଆଖୁ ପେଡ଼ା କେବେ କେଉଁଠି ଦେଖିବାକୁ ମିଳୁନାହିଁ। ଆଖୁରସ ସହରରେ ହାତ ଘୁରା ଆଖୁ ଚାପୁଆଣି ମେସିନରେ ପ୍ରସ୍ତୁତ ଆଖୁରସ ଲୋକେ ରାସ୍ତା କଡ଼ରେ ପିଉଥିବା ଦେଖିବାକୁ ବେଳେ ବେଳେ ମିଳୁଛି। ତେଲ ପେଡ଼ା ଘଣାପରି ଆଖୁ ପେଡ଼ା ଯିବା କାର୍ଯ୍ୟ ବଳଦଙ୍କ ଦ୍ୱାରା କରାଯାଉଥିଲା। ବହୁ ଗ୍ରାମାଞ୍ଚଳରେ ଆଖୁ ପେଡ଼ି ବା କୋଲିଆ ପକାଇ ନିର୍ଗତ ଆଖୁରସକୁ ରାନ୍ଧି ଗୁଡ଼ କରାଯାଉଥିଲା। ଗୁଡ଼ ରାନ୍ଧିବା ପାଇଁ ବିଶେଷ ମିସ୍ତ୍ରୀ ଖୋଜା ପଡୁଥିଲା। ସେମିତିକା ଗୁଡ଼ ପାଇଁ ଆଧାର ହାଣ୍ଡି, ବଣା ବରାଦୀ କୁମ୍ଭାର ଘରୁ ଅଣାଯାଉଥିଲା। ପ୍ରତ୍ୟେକ ଲୋକଙ୍କ ଘରେ ଗୁଡ଼ ଏକ ଅତି ଆବଶ୍ୟକ ଦ୍ରବ୍ୟରେ ଗଣାଯାଇ କ୍ରୟ କରାଯାଉଥିଲା। ଚୁଡ଼ାଗୁଡ଼ ମିଶ୍ରଣର ଚକଟା ଅତି ଉପଦେୟ ଜଳଖିଆ ଥିଲା। ଦେବ ମନ୍ଦିରରେ ଭୋଗ ପ୍ରସାଦ ଚୁଡ଼ା ଘଷା ଲାଗୁଥିଲା। ଯହିଁରେ ଗୁଡ଼ ଏକ ବିଶେଷ ଭାଗ ରହୁଥିଲା। ପୂର୍ବେ ବହୁ ମନ୍ଦିରରେ ଛେନାଗୁଡ଼ ପାଚିଲା କଦଳୀର ପଣା ଭୋଗ ଲାଗୁଥିଲା, ପିଠା ହେଲେ ଗୁଡ଼ ସମ୍ବନ୍ଧରେ ପୁର ପ୍ରସ୍ତୁତ ହୋଇ ଲାଗୁଥିଲା। ମଣ୍ଡାପିଠା, କାକରା ପିଠା, ରଜ ପର୍ବର ପୋଡ଼ପିଠା ଗୁଡ଼ ଛେନା ବା ଗୁଡ଼ ନଡ଼ିଆ କୋରା ସହ ମିଶି ତିଆରି ହେଉଥିଲା। ଆରିଶାପିଠା ଏକ ସ୍ୱତନ୍ତ୍ର ପିଠା ଏହା ବହୁଦିନ ଯାଏ ସତେଜରହେ ଏହା ଗୁଡ଼ ଚାଉଳ ଚୁନାର ସ୍ୱତନ୍ତ୍ର ପାକରେ ଜନ୍ତାଯାଇ ଘିଅ ବା ତେଲରେ ଛଣାଯାଇ ତିଆରି କରାଯାଏ। ବିବାହ ବ୍ରତରେ ଏହି ପିଠା ଲାଗୁଥିଲା ଯାହା ଏବେ ଏହାର ଗୁରୁତ୍ୱ ଏବେ ନାହିଁ। ଗୁଡ଼ରୁ ବିଶେଷ ପାଗରେ ଫେଣା ପ୍ରସ୍ତୁତ ଗୁଡ଼ିଆ ମହାଜନ କାରିଗରମାନେ କରୁଥିଲେ। ଫେଣା ହାଣ୍ଡି କନ୍ୟା ଘରକୁ ବା ଘରୁ ଭାର ଶୁଖିଲା ଯାଉଥିଲା। ଉଖୁଡ଼ା ଭାର କନ୍ୟା ଘରୁ ବରଘରକୁ ପୁଣି ବରଘରୁ କନ୍ୟା ଘରକୁ ଗୋପାଳମାନଙ୍କ କାନ୍ଧରେ ବହନ ଦ୍ୱାରା ପଠାଯାଉଥିଲା। ଏ ସବୁ ବନ୍ଧୁ ବାନ୍ଧବ ସାଇଭାଇଙ୍କୁ ବଣ୍ଟାଯାଉଥିଲା। ଦେବ ମନ୍ଦିରରେ ଉଖୁଡ଼ା ଭୋଗ ବିଶେଷ ଥିଲା। ଭୁବନେଶ୍ୱରର ଦୋପାଗି ଉଖୁଡ଼ା ବହୁ ନାମଯାଦା। ଏବେ ମନ୍ଦିର ମାନଙ୍କରେ କ୍ଷୀରି ପ୍ରସାଦ ଆଉ ଗୁଡ଼ରେ ହେଉନାହିଁ, ହେଲେ ଶୁଦ୍ଧ ପ୍ରସାଦର କ୍ଷୀରି ଗୁଡ଼ରେ ହିଁ ହେଉଥିଲା। ଗୁଡ଼ର ଅବଲମ୍ବନରେ ଜୀବିକା ଚଳାଉଥିବା ବ୍ୟକ୍ତିମାନେ ଓଡ଼ିଆରେ ଗୁଡ଼ିଆ ପୂର୍ବେ ଜଳ ସ୍ପର୍ଶ ଜାତି, ଅଜାତି ଏମିତି ବାରଣ ଥିଲା। କାହାର ଦ୍ୱାରା ନିର୍ମିତ ଖାଦ୍ୟ ଦ୍ରବ୍ୟ ପାନୀୟ ଗ୍ରହଣ କରାଯିବ ନ ଯିବ ଏ ପ୍ରକାର ମନୋଭାବ ବଳବତ୍ତର ଥିଲା। ଏ ମଧ୍ୟରେ ଏଇ ଗୁଡ଼ିଆ ପାଟକ ସବୁଜାତିଙ୍କୁ ମିଠା ଦ୍ରବ୍ୟ, ଲଘୁ ଜଳପାନ ଭୋଜନ ପାଇଁ ଯୋଗାଇବା ସହ ଦେବତା ପ୍ରସାଦ ପାଇଁ ଲଡୁ, ପେଡ଼ା, ବୁନ୍ଦିଆ, କୋରା, ଖଇ, ମୁଆଁ ଯୋଗାଇବା ମାନ୍ୟତା ପୂର୍ବରୁ ଏ ପର୍ଯ୍ୟନ୍ତ ରହି ଆସୁଛି। ଗୁଡ଼ିଆଙ୍କ ଇଷ୍ଟ ଦେବତା ଭଗବାନ ଅଗ୍ରପୂଜ୍ୟ ଗଣେଶ ପିଲାକାଳରେ ସବୁପିଲା ଅଝଟ ହୁଅନ୍ତି। ଏଥିରୁ ଗଣେଶ ବାଦ ନଥିଲେ, ତାଙ୍କ ପିତା ଶଙ୍କର ଭଗବାନ ପୁତ୍ରର ଅଝଟିଆ ଭାବରେ ଅତିଷ୍ଠ ହୋଇ ଏକ ବ୍ୟକ୍ତିକୁ ସୃଷ୍ଟି କରି ଏହି ଅଝଟିଆ ଜିଦଗୁଣକୁ ଶାନ୍ତି ପାଇଁ କିଛି ଉପାୟ କରିବାକୁ ଆଦେଶ ଦେଇଥିଲେ। ବ୍ୟକ୍ତିଟି ମୋଦକ ଲଡୁ ପ୍ରସ୍ତୁତ କରି ଗୋଲାଟିକୁ ଗଣେଶଙ୍କୁ ଧରାଇ ତୋଷ କରିଥିଲେ। ସେ ଗୋଲଟି ଗୁଡ଼ରେ ହିଁ ତିଆରି ହୋଇଥିଲା। ଏ ପାଇଁ କୁହାଯାଏ ଗୁଡ଼ିଆ ଜାତି ଶିବ ସୃଷ୍ଟ ଓ ତାଙ୍କ ଇଷ୍ଟ ଗଣେଶ, ବହୁପୂର୍ବେ ଆମ ଓଡ଼ିଶାର ଯେଉଁ ବିଦେଶକୁ ବୋଇତ ବାଣିଜ୍ୟ ଥିଲା ତାହା ମଧ୍ୟରେ ଏହି ମିଠାଇ ବାଣିଜ୍ୟ ଥିଲା ଅନ୍ୟତମ। ଗୁଡ଼ିଆମାନେ ସାହୁକାର, ସାଧବ ମହାଜନ। ସବୁ ମନ୍ଦିରରେ ଭୋଗ ସାମଗ୍ରୀ ଏହି ଗୁଡ଼ିଆ ମହାଜନ ମାନେ ହିଁ କରି ଆସୁଛନ୍ତି। ଗୁଡ଼ ଏକ ବିଶେଷ ବଣିକ ଦ୍ରବ୍ୟ, ସୁନା ଚାନ୍ଦି ଦର ବୃଦ୍ଧି ହ୍ରାସ ଖଣିଜ ଦ୍ରବ୍ୟରେ ହେଉଥିଲାବେଳେ ସବୁ ଖାଦ୍ୟ ଶସ୍ୟ ସହ ଆଉ ଏଇ ଗୁଡ଼ର ଦର ବୃଦ୍ଧି ହ୍ରାସ ପ୍ରତ୍ୟେକ ବେଳେ ସେୟାର ମାର୍କେଟରେ ଚହଳ ପକାଉଛି। ଆଜିକାଲି ଗୁଡ଼ ବଜାରକୁ ବ୍ୟାପକ ଆସୁନାହିଁ ତାର କାରଣ ଗୁଡ଼ରୁ ଚିନି ଆଉ ମଦ ପ୍ରସ୍ତୁତ ହୋଇ ଚଢ଼ା ଦାମ ହୋଇଯାଉଛି, ଏପାଇଁ ଗୁଡ଼ ଦୁର୍ଲଭ? ମିଠା ସବୁ ଚିନିରେ ଏବେ ପ୍ରସ୍ତୁତ ହୋଇ ଚାଲିଛି। ଆମ ଓଡ଼ିଶାରେ ବହୁ ଜମିଦାରୀ ବହୁ ବର୍ଷପୂର୍ବରୁ ବ୍ରିଟିଶ ଶାସନରେ ଚାଲୁଥିଲା, କଲକାତାରେ କୋର୍ଟ ସବୁ ଚାଲିଥିଲା, ଜମିଦାରମାନଙ୍କ ପେଷକର ଖଜଣା ଠିକ ସମୟରେ ଭରିଣା ନ ହେଲେ ଜମିଦାରୀ ନିଲାମ ହୋଇଯାଉଥିଲା। ଏହା ସୂର୍ଯ୍ୟାସ୍ତ କାନୁନରେ ଆସୁଥିଲା ଯାହା ଟାଇମ ଆଣ୍ଡ ଡିସଷ୍ଟାନ୍ସ ସମସ୍ୟାର କାରଣରୁ ଓଡ଼ିଶା ଭୂମିରୁ କଲିକତା ଠିକ ବେଳରେ ପହଞ୍ଚି ହେଉନଥିଲା। ଜମିଦାରୀ ନିଲାମରେ ବଙ୍ଗୀୟ ଧନୀ ବ୍ୟକ୍ତିମାନେ ଧରିନେଇ ଓଡ଼ିଶାରେ ବହୁ ଜମିଦାରୀର ମାଲିକାନା ହାସଲ କରିଛନ୍ତି। ଏ ମଧ୍ୟରେ ପ୍ରିନ୍ସ ଦ୍ୱାରିକା ନାଥ ଠାକୁର ଯେ ରବୀନ୍ଦ୍ର ଠାକୁରଙ୍କ ଜେଜେ ବାପା ସେ ବହୁ ଜମିଦାରୀ କିଣିବା ସହ କୁଜଙ୍ଗର ପଣ୍ଡୁଆରେ ଅଧିକାରୀ ହୋଇ କଚେରୀ କରି କର୍ମଚାରୀ ରଖି ପ୍ରଜାଙ୍କ ଠାରୁ ଖଜଣା ଆଦାୟ କରୁଥିଲେ। ଆମ ରାଜ୍ୟର ପ୍ରଜାମାନେ ଜମିଦାରଙ୍କୁ ତୋଷ ପାଇଁ ବହୁ ପ୍ରକାର ଭେଟି ଦେଉଥିଲେ। ଦୁଗ୍ଧ ବାଣିଜ୍ୟରେ ସମସ୍ୟା, ଏକତ୍ରିତ କରାଯିବା ବହୁ ଦୁଗ୍ଧ ଯଦି ଛିଡ଼ି ଯାଏ, ଦୁଗ୍ଧ ବଣିକ ମୁଣ୍ଡରେ ଚଢ଼କ ପଡ଼ିଯିବା ଅବସ୍ଥା ଉପୁଜେ। ଏ ପାଇଁ ଉପାୟ ଖୋଜି ଦୁଗ୍ଧ କାଟିବା ଛେନାକୁ ଦୁଧ ଛେନା ରୂପେ ଏକ ସୌଖିନ ଖାଦ୍ୟ ରୂପେ ବିକ୍ରୟ ଆରମ୍ଭ ହେଲା। ଗୁଡ଼ ଗୋଳାଇ ପଣା ତାପରେ ଗୁଡ଼ ସହ ପାଗରକରି ରସଗୋଲା, ଝିଲି ଗୁଡ଼ିଆମାନେ କରି ଲୋକପ୍ରିୟ ହେଲେ। ଏହା ଠାକୁର ବଂଶର କଚେରୀକୁ ଭେଟିକୁ ଆସିଲା। ଆମ ରାଜ୍ୟରେ ସୁନିଆଁ ରାଜା ଜମିଦାରଙ୍କ ପ୍ରଜାଙ୍କ ସହ ବାତ୍ସରିକ ମିଳଣ ପର୍ବ। ଏବେ କର୍ପୂର ଯାଇଛି କନା ପଡ଼ିଲେ ବି ଗଜପତି ମହାରାଜାଙ୍କ ନୂଆଅଙ୍କ ଗଣନା ଓ ସାଲ ଗଣନା ଏହି ଦିନରୁ ଚାଲୁଛି। ଠାକୁର ପରିବାରଙ୍କ ଜମିଦାର ବେଳେ କୁଜଙ୍ଗ ଅଞ୍ଚଳ ମହାନଦୀ ଏପଟ ସେପଟ ପ୍ରଜାମାନଙ୍କ ମଧ୍ୟରେ ଥିବା ଚାଷୀ, ଗୋପାଳ, ଗୁଡ଼ିଆ, ପ୍ରଜାମାନେ ଜମିଦାରୀ ଭେଟି ସହ ଆସୁଥିଲେ। ଏତିକି ବେଳେ ଦୁଗ୍ଧ ଛେନା ଆଉ ଗୁଡ଼ ମିଶ୍ରଣର ପଣା ମିଠା ତାଙ୍କୁ ଭେଟି ଦେଉଥିଲେ। ଠାକୁର ପରିବାରଙ୍କ ଜମିଦାରୀ ବଙ୍ଗ ରାଜ୍ୟର ବର୍ଦ୍ଧମାନରେ ଥିଲା ଏହି କୁଜଙ୍ଗ ରାଜ୍ୟରୁ କିଛି କୁଶଳୀ ଚାଷୀ ଗୋପାଳ ଗୁଡ଼ିଆଙ୍କୁ ସେମାନେ ନେଇକି ସେଠାରେ ଥଇଥାନ କରିଥିଲେ ବା ଅବାଧରେ ଏଠିକା ଏହି ବୃତ୍ତିଧାରୀ ସେହି ସେହି ଅଞ୍ଚଳରେ ବୃତ୍ତି ସହାୟକ ହୋଇଥିଲେ। ଗୋପାଳ ମାନେ କ୍ଷୀରୁ ଛେନା ଛିଡ଼ାଇ କଲିକତା ସହରକୁ ଏବେ ଆସୁଥିବା ଲୋକାଲ ଟ୍ରେନ ଭେଣ୍ଡରରେ ଆସୁଥିବା ଛେନା ବଣିକମାନେ କୁଜଙ୍ଗ ଅଞ୍ଚଳର ଅନେକ ଉତ୍ତର ପୁରୁଷ। ଚିନି କାରଖାନା ଉତ୍ତର ପ୍ରଦେଶ କାନପୁର ଅଞ୍ଚଳରେ ଯେତେବେଳେ ନୂଆ କରି ଖୋଲିଲା ପ୍ରଥମ କରି ଚିନି ଏଇ ଠାକୁର ପରିବାରଙ୍କ ହସ୍ତଗତ ହୋଇଥିଲା। ଯେଉଁ ଦାସ ରସଗୋଲା ଏତେ ନାମକରା ସେ ଦାସ ଶବ୍ଦର ସାଙ୍ଗିଆର ବ୍ୟକ୍ତିମାନେ କୁଜଙ୍ଗ ଅଞ୍ଚଳର ପୂର୍ବଜ ସ୍ଥାନନ୍ତର ଲୋକଙ୍କର ଥିଲେ କି ନାହିଁ ତାହା ଗବେଷଣାର ଆବଶ୍ୟକ ଅଛି। ବଡ଼ ବଜାର ଅଞ୍ଚଳରେ ଅନେକ ଓଡ଼ିଆ ଅଛନ୍ତି ସେଠାରେ ଛେନା ବିକ୍ରୟ କେନ୍ଦ୍ର ଅଛି, ଜଣେ ବିଖ୍ୟାତ ଓଡ଼ିଆ ନାମରେ ଫାଲ୍ଗୁନୀଦାସ ଲେନ ନାମରେ ଏକ ଗଳି ରାସ୍ତା ଅଛି, ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ନାମରେ ବଡ଼ବଜାର ତୁଳାପଟିର ନାମ ପଣ୍ଡିତ ଗୋପବନ୍ଧୁ ସରଣୀ, ଏମିତି କେତେକ ନାମୀ ଦାମୀ ଓଡ଼ିଆଙ୍କ ସ୍ଥାୟୀ ବାଣିଜ୍ୟ ବିପଣି ସେଠାରେ ଥିଲା ସ୍ୱର୍ଗତ ମୋହନ ଚରଣ ଦାସଙ୍କ ମନମୋହନ ପ୍ରେସର ବିକ୍ରୟ କେନ୍ଦ୍ର ସେଠାରେ ଥିଲା। ଯାହାହେଉ ଗୁଡ଼ର ପରବର୍ତ୍ତୀ ଚିନିରୁ ମିଠାର ପ୍ରଥମ ଦୋକାନ ଠାକୁର ବାଡ଼ି ପାଖର ଦୋକାନ। ଦ୍ୱାରିକା ନାଥଙ୍କ ସୁପୁତ୍ର ମହର୍ଷି ଦେବେନ୍ଦ୍ର ନାଥ ଠାକୁର, ବ୍ରହ୍ମ ସମାଜର ସଂଞ୍ଚାଳକ ଓ ପ୍ରଚାରକ କଟକରେ ତତ୍କାଳୀନ ବିଖ୍ୟାତ ରାଧାନାଥ ରାୟ, ବିଶ୍ୱନାଥ କର ମଧୁସୂଦନ ରାଓ, ବ୍ରାହ୍ମଧର୍ମରେ ନିମଜ୍ଜନ ଥିଲେ ଖୋଦ ବିଜୁ ବାବୁଙ୍କ ବାପା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ବ୍ରହ୍ମ ଧର୍ମରେ ଦୀକ୍ଷିତ ଥିଲେ। ବହୁ ଦାମୀ ଦାମୀ ଓଡ଼ିଆ, ବଙ୍ଗୀୟ ଯୁବତୀଙ୍କୁ ବିବାହ କରିଥିଲେ। ଲକ୍ଷ୍ମୀ ନାରାୟଣ ବାବୁ ଓ ମୟୂରଭଞ୍ଜର ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ନାମ ଏହି ବ୍ରାହ୍ମ ସମାଜ ଓ ବଙ୍ଗୀୟ କନ୍ୟା ପାଣି ଗ୍ରହଣରେ ଜଡ଼ିତ। ଓଡ଼ିଶା ବଙ୍ଗ ମଧ୍ୟରେ କିଛି ଭେଦ ପୂର୍ବେ ନଥିଲା, ଗୁଡ଼ ଛେନାର ମିଶ୍ରଣ ମିଠା ଏବେ କମି ଯାଇଛି। ଗୁଡ଼ ଏବେ ଚିନିର କରାୟତ କିନ୍ତୁ ଗୁଡ଼ର ଭଣ୍ଡାର ବଡ଼ ବଜାରରୁ ହଟି ନାହିଁ। ସେଠାରେ ଖଜୁରୀ ଗୁଡ଼, ତାଳଗୁଡ଼, ଆଖୁଗୁଡ଼ ସବୁ ମିଳୁଛି। ଗୁଡ଼ର ସନ୍ଦେଶ କଲିକତାରେ ମିଳୁଛି। ଆମ ରାଜ୍ୟରେ ମିଠା ସମ୍ରାଟ ବିକଳକରଙ୍କ ଯୋଗ୍ୟ ଉତ୍ତରାଧିକାରୀମାନେ ଏବେ ସ୍ୱାଦିଷ୍ଟ ଗୁଡ଼ ତିଆରି ରସଗୋଲା ଉତ୍କୃଷ୍ଟ ମିଠା ରୂପେ ନାମକରା କରାଇସାରିଲେଣି। ଉଖୁଡ଼ାର ହାଣ୍ଡି ଭାର ନାହିଁ, ହେଲେ ଭୁବନେଶ୍ୱରର ବୟା ଦୋପାଗୀ ଉଖୁଡ଼ା ଓ କୋରା ତାର ନାମ ତେଜ ରଖିଛି। ମଙ୍ଗଳବାର ପଣା ଗୁଡ଼ ସହ ଏବେ ବି ଭୋଗରେ ଆସୁଛି, ଗୁଡ଼ ଏକ ଅମୃତ, ପଞ୍ଚାମୃତର ଏକ ଅଙ୍ଗ, ପିଣ୍ଡ ଚାଉଳ ଗୁଡ଼ ରହିଁ ଚକଟା ଯାଇ ପ୍ରସ୍ତୁତ ହେଉଛି। ଚିନି ରୋଗ କାରକ, ଚିନିକୁ ପରିଷ୍କୃତ ଜୀବଅସ୍ଥି ଭସ୍ମର ରସାୟନ ଏକ ପଦ୍ଧତିରେ ଲାଗେ। ଏପରିହେଲେ ଶୁଦ୍ଧ ସାତ୍ତ୍ୱିକ ଚିନି ଲେବଲ ମରା କେବେ ଆସୁନାହିଁ। ଏ କ୍ଷେତ୍ରରେ ଗୁଡ଼ ନିର୍ଭୟରେ ଓଶା ବ୍ରତ ଦେବପୂଜାରେ ଗ୍ରହଣ କରାଯାଇପାରେ।

+ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,
କଟକ,
ମୋ : ୯୪୩୭୦୩୧୨୫୩

## ଗ୍ରୀନଲ୍ୟାଣ୍ଡ କୂଟନୀତିର ନୂତନ ମୋଡ଼: ଶୁଳ୍କ, ସାର୍ବଭୌମତ୍ୱ ଏବଂ ଆଟଲାଣ୍ଟିକର ଅଶାନ୍ତ ଢେଉ

ବିଶ୍ୱ ରାଜନୀତିର ଇତିହାସରେ କ୍ୱଚିତ୍ ଏପରି ଘଟଣା ଦେଖିବାକୁ ମିଳେ ଯେଉଁଠାରେ ଏକ ରାଷ୍ଟ୍ରର ଭୂଖଣ୍ଡ କ୍ରୟ ପାଇଁ ବାଣିଜ୍ୟିକ ଶୁଳ୍କକୁ ଏକ ମାରାତ୍ମକ ଅସ୍ତ୍ର ଭାବରେ ବ୍ୟବହାର କରାଯାଏ । କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସଦ୍ୟତମ ଘୋଷଣା ଅନ୍ତର୍ଜାତୀୟ ସମ୍ପର୍କର ସମସ୍ତ ପାରମ୍ପରିକ ସୀମାରେଖାକୁ ଅତିକ୍ରମ କରିଯାଇଛି ଏବଂ ଏକବିଂଶ ଶତାବ୍ଦୀର କୂଟନୀତିରେ ଏକ ଅଭୁତପୂର୍ବ ସଙ୍କଟ ସୃଷ୍ଟି କରିଛି । ୨୦୨୬ ଜାନୁଆରୀ ମଧ୍ୟଭାଗରେ ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି କରାଯାଇଥିବା ଚରମବାଣୀ ଅନୁଯାୟୀ, ଗ୍ରୀନଲ୍ୟାଣ୍ଡକୁ ଆମେରିକା ହାତରେ ଟେକି ନ ଦେବା କାରଣରୁ ଆମେରିକା ଏହାର ଦୀର୍ଘଦିନର ୟୁରୋପୀୟ ମିତ୍ର ରାଷ୍ଟ୍ରମାନଙ୍କ ବିରୋଧରେ ଏକ ବଡ଼ ଧରଣର ଆର୍ଥିକ ଯୁଦ୍ଧ ଘୋଷଣା କରିଛି । ଏହି ନିଷ୍ପତ୍ତି କେବଳ ଡେନମାର୍କ ପାଇଁ ନୁହେଁ, ବରଂ ସମଗ୍ର ୟୁରୋପୀୟ ସଂଘ, ଉତ୍ତର ୟୁରୋପୀୟ ଦେଶ ଏବଂ ନାଟୋ ମେଣ୍ଟ ପାଇଁ ଏକ ଅସ୍ତିତ୍ୱର ସଙ୍କଟ ସୃଷ୍ଟି କରିଛି । ଏହି ସମ୍ପାଦକୀୟର ମୂଳ ଉଦ୍ଦେଶ୍ୟ ହେଉଛି ଟ୍ରମ୍ପଙ୍କ ଏହି ନିର୍ଦ୍ଦିଷ୍ଟ ଶୁଳ୍କ ନୀତି, ଏହାର ଲକ୍ଷ୍ୟଭେଦୀ ୮ଟି ରାଷ୍ଟ୍ର ଏବଂ ଏହାର ଦୂରଗାମୀ ଆର୍ଥିକ ତଥା ଭୂ-ରାଜନୈତିକ ପରିଣାମ ସମ୍ପର୍କରେ ଏକ ତଥ୍ୟଭିତ୍ତିକ ବିଶ୍ଳେଷଣ କରିବା ।

ରାଷ୍ଟ୍ରପତି ଟ୍ରମ୍ପଙ୍କ ବିସ୍ଫୋରକ ଘୋଷଣା ଅନୁଯାୟୀ, ଆସନ୍ତା ଫେବୃଆରୀ ୧, ୨୦୨୬ ଠାରୁ ଆମେରିକା ୟୁରୋପର ୮ଟି ନିର୍ଦ୍ଦିଷ୍ଟ ଦେଶରୁ ଆମଦାନୀ ହେଉଥିବା ସମସ୍ତ ସାମଗ୍ରୀ ଉପରେ ୧୦ ପ୍ରତିଶତ ଶୁଳ୍କ (Tariff) ଲାଗୁ କରିବ । ଏହି ତାଲିକାଭୁକ୍ତ ଦେଶଗୁଡ଼ିକ ହେଲେ— ଡେନମାର୍କ, ନରୱେ, ସ୍ୱିଡେନ, ଫ୍ରାନ୍ସ, ଜର୍ମାନୀ, ଯୁକ୍ତରାଜ୍ୟ (United Kingdom), ନେଦରଲ୍ୟାଣ୍ଡ ଏବଂ ଫିନଲ୍ୟାଣ୍ଡ । ଟ୍ରମ୍ପଙ୍କ ଅଭିଯୋଗ ହେଉଛି ଯେ ଏହି ଦେଶଗୁଡ଼ିକ ଗ୍ରୀନଲ୍ୟାଣ୍ଡ ପ୍ରସଙ୍ଗରେ ଡେନମାର୍କକୁ ସମର୍ଥନ କରିବା ସହ ଆମେରିକାର 'ଆର୍କଟିକ୍ ସ୍ୱାର୍ଥ' କୁ ଅଣଦେଖା କରୁଛନ୍ତି, ଯାହା ଆମେରିକାର ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି । ତେବେ ସବୁଠାରୁ ଚିନ୍ତାର ବିଷୟ ହେଉଛି ଶୁଳ୍କ ବୃଦ୍ଧିର ପରବର୍ତ୍ତୀ କଠୋର ଯୋଜନା । ଯଦି ଏହି ଦେଶମାନେ ଗ୍ରୀନଲ୍ୟାଣ୍ଡ ହସ୍ତାନ୍ତର ପାଇଁ କୌଣସି ସନ୍ତୋଷଜନକ ବୁଝାମଣା ନ କରନ୍ତି, ତେବେ ଜୁନ୍ ୧, ୨୦୨୬ ବେଳକୁ ଏହି ଶୁଳ୍କ ପରିମାଣ ୧୦ ପ୍ରତିଶତରୁ ବୃଦ୍ଧି ପାଇ ସିଧାସଳଖ ୨୫ ପ୍ରତିଶତରେ ପହଞ୍ଚିବ ବୋଲି ସ୍ପଷ୍ଟ କରାଯାଇଛି । ଟ୍ରମ୍ପ ପ୍ରଶାସନ ସ୍ପଷ୍ଟ ଭାବରେ କହିଛି ଯେ, 'ଯେପର୍ଯ୍ୟନ୍ତ ଗ୍ରୀନଲ୍ୟାଣ୍ଡର ସମ୍ପୂର୍ଣ୍ଣ ମାଲିକାନା ଆମେରିକାକୁ ହସ୍ତାନ୍ତର ନ କରାଯାଇଛି, ସେପର୍ଯ୍ୟନ୍ତ ଏହି ଆର୍ଥିକ ଚାପ ବଳବତ୍ତର ରହିବ ଏବଂ ଆବଶ୍ୟକ ହେଲେ ଆହୁରି ବୃଦ୍ଧି ପାଇବ' । ଏହି ଘୋଷଣା ବିଶ୍ୱ ବାଣିଜ୍ୟ ବ୍ୟବସ୍ଥାରେ ଏକ ଭୂକମ୍ପ ସୃଷ୍ଟି କରିଛି, କାରଣ ଏହି ୮ଟି ଦେଶ ହେଉଛନ୍ତି ଆମେରିକାର ପ୍ରମୁଖ ବାଣିଜ୍ୟିକ ଅଂଶୀଦାର ଏବଂ ବିଶ୍ୱ ଅର୍ଥନୀତିର ଅନ୍ୟତମ ମୁଖ୍ୟ ଚାଳକ ।

ଏହି ନିର୍ଦ୍ଦିଷ୍ଟ ୮ଟି ଦେଶକୁ ଟାର୍ଗେଟ କରିବା ପଛରେ ଟ୍ରମ୍ପଙ୍କର ଏକ ଗଭୀର ତଥା ସୁଚିନ୍ତିତ ରଣନୀତି ରହିଛି । ଡେନମାର୍କ ଗ୍ରୀନଲ୍ୟାଣ୍ଡର ମୂଳ ଅଧିକାରୀ ରାଷ୍ଟ୍ର ହୋଇଥିବା ବେଳେ, ନରୱେ, ସ୍ୱିଡେନ ଏବଂ ଫିନଲ୍ୟାଣ୍ଡ ହେଉଛନ୍ତି ଆର୍କଟିକ୍ କାଉନସିଲର ସଦସ୍ୟ ଏବଂ ଉତ୍ତର ମେରୁ ଅଞ୍ଚଳର ପ୍ରମୁଖ ଖେଳାଳି । ଅନ୍ୟପକ୍ଷରେ ଜର୍ମାନୀ, ଫ୍ରାନ୍ସ, ବ୍ରିଟେନ ଏବଂ ନେଦରଲ୍ୟାଣ୍ଡ ହେଉଛନ୍ତି ୟୁରୋପର ଆର୍ଥିକ ମେରୁଦଣ୍ଡ ଏବଂ ନାଟୋର ଶକ୍ତିଶାଳୀ ସ୍ତମ୍ଭ । ଫେବୃଆରୀ ୧ ରୁ ଲାଗୁ ହେବାକୁ ଥିବା ୧୦ ପ୍ରତିଶତ ଶୁଳ୍କ ଜର୍ମାନୀର ବିଶ୍ୱସ୍ତରୀୟ ଅଟୋମୋବାଇଲ ଶିଳ୍ପକୁ ଗୁରୁତର ଆଘାତ ଦେବ, ଯାହା ପୂର୍ବରୁ ହିଁ ଶକ୍ତି ସଙ୍କଟ ଦେଇ ଗତି କରୁଛି । ସେହିପରି ଫ୍ରାନ୍ସର ବିଳାସପୂର୍ଣ୍ଣ ସାମଗ୍ରୀ (Luxury Goods), ମଦ ଏବଂ ଏୟାରବସ୍ ଭଳି ବିମାନ ନିର୍ମାଣ ଶିଳ୍ପ, ତଥା ବ୍ରିଟେନର ଆର୍ଥିକ ସେବା ଏବଂ ଉତ୍ପାଦନ କ୍ଷେତ୍ର ଏହାର ଶିକାର ହେବେ । ଯଦି ଜୁନ୍ ୧ ସୁଦ୍ଧା ଏହା ୨୫ ପ୍ରତିଶତକୁ ବୃଦ୍ଧି ପାଏ, ତେବେ ଏହାର ପରିଣାମ ଭୟାବହ ହେବ । ଉଦାହରଣ ସ୍ୱରୂପ, ୨୦୨୫ ମସିହାରେ ଆମେରିକା ୟୁରୋପରୁ ପ୍ରାୟ ୫୦୦ ବିଲିୟନ ଡଲାରର ସାମଗ୍ରୀ ଆମଦାନୀ କରିଥିଲା । ଯଦି ଏହା ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗେ, ତେବେ ୟୁରୋପୀୟ କମ୍ପାନୀଗୁଡ଼ିକ ବାର୍ଷିକ ପ୍ରାୟ ୧୨୫ ବିଲିୟନ ଡଲାରର ଅତିରିକ୍ତ ବୋଝ ସହିବେ । ଏହାଦ୍ୱାରା ଆମେରିକା ବଜାରରେ ଜର୍ମାନୀ କାର୍ ଓ ଫରାସୀ ଉତ୍ପାଦର ମୂଲ୍ୟ ଆକାଶଛୁଆଁ ହେବ ଏବଂ ବିକ୍ରି ହ୍ରାସ ପାଇବ । ଡେନମାର୍କର ଔଷଧ ଶିଳ୍ପ, ନରୱେର ସାମୁଦ୍ରିକ ଖାଦ୍ୟ ରପ୍ତାନି ଏବଂ ସ୍ୱିଡେନର ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ମଧ୍ୟ ଏହି ଆର୍ଥିକ ଝଡ଼ରୁ ବର୍ତ୍ତିପାରିବେ ନାହିଁ ।

କିନ୍ତୁ ପ୍ରଶ୍ନ ଉଠୁଛି, ଆମେରିକା ଗ୍ରୀନଲ୍ୟାଣ୍ଡ ପାଇଁ ଏତେ ବ୍ୟାକୁଳ କାହିଁକି ଏବଂ ଏଥିପାଇଁ ନିଜର ବନ୍ଧୁ ରାଷ୍ଟ୍ରମାନଙ୍କ ସହ ବାଣିଜ୍ୟ ଯୁଦ୍ଧ କରିବାକୁ କାହିଁକି ପ୍ରସ୍ତୁତ ? ଏହାର ଉତ୍ତର ଗ୍ରୀନଲ୍ୟାଣ୍ଡର ଭୌଗୋଳିକ ଅବସ୍ଥିତି ଏବଂ ଏହାର ଅମାପ ଭୂତଳ ସମ୍ପଦ ମଧ୍ୟରେ ଲୁଚି ରହିଛି । ଗ୍ରୀନଲ୍ୟାଣ୍ଡ ହେଉଛି ବିଶ୍ୱର ସର୍ବବୃହତ ଦ୍ୱୀପ, ଯାହାର ରଣନୈତିକ ଗୁରୁତ୍ୱ ଅପରିସୀମ । ପ୍ରଥମତଃ, ଗ୍ରୀନଲ୍ୟାଣ୍ଡରେ 'ବିରଳ ମୃତ୍ତିକା ଧାତୁ' ବା ରେୟାର ଆର୍ଥ ଏଲିମେଣ୍ଟସର (Rare Earth Elements) ବିପୁଳ ଭଣ୍ଡାର ରହିଛି । ଆମେରିକାର ଭୂ-ତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ରିପୋର୍ଟ ଅନୁଯାୟୀ, ଗ୍ରୀନଲ୍ୟାଣ୍ଡରେ ପ୍ରାୟ ୩୮.୫ ନିୟୁତ ଟନ୍ ବିରଳ ଖଣିଜ ସମ୍ପଦ ଗଚ୍ଛିତ ଥାଇପାରେ, ଯାହା ଇଲେକ୍ଟ୍ରୋନିକ୍ସ, ବ୍ୟାଟେରୀ, ଇଲେକ୍ଟ୍ରିକ୍ ଗାଡ଼ି ଏବଂ ଅତ୍ୟାଧୁନିକ କ୍ଷେପଣାସ୍ତ୍ର ନିର୍ମାଣ ପାଇଁ ଅତ୍ୟନ୍ତ ଜରୁରୀ । ବର୍ତ୍ତମାନ ଏହି କ୍ଷେତ୍ରରେ ଚୀନର ଏକଚାଟିଆ ଅଧିକାର ରହିଛି, ତେଣୁ ଚୀନ୍ ଉପରୁ ନିର୍ଭରଶୀଳତା କମାଇବା ପାଇଁ ଆମେରିକା ଗ୍ରୀନଲ୍ୟାଣ୍ଡକୁ ନିଜ ଅଧୀନକୁ ନେବାକୁ ଚାହୁଁଛି । ଦ୍ୱିତୀୟତଃ, ସାମରିକ ଦୃଷ୍ଟିକୋଣରୁ ଗ୍ରୀନଲ୍ୟାଣ୍ଡରେ ଥିବା ଆମେରିକାର 'ଥୁଲେ ଏୟାର ବେସ୍' (Thule Air Base) ହେଉଛି ଉତ୍ତର ଗୋଲାର୍ଦ୍ଧର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘାଟି । ରୁଷିଆ ଏବଂ ଚୀନ୍ ଆର୍କଟିକ୍ ଅଞ୍ଚଳରେ ନିଜର ପ୍ରଭାବ ବିସ୍ତାର କରୁଥିବା ବେଳେ, ଆମେରିକା ଗ୍ରୀନଲ୍ୟାଣ୍ଡକୁ ସମ୍ପୂର୍ଣ୍ଣ ନିଜ ନିୟନ୍ତ୍ରଣକୁ ନେଇ ଉତ୍ତର ଅଟଲାଣ୍ଟିକ ମହାସାଗରରେ ନିଜର ସ୍ଥିତି ସୁଦୃଢ଼ କରିବାକୁ ଚାହୁଁଛି । ଟ୍ରମ୍ପଙ୍କ ମତରେ ଡେନମାର୍କ ଏକାକୀ ଏହି ବିଶାଳ ଦ୍ୱୀପର ସୁରକ୍ଷା କରିବାକୁ ଅସମର୍ଥ, ତେଣୁ 'ଜାତୀୟ ସୁରକ୍ଷା' ଦୃଷ୍ଟିରୁ ଆମେରିକା ଏହାକୁ କିଣିବା ଏକାନ୍ତ ଆବଶ୍ୟକ ।

ଏହି ପରିପ୍ରେକ୍ଷୀରେ, ୟୁରୋପୀୟ ପ୍ରତିକ୍ରିୟା ମଧ୍ୟ ବେଶ୍ କଠୋର ଓ ସ୍ପଷ୍ଟ ହୋଇଛି । ଟାର୍ଗେଟରେ ଥିବା ଏହି ୮ଟି ଦେଶ ଏକଜୁଟ ହୋଇ ଘୋଷଣା କରିଛନ୍ତି ଯେ 'ଗ୍ରୀନଲ୍ୟାଣ୍ଡ ବ୍ୟବସାୟ ପାଇଁ ଖୋଲା ଥାଇପାରେ, କିନ୍ତୁ ଏହା ବିକ୍ରି ପାଇଁ ନୁହେଁ' । ଡେନମାର୍କର ପ୍ରଧାନମନ୍ତ୍ରୀ ଏହାକୁ ଏକ ଅବାନ୍ତର କଳ୍ପନା ବୋଲି ଅଭିହିତ କରିଛନ୍ତି । ୟୁରୋପୀୟ ସଂଘ ଚେତାବନୀ ଦେଇଛି ଯେ ଯଦି ଫେବୃଆରୀ ୧ ରେ ୧୦ ପ୍ରତିଶତ ଶୁଳ୍କ ଲାଗୁ ହୁଏ, ତେବେ ସେମାନେ ମଧ୍ୟ ଆମେରିକୀୟ ସାମଗ୍ରୀ ଉପରେ ପାଲଟା ଶୁଳ୍କ ଲଗାଇବେ । ଏହା ଏକ ବିଶ୍ୱବ୍ୟାପୀ ବାଣିଜ୍ୟ ଯୁଦ୍ଧର ରୂପ ନେବାର ଆଶଙ୍କା ରହିଛି, ଯେଉଁଥିରେ କେହି ବି ବିଜୟୀ ହେବେ ନାହିଁ । ବିଶେଷକରି ଆମେରିକାର କୃଷକ (ଯେଉଁମାନେ ସୋୟାବିନ୍ ଓ ମକା ରପ୍ତାନି କରନ୍ତି) ଏବଂ ବୃହତ୍ ପ୍ରଯୁକ୍ତିବିଦ୍ୟା କମ୍ପାନୀମାନେ ୟୁରୋପୀୟ ବଜାର ହରାଇବାର ଭୟ ରହିଛି । ଏହାଛଡ଼ା, ଏହି ଘଟଣା ଆଟଲାଣ୍ଟିକ ମହାସାଗରର ଦୁଇ ପାର୍ଶ୍ୱରେ ଥିବା କ ରାଷ୍ଟ୍ରମାନଙ୍କ ମଧ୍ୟରେ ବିଶ୍ୱାସର ଗଭୀର ସଙ୍କଟ ସୃଷ୍ଟି କରିଛି । ଯେତେବେଳେ ବିଶ୍ୱ ଏକଜୁଟ ହୋଇ ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ ଆହ୍ୱାନର ମୁକାବିଲା କରିବା କଥା, ସେତେବେଳେ ମିତ୍ର ରାଷ୍ଟ୍ରମାନଙ୍କ ମଧ୍ୟରେ ଏଭଳି ବିବାଦ ଦୁର୍ଭାଗ୍ୟଜନକ ।

ପରିଶେଷରେ, ଟ୍ରମ୍ପଙ୍କ ଏହି '୧୦ ପ୍ରତିଶତରୁ ୨୫ ପ୍ରତିଶତ' ଶୁଳ୍କ ବୃଦ୍ଧିର ଧମକ କେବଳ ଏକ ବାଣିଜ୍ୟିକ ନିଷ୍ପତ୍ତି ନୁହେଁ, ବରଂ ଏହା ବିଶ୍ୱ ବ୍ୟବସ୍ଥାରେ ଏକ ନୂତନ ଏବଂ ବିପଜ୍ଜନକ ପ୍ରବୃତ୍ତିର ଆରମ୍ଭ । ଗ୍ରୀନଲ୍ୟାଣ୍ଡ କେବଳ ଏକ ବରଫାବୃତ ଜମି ନୁହେଁ, ଏହା ୫୬,୦୦୦ ଅଧିବାସୀଙ୍କ ବାସସ୍ଥାନ, ସଂସ୍କୃତି ଏବଂ ପରିଚୟ । ଏକବିଂଶ ଶତାବ୍ଦୀରେ ସାର୍ବଭୌମତ୍ୱର ମୂଲ୍ୟ ଡଲାରରେ ନୁହେଁ, ବରଂ ଆତ୍ମସମ୍ମାନ ଏବଂ ଅନ୍ତର୍ଜାତୀୟ ଆଇନର ପରିସର ମଧ୍ୟରେ ମପାଯିବା ଉଚିତ । ଯଦି ଆସନ୍ତା ଜୁନ୍ ୧ ସୁଦ୍ଧା ଏହି ବିବାଦର ସମାଧାନ ନ ହୁଏ ଏବଂ ୨୫ ପ୍ରତିଶତ ଶୁଳ୍କ ବାସ୍ତବରେ ପରିଣତ ହୁଏ, ତେବେ ଏହା କେବଳ ପାଶ୍ଚାତ୍ୟ ଦେଶମାନଙ୍କ ଏକତାକୁ ଭାଙ୍ଗିବ ନାହିଁ, ବରଂ ବିଶ୍ୱ ଅର୍ଥନୀତିକୁ ଏକ ଦୀର୍ଘମିଆଦୀ ମାନ୍ଦାବସ୍ଥା ଆଡ଼କୁ ଠେଲିଦେବ ।

## ମାଳଦ୍ୱୀପ ଭଳି ଭାରତ ମଧ୍ୟ ତମାଖୁ ମୁକ୍ତ ଦେଶ ହେବ କେବେ ?




ଗୋପାଳ ମହାପାତ୍ର


ମାଳଦ୍ୱୀପର ସରକାର ଲୋକଙ୍କୁ ସୁସ୍ଥ ଓ ନୀରୋଗ ରଖିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛନ୍ତି, ଏହା ହେଉଛି ମାଳଦ୍ୱୀପକୁ ଧୂମପାନ ମୁକ୍ତ କରିବା । ମାଳଦ୍ୱୀପ ସରକାର 'ଜେନେରେସନାଲ ସ୍ମୋକିଙ୍ଗ ବ୍ୟାନ' ନାମକ ଏକ କଠୋର ଆଇନ ପ୍ରଣୟନ କରିଛନ୍ତି । ଆଇନ୍ ଅନୁସାରେ ୨୦୦୭ ପରେ ମାଳଦ୍ୱୀପରେ ଜନ୍ମଗ୍ରହଣ କରିଥିବା ଲୋକ ଏବେ କିମ୍ବା ଭବିଷ୍ୟତରେ ମଧ୍ୟ ଧୂମପାନ କରିପାରିବେ ନାହିଁ । ଯଦି କେହି ଭୁଲବଶତଃ ବି ଧୂମପାନ କରେ ତେବେ ତାକୁ ଭାରିମାତ୍ରାରେ ଜୋରିମାନା ଦେବାକୁ ପଡିବ । ଆଇନ୍ ଲାଗୁହେବା ପରେ ଏବେ ତମାଖୁ, ଖଇନି, ଗୁଟଖା, ବିଡି-ସିଗାରେଟ, ଚରସ-ଗଞ୍ଜେ, ଅଫିମ ବା ଇ-ସିଗାରେଟ କିଣିବା ଓ ବିକ୍ରୀ କରିବା ଅପରାଧ ଶ୍ରେଣୀ ଭୁକ୍ତ ହୋଇଯାଇଛି । ଲୁଚା ଛପାରେ କୌଣସି ଦୋକାନୀ ଯଦି ତମାଖୁ ବା ବିଡି ସିଗାରେଟ ବିକୁଥିବା ଜଣାପଡ଼େ ତେବେ ସଂପୃକ୍ତ ଦୋକାନୀକୁ ୫୦ହଜାର ମାଳଦ୍ୱୀପ ରୁଫିଆ ବା ଭାରତୀୟ ମୁଦ୍ରାରେ ୨ଲକ୍ଷ ୮୮ ହଜାର ଟଙ୍କା ଜୋରିମାନା ଦେବାକୁ ପଡିବ । ସେହିପରି ସିଗାରେଟ ଟାଣୁଥିବା ବା ସ୍ମୋକିଙ୍ଗ କରୁଥିବା ବେଳେ ଧରାପଡିଲେ ୫ହଜାର ମାଳଦ୍ୱୀପ ମୁଦ୍ରା ବା ୨୯ହଜାର ଟଙ୍କା ଜୋରିମାନା ଦେବାକୁ ପଡିବ । କ୍ରମାଗତଭାବେ ଦୁଇଥର ସିଗାରେଟ ଟାଣୁଥିବା ବେଳେ ଧରାପଡିଲେ ସାରାଜୀବନ ପାଇଁ ସଂପୃକ୍ତ ବ୍ୟକ୍ତିଙ୍କୁ ଡ୍ରାଇଭିଙ୍ଗ ଲାଇସେନ୍ସ ମିଳିବ ନାହିଁ ବୋଲି 'ଜେନେରେସନାଲ ସ୍ମୋକିଙ୍ଗ ବ୍ୟାନ' ଆଇନରେ ପ୍ରାବଧାନ ରହିଛି । ଏପରିକି ଅନ୍ୟ ଦେଶରୁ ମାଳଦ୍ୱୀପ ଯାଉଥିବା ଲୋକଙ୍କ ପାଇଁ ମଧ୍ୟ ଏହି ଆଇନ୍ ଲାଗୁହେବ ।

ମାଳଦ୍ୱୀପ ସଂସଦରେ ସରକାରୀ ଦଳ ଓ ବିରୋଧି ଦଳ ଏହି ଆଇନକୁ ସମର୍ଥନ କରିଥିଲେ ଫଳରେ ଏହା ସଂସଦରେ ଗୃହୀତ ହୋଇ ଆଇନ୍‌ରେ ପରିଣତ ହୋଇଛି । ଏହି ଆଇନ୍ ଲାଗୁ ହେବା ପରେ ମାଳଦ୍ୱୀପର ଲୋକେ ଏହାକୁ ସ୍ୱାଗତ କରି ଉତ୍ସବ ପାଳନ କରିଥିଲେ । କଥା ହେଉଛି ଧୂମପାନ ଏମିତି ଏକ ଆଧୁନୀକ ବେମାରୀ ରପରେ ଦେଖାଦେଇଛି ଯାହା ସର୍ବତ୍ର ବ୍ୟାପି ଯାଇଛି । ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଧୂମପାନ ବିରୋଧରେ ମାଳଦ୍ୱୀପ ସରକାର ଯେଭଳି ପଦକ୍ଷେପ ଗ୍ରହଣ କଲେ ସେଭଳି ପଦକ୍ଷେପ ଭାରତ ସରକାର ଉଠାଉ ନାହାଁନ୍ତି କାହିଁକି ? କ'ଣ ଅସୁବିଧା ରହିଛି ଏଭଳି ପଦକ୍ଷେପ ପାଇଁ ? ବିଶ୍ୱସ୍ୱାସ୍ଥ୍ୟ ସଂଗଠନ (ଡ଼ବ୍ଲ୍ୟୁଏଚ୍‌ଓ)ର ତଥ୍ୟ ଅନୁସାରେ ଭାରତରେ ନିଶାରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ ଭାରତର କିଛି ରାଜ୍ୟରେ ଅଧିକ ସଂଖ୍ୟାକ ଯୁବବର୍ଗ ନିଶାର ଶୀକାର । ନିଶା ଯୋଗୁଁ ଘର ପରିବାର ନଷ୍ଟ ହୋଇଯାଉଛି । ନିଶାଖୋର ଲୋକଙ୍କୁ ସବୁବେଳେ ସବୁସ୍ଥାନରେ ଉପହାସର ପାତ୍ର ହେବାକୁ ପଡୁଛି । କିନ୍ତୁ ନିଶାଖୋରଙ୍କ ସଂଖ୍ୟା ବଢିବାରେ ଲାଗିଛି । ତମାଖୁ, ବିଡି, ସିଗାରେଟ ଭଳି ନିଶାଦ୍ରବ୍ୟ ବ୍ୟବହାର କାରଣରୁ ବିଶ୍ୱରେ ପ୍ରତିବର୍ଷ ୮୦ ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ହେଉଛି କିନ୍ତୁ କେହି ଡ଼ରୁନାହାଁନ୍ତି ।

ଧୂମପାନ ଭଳି ସମସ୍ୟା ବୃଦ୍ଧିକୁ ଦେଖି ଏକଥା କୁହାଯାଇପାରେ ଯେ ଭାରତ ସରକାର ଯଦି ମାଳଦ୍ୱୀପ ସରକାରଙ୍କ ଭଳି ପଦକ୍ଷେପ ଗ୍ରହଣ ନ କରିବେ ତେବେ ସ୍ଥିତି ସୁଧୁରିବା ମୁସ୍କିଲ । ଭାରତ ତମାଖୁର ସବୁଠାରୁ ବଡ଼ ଉପଭୋକ୍ତା ଏବଂ ଉତ୍ପାଦକ ଦେଶ ଅଟେ । ସରକାର ରାଜସ୍ୱର ଅଧିକ ଅଂଶ ଏଥିରୁ ହିଁ ପାଇଥାନ୍ତି । ଡ଼ବ୍ଲ୍ୟୁଏଚଓର ତଥ୍ୟ ଅନୁସାରେ ତମାଖୁ ସେବନ ଓ ଧୂମପାନ କାରଣରୁ ଭାରତରେ ପ୍ରତିବର୍ଷ ସାଢେ ୧୩ ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ହେଉଛି । ତମାଖୁ ସେବନ ଓ ବିଡି-ସିଗାରେଟ କ୍ୟାନସର, ଲିଭର ରୋଗ ଏପରିକି ହୃଦରୋଗର କାରଣ ବୋଲି ଜାଣି ମଧ୍ୟ ନିଶା ସେବନ ବଢିଚାଲିଛି । ଆମଦେଶର ସୀମାନ୍ତବର୍ତ୍ତୀ ରାଜ୍ୟ ପାବକୁ ପାକିସ୍ଥାନରୁ ଦୈନିଦିନ ଶହ ଶହ କିଲୋଗ୍ରାମ ମାଦକଦ୍ରବ୍ୟ ପାକିସ୍ଥାନ ବାଟଦେଇ ଆସୁଛି । ଏ ବାବଦରେ ଅନେକବାର ଗଣମାଧ୍ୟମରେ ସମ୍ବାଦ ପ୍ରକାଶ ପାଉଛି । ନିଶାଦ୍ରବ୍ୟ ଚୋରା ଚାଲଣକାରୀ ମାନେ ମାଦକଦ୍ରବ୍ୟ ଚାଲାଣ ପାଇଁ ଡ୍ରୋନ ବ୍ୟବହାର କରୁଥିବା ବାବଦରେ ମଧ୍ୟ ଜଣାପଡିଛି । କିନ୍ତୁ ଏହାକୁ ରୋକାଯାଇ ପାରୁନାହିଁ କାହିଁକି ?

ମାଳଦ୍ୱୀପ ସରକାର ସେ ଦେଶର ଲୋକଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଯେଉଁ ଆଇନ୍ ପ୍ରଣୟନ କରିଛନ୍ତି ତାହା ଅନ୍ୟ ଦେଶ ମାନଙ୍କ ପାଇଁ ଉଦାହରଣ ନିଶ୍ଚୟ । ଭାରତ ସରକାର ମଧ୍ୟ ମାଳଦ୍ୱୀପଠାରୁ ଶିଖିବା ଉଚିତ୍ । ମାଳଦ୍ୱୀପ ଧୂମପାନକୁ ନିଶେଧ କରିଥିବା ବିଶ୍ୱର ପ୍ରଥମ ଦେଶ । ତଥ୍ୟ ଅନୁସାରେ ମାଳଦ୍ୱୀପରେ ପ୍ରତିବର୍ଷ ଧୂମପାନ ଓ ତମାଖୁ ସେବନ କାରଣରୁ ମାତ୍ର ୧୫୦ କିମ୍ବା ତାଠାରୁ କିଛି ଅଧିକ ଲୋକଙ୍କ ମୃତ୍ୟୁ ହୋଇଥାଏ ତଥାପି ସେ ଦେଶର ସରକାରଙ୍କର ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତାକୁ ସ୍ୱାଗତ କରାଯିବା ଉଚିତ୍ । ଭାରତ ସରକାର ଯଦି ଏ ପ୍ରସଙ୍ଗରେ ଚିନ୍ତା କରନ୍ତେ ତେବେ ଧୂମପାନ କୁ ବନ୍ଦ କରାଯାଇ ପାରନ୍ତା । ଏହା ମଧ୍ୟ ଅସମ୍ଭବ ନୁହେଁ । ଧୂମପାନକୁ ଯୁବବର୍ଗ/ ଲୋକେ ଏବେ ମଡ଼ର୍ଣ୍ଣ ଷ୍ଟାଟସ ବୋଲି ଭାବି ନେଇଛନ୍ତି ଯେଉଁଥି ପାଇଁ ଧୂମପାନକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ନାବାଳକ ଏପରିକି ମହିଳା ମାନେ ମଧ୍ୟ ଧୂମପାନ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ମାଦକ ପଦାର୍ଥର କ୍ରୟବିକ୍ରୟ ଏସିଆ ମହାଦେଶରେ ଅଧିକ ହେଉଛି । ମାଳଦ୍ୱୀପର 'ଜେନେରେସନାଲ ସ୍ମୋକିଙ୍ଗ୍ ବ୍ୟାନ୍ତ ହେଉଛି ବିଶ୍ୱର ପ୍ରଥମ ତମାଖୁ ମୁକ୍ତି ପାଇଁ ଆଇନ୍ । ଭାରତରେ ଏମିତି କିଛି ଆଇନ୍ ନାହିଁ କିନ୍ତୁ ରାଷ୍ଟ୍ରୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଭଳି ଆଇନ୍ ରହିଛି । ଏତଦ୍ ବ୍ୟତୀତ ସମୟ ସମୟରେ ରାଜ୍ୟର ସରକାରମାନେ ଏହା ଉପରେ ପ୍ରତିବନ୍ଧ ଲଗାଇଥାନ୍ତି । କିନ୍ତୁ ଦୁର୍ଭାଗ୍ୟ ଯେ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଓ ରାଜ୍ୟ ସରକାରଙ୍କ ପ୍ରତିବନ୍ଧ ବିଫଳ ସାବ୍ୟସ୍ତ ହେଉଛି । ଅନ୍ତତଃ ନିଶା ବିରୁଦ୍ଧରେ ସଂଘର୍ଷ ଏକ ନିରନ୍ତର ଅଭିଯାନ ଅଟେ । ଏହା ଗୋଟିଏ ଥରର କାର୍ଯ୍ୟକ୍ରମ ନୁହେଁ । ପୌରାଣିକକାଳ ଠାରୁ ଆଜି ପର୍ଯ୍ୟନ୍ତର ଅନୁଭବରୁ ଶିକ୍ଷା ମିଳେ ଯେ ଯେଉଁଠି ସଂଜମ, ବିବେକ ଏବଂ ମୂଲ୍ୟ ଥାଏ ସେଠି ସମାଜର ବିକାଶ ହୋଇଥାଏ । କିନ୍ତୁ ଯେଉଁଠି ଆବଶ୍ୟକତା ହେଉଛି ଆମେ ଆମର ସାଂସ୍କୃତିକ ମୂଲ୍ୟ ଆଡ଼କୁ ଫେରିବା ଏବଂ ନିଶା-ମୁକ୍ତ, ସୁସ୍ଥ ଏବଂ ସଶକ୍ତ ସମାଜ ଗଠନ କରିବା ଦିଗରେ ଅଗ୍ରସର ହେବା ।


+ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪


## ଭାରତୀୟ ରାଜନୀତିରେ ପରିବାର ପ୍ରଭାବ




ଅଧ୍ୟାପକ ଗୋପବନ୍ଧୁ


ଭାରତୀୟ ରାଜନୀତିକୁ ପରିବାରବାଦ ଗ୍ରାସ କରିଛି । ପରିବାର ନୀକଟରେ ବନ୍ଧା ପଡିଛି ଆମ ଗଣତନ୍ତ୍ର । ସର୍ବାପେକ୍ଷା ପ୍ରାଚୀନ ରାଜନୈତିକ ଦଳ ହେଉଛି ଭାରତୀୟ ଜାତୀୟ କଂଗ୍ରେସ । ଏଥିରେ ପରିବାରବାଦ ସ୍ପଷ୍ଟ । ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଜୱାହରଲାଲ ନେହେରୁଙ୍କ ପରେ ଆସିଲେ ତାଙ୍କ ଝିଅ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ, ତାଙ୍କ ପରେ ଆସିଲେ ତାଙ୍କ ପୁଅ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀ, ତାଙ୍କପରେ ଦଳର ନେତୃତ୍ୱ ନେଲେ ତାଙ୍କ ସ୍ତ୍ରୀ ଶ୍ରୀମତୀ ସୋନିଆ ଗାନ୍ଧୀ, ତାଙ୍କ ପରେ ଏବେ ତାଙ୍କ ପୁତ୍ର ଶ୍ରୀ ରାହୁଲ ଗାନ୍ଧୀ ଦଳ ସମ୍ଭାଳୁଛନ୍ତି, ତାଙ୍କ ଝିଅ ଶ୍ରୀମତୀ ପ୍ରିୟଙ୍କା ଗାନ୍ଧୀ(ଭଦ୍ରା) ଦଳର ସର୍ବମାନ୍ୟ ନେତ୍ରୀ । ଗାନ୍ଧୀ ପରିବାର କଂଗ୍ରେସକୁ ଛାଡିବାକୁ ନାରାଜ୍ ଓ କଂଗ୍ରେସ କର୍ମୀମାନେ ମଧ୍ୟ ଗାନ୍ଧୀ ପରିବାରକୁ ଛାଡିବାକୁ ନାରାଜ୍ । ଧାରଣା ଯେ ଗାନ୍ଧୀ ପରିବାରକୁ ଛାଡି କଂଗ୍ରେସ ତିଷ୍ଠିରହି ପାରିବ ନାହିଁ ।

ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ଗୋଟିଏ ପାରିବାରିକ ପାର୍ଟି । ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଲାଲୁପ୍ରସାଦ ଯାଦବ ସଂଘର୍ଷକରି ଏ ପାର୍ଟିକୁ ପ୍ରତିଷ୍ଠା କରିଥିଲେ । ଏବେ ତାଙ୍କ ପୁଅ ଶ୍ରୀ ତେଜସ୍ୱୀ ଯାଦବ ଏହାର ହର୍ତ୍ତାକର୍ତ୍ତା । ଦିନେ ତାଙ୍କ ମାଆ ଶ୍ରୀମତୀ ରାବଡ଼ି ଦେବୀ ବିହାରର ମୁଖ୍ୟମନ୍ତ୍ରୀ ଥିଲେ । ତାଙ୍କ ପରିବାରର ସମସ୍ତେ ଦିନେ ଉଚ୍ଚ ପଦପଦବୀରେ ଥିଲେ । ଲାଲୁପ୍ରସାଦଙ୍କ ପରିବାରର ସଦସ୍ୟ ହେବାହିଁ ଥିଲା ଏମାନଙ୍କ ଯୋଗ୍ୟତା । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ରାମବିଳାସ ପାଶୱାନ ସଂଘର୍ଷ କରିଆରେ ରାଜନୀତିରେ ନିଜକୁ ପ୍ରତିଷ୍ଠିତ କରିଥିଲେ ଓ ଲୋକ ଜନଶକ୍ତି ପାର୍ଟି(ଏଲଜେପି) ଗଠନ କରିଥିଲେ । ବର୍ତ୍ତମାନ ଏହି ପାର୍ଟିର ଗୋଟିଏ ଗୋଷ୍ଠୀର ଲଗାମ୍ ତାଙ୍କ ପୁଅ ଶ୍ରୀ ଚିରାଗ ପାଶୱାନଙ୍କ ହାତରେ ଓ ଅନ୍ୟ ଗୋଷ୍ଠୀର ଲଗାମ୍ ତାଙ୍କ କକା ପଶୁପତି ପାରସଙ୍କ ହାତରେ ।

ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ମୁଲାୟମ ସିଂ ଯାଦବ ସମାଜବାଦୀ ପାର୍ଟି(ଏସପି) ଗଠନ କରିଥିଲେ । ଏବେ ଏ ପାର୍ଟି ତାଙ୍କ ପୁଅ ଶ୍ରୀ ଅଖିଳେଶ ଯାଦବଙ୍କ ଦ୍ୱାରା ପରିଚାଳିତ । ତାଙ୍କ କକା ଶ୍ରୀ ଶିବପାଲ ଯାଦବ ବାହାରିଯାଇ ଅନ୍ୟଦଳ ଗଢ଼ିଥିଲେ । ଦିନେ ତାଙ୍କ ପରିବାରର ସମସ୍ତେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଥିଲେ । ଯୋଗ୍ୟତା ପରିବାରର ସଦସ୍ୟ ହେବା । ବହୁଜନ ସମାଜ ପାର୍ଟି(ବିଏସପି) ସୁପ୍ରିମୋ ହେଉଛନ୍ତି ସୁଶ୍ରୀ ମାୟାବତୀ । ସେ ଏବେ ତାଙ୍କ ଭାଇ ଓ ପୁତୁରାଙ୍କୁ ପାର୍ଟିର ଉଚ୍ଚପଦବୀ ଦେଇଛନ୍ତି । ତାଙ୍କୁ ଉତ୍ତରାଧିକାରୀ ଭାବେ ପ୍ରସ୍ତୁତ କରୁଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂଙ୍କ ପୁଅ ଶ୍ରୀ ଅଜିତ ସିଂ ଗଠନ କରିଥିଲେ ରାଷ୍ଟ୍ରୀୟ ଲୋକଦଳ (ଆରଏଲଡି) । ତାଙ୍କ ପରେ ତାଙ୍କ ପୁଅ ଜୟନ୍ତ ଚୌଧୁରୀ ଏହାର ନେତୃତ୍ୱ ନେଉଛନ୍ତି । ହରିୟାନାର ଜନନାୟକ ଜନତା ପାର୍ଟି(ଜେଜେପି) ପାରିବାରିକ ପାର୍ଟିର ଅନ୍ୟ ଏକ ଉଦାହରଣ । ପୂର୍ବତନ ଉପପ୍ରଧାନମନ୍ତ୍ରୀ ଶ୍ରୀ ଦେବୀଲାଲ ଏହାର ଆଦ୍ୟ ସୂତ୍ରଧର । ତାଙ୍କ ଉତ୍ତରାଧିକାରୀ ତାଙ୍କ ପୁଅ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଓମ୍ ପ୍ରକାଶ ଚୌତାଲା । ତାଙ୍କ ନାତି ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଶ୍ରୀ ଦୁଷ୍ମନ୍ତ ଚୌତାଲାଙ୍କ ହାତରେ ଏ ପାର୍ଟି । ମହାରାଷ୍ଟ୍ରର ଶ୍ରୀ ବାଲ୍ ଥାକରେ ହେଉଛନ୍ତି ଶିବସେନାର ପ୍ରତିଷ୍ଠାତା । ଏବେ ଏ ପାର୍ଟି ତାଙ୍କ ପୁଅ ଶ୍ରୀ ଉଦ୍ଧବ ଠାକରେଙ୍କ ଦ୍ୱାରା ପରିଚାଳିତ । ତାଙ୍କ ପୁତୁରା ଶ୍ରୀ ରାଜ ଥାକରେ ଅନ୍ୟ ଏକଦଳ ଗଢ଼ିଥିଲେ । ଏବେ ଉଭୟେ ମିଶି ଯାଇଛନ୍ତି । ସେଠାରେ ନେଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନସିପି)ର ପ୍ରତିଷ୍ଠାତା ହେଉଛନ୍ତି ବରିଷ୍ଠ ନେତା ଶ୍ରୀ ଶରଦ ପାୱାର । ଏବେ ତାଙ୍କ ଝିଅ ଶ୍ରୀମତୀ ସୁପ୍ରିୟା ସୁଲେ ଉତ୍ତରାଧିକାରୀ ଭାବେ ଆସୁଛନ୍ତି । ତାଙ୍କ ପୁତୁରା ଶ୍ରୀ ଅଜିତ ପାୱାର ଅନ୍ୟ ଏକ ଦଳ ଗଢ଼ିଛନ୍ତି । ଜାମୁ ଓ କାଶ୍ମୀରରେ ନେସନାଲ କନଫାରେନ୍ସର ପ୍ରତିଷ୍ଠାତା ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ସେକ୍ ଅବଦୁଲ୍ଲା । ତାଙ୍କ ପରେ ତାଙ୍କ ପୁଅ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲା ଏହାର ନେତୃତ୍ୱ ନେଲେ । ଏବେ ତାଙ୍କ ପୁଅ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ଏହାର ନେତୃତ୍ୱ ନେଉଛନ୍ତି । ସେଠାରେ ପିପୁଲ୍ସ ଡେମୋକ୍ରାଟିକ ପାର୍ଟି(ପିଡିପି)ର ପ୍ରତିଷ୍ଠାତା ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ସୟେଦ୍ ମହମ୍ମଦ ମୁଫତି । ଏବେ ଏହାର ନେତୃତ୍ୱ ନେଉଛନ୍ତି ତାଙ୍କ ଝିଅ ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତି । ତାମିଲନାଡୁରେ ଡିଏମକେର ପ୍ରତିଷ୍ଠାତା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଏମ୍ କରୁଣାନିଧି । ଏବେ ତାଙ୍କ ପୁଅ ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ୍ ଏହାର ନେତୃତ୍ୱ ନେଉଛନ୍ତି । ଆନ୍ଧ୍ରପ୍ରଦେଶରେ ଶ୍ରୀ ଜଗନମୋହନ ରେଡି ତାଙ୍କ ବାପା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ରାଜଶେଖର ରେଡିଙ୍କ ନାମରେ ଦଳ ଗଠନକରି ମୁଖ୍ୟମନ୍ତ୍ରୀ ହୋଇଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ଚନ୍ଦ୍ରବାବୁ ନାଇଡୁ ନିଜ ଶଶୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଏନ୍ ଟି ରାମାରାଓଙ୍କଠାରୁ କ୍ଷମତା ଦଖଲ କରିଥିଲେ ।

ପଶ୍ଚିମବଙ୍ଗର ମମତା ବାନାର୍ଜୀ ନିଜ ପୁତୁରା ଅଭିଷେକ ବାନାର୍ଜୀଙ୍କୁ ଉତ୍ତରାଧିକାରୀ ଭାବେ ପ୍ରସ୍ତୁତ କରୁଛନ୍ତି । ଝାଡ଼ଖଣ୍ଡ ରାଜ୍ୟରେ କ୍ଷମତାସୀନ ଥିବା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ)ରେବି ପରିବାରବାଦ ପ୍ରବଳ । ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଶ୍ରୀ ହେମନ୍ତ ସୋରେନ୍ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଶିବୁ ସୋରେନଙ୍କ ପୁଅ । ତାଙ୍କ ନିୟନ୍ତ୍ରଣରେ ପାର୍ଟି । ଜେଏମଏମର ପ୍ରତିଷ୍ଠାତା ପୂର୍ବତନ ସାଂସଦ ସ୍ୱର୍ଗତ ବିନୋଦବିହାରୀ ମାହାତୋଙ୍କ ପୁତ୍ର ଶ୍ରୀ ରାଜକିଶୋର ମାହାତୋ ସାଂସଦ ଥିଲେ ଓ ରାଜ୍ୟର ଜଣେ ଆଗ ଧାଡିର ରାଜନୀତିଜ୍ଞ । କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଏଚ୍ ଡି କୁମାରସ୍ୱାମୀ ଜନତା ଦଳ(ଏସ୍)ର ନେତୃତ୍ୱ ନେଉଛନ୍ତି । ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଏଚ୍ ଡି ଦେବଗୌଡଙ୍କ ପୁଅ । ରାଜସ୍ଥାନର ପୂର୍ବତନ କଂଗ୍ରେସ ନେତା ଶ୍ରୀ ରାଜେଶ ପାଇଲଟଙ୍କ ପୁଅ ଶ୍ରୀ ସଚିନ ପାଇଲଟ । ସେବି ଜଣେ କଂଗ୍ରେସର ତୁଙ୍ଗନେତା । ଏହିପ୍ରକାର ଅନେକ ଦୃଷ୍ଟାନ୍ତ ଭାରତୀୟ ରାଜନୀତିରେ ଭରପୁର ।

ଓଡିଶା ରାଜନୀତି ମଧ୍ୟ ପରିବାରବାଦରୁ ମୁକ୍ତ ନୁହେଁ । ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପୁଅ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଯାହାଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ଚାଲିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହରେକୃଷ୍ଣ ମହତାବଙ୍କ ପୁଅ ହେଉଛନ୍ତି କଟକ ସାଂସଦ ଶ୍ରୀ ଭର୍ତ୍ତୃହରି ମହାତବ । ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସ୍ତ୍ରୀ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ସାଂସଦ ଓ ତାଙ୍କ ଜାମାତା ସୌମ୍ୟରଞ୍ଜନ ପଟ୍ଟନାୟକ ଜଣେ ପରିଚିତି ରାଜନେତା । ଜନତା ଦଳର ପୂର୍ବତନ ସଭାପତି ସ୍ୱର୍ଗତ ଅଶୋକ ଦାସଙ୍କ ପୁଅ ଶ୍ରୀ ପ୍ରଣବ ପ୍ରକାଶ ଦାସ ଜଣେ ଆଗଧାଡିର ନେତା । ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନନ୍ଦିନୀ ଶତପଥୀଙ୍କ ପୁଅ ଶ୍ରୀ ତଥାଗତ ଶତପଥୀ ପୂର୍ବତନ ସାଂସଦ ଓ ଜଣେ ପ୍ରତିଷ୍ଠିତ ନେତା । ପୂର୍ବତନ ଶିକ୍ଷାମନ୍ତ୍ରୀ ସ୍ୱର୍ଗତ ଚୈତନ୍ୟ ପ୍ରସାଦ ମାଝୀଙ୍କ ଝିଅ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ଜଣେ ଆଗୁଆ ନେତ୍ରୀ । ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗୋଙ୍କ ପୁଅ ଶିଶିର ଗମାଙ୍ଗୋ ମଧ୍ୟ ରାଜନୀତିରେ ଅଛନ୍ତି । ବର୍ତ୍ତମାନର ଉଚ୍ଚଶିକ୍ଷାମନ୍ତ୍ରୀ ହେଉଛନ୍ତି ପୂର୍ବତନ ନେତା ବିଷ୍ଣୁଚରଣ ସେଠୀଙ୍କ ପୁଅ । ଦେଖିବାକୁ ଗଲେ ଓଡିଶା ରାଜନୀତି ପରିବାରବାଦରେ ଭରପୁର ।

ଭାରତୀୟ ଜନତା ପାର୍ଟି ପରିବାରବାଦରୁ ଉର୍ଦ୍ଧ୍ୱରେ ବୋଲି ଦାବି କରେ । ଏହି ପାର୍ଟିରେବି କ୍ରମେ ପରିବାରବାଦ ପରିଲକ୍ଷିତ ହେଉଛି । ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂଙ୍କ ପୁଅ ଶ୍ରୀ ପଙ୍କଜ ସିଂ ଉତ୍ତରପ୍ରଦେଶ ବିଜେପିର ସାଧାରଣ ସମ୍ପାଦକ ଓ ବିଧାୟକ ମଧ୍ୟ । କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ପୁଅ । ଗାନ୍ଧୀ ପରିବାରରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀମତୀ ମେନକା ଗାନ୍ଧୀ ଓ ତାଙ୍କ ପୁଅ ଶ୍ରୀ ବରୁଣ ଗାନ୍ଧୀ ଏବେ ବିଜେପିରେ ଅଛନ୍ତି । ବିଜେପି ନେତ୍ରୀ ବିଜୟ ରାଜେଙ୍କ ଝିଅ ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ଓ ପୁଣି ତାଙ୍କ ପୁଅ ଦୁଶ୍ୟନ୍ତ ରାଜେ ବିଜେପିରେ । ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ରମଣ ସିଂଙ୍କ ପୁଅ ଅଭିଷେକ ସିଂ, ପ୍ରମୋଦ ମହାଜନଙ୍କ ଝିଅ ପୁନମ୍ ମହାଜନ, ଗୋପିନାଥ ମୁଣ୍ଡେଙ୍କ ଝିଅ ପଙ୍କଜା ମୁଣ୍ଡେ, ଭେଦ ପ୍ରକାଶ ଗୋଏଲଙ୍କ ପୁଅ ପୀୟୁଷ ଗୋଏଲ, ଭିକେ ମାଲହୋତ୍ରାଙ୍କ ପୁଅ ଏକେ ମାଲହୋତ୍ରା, କେ. ବିଜୟବର୍ଗୀଙ୍କ ପୁଅ ଏ. ବିଜୟବର୍ଗୀ, ଜର୍ଜ ଫଡନବିସଙ୍କ ପୁଅ ବର୍ତ୍ତମାନ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ ପରି ଆହୁରି ଅନେକ ଅଛନ୍ତି ଯେଉଁମାନେ ଉତ୍ତରାଧିକାରୀ ସୂତ୍ରରେ ରାଜନୀତିରେ ସଫଳ ହୋଇଛନ୍ତି । ତେଣୁ ଏ ପାର୍ଟିକୁ ସମ୍ପୂର୍ଣ୍ଣରୂପେ ପରିବାରବାଦରୁ ମୁକ୍ତ ବୋଲି କହିହେବ ନାହିଁ ।

ସାମ୍ପ୍ରତିକ ରାଜନୈତିକ ଦଳଗୁଡିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଅଳ୍ପ କେତୋଟି ପାର୍ଟି ପରିବାରବାଦରୁ ସମ୍ପୂର୍ଣ୍ଣଭାବେ ମୁକ୍ତ । ପରିବାରବାଦ ଗଣତନ୍ତ୍ର ପାଇଁ ସମସ୍ୟା । ଭାରତୀୟ ରାଜନୀତି ପରିବାରବାଦରୁ ମୁକ୍ତ ହେବା ଜରୁରୀ । କାରଣ ଏହା ରାଜତନ୍ତ୍ରର ଭିନ୍ନରୂପ । କୌଣସି ନେତା ବା ନେତ୍ରୀଙ୍କ ଦେହାନ୍ତ ହେଲେ ଖୋଜାଚାଲେ ତାଙ୍କ ପୁଅ କିମ୍ବା ଝିଅକୁ ଉତ୍ତରାଧିକାରୀ ସୂତ୍ରରେ ପ୍ରତିନିଧିତ୍ୱ କରିବାର ସୁଯୋଗ ଦେବା ପାଇଁ । ଦେଶରେ ନେତାର ପୁଅକୁ ନେତା ରୂପରେ ଦେଖିବାର ଥିଲେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତିଷ୍ଠା କରିବାର ଆବଶ୍ୟକତା କଣ ଥିଲା ? ଗଣତାନ୍ତ୍ରିକ ଶାସନ ଶ୍ରେଷ୍ଠ ବ୍ୟକ୍ତିଙ୍କ ହାତରେ ରହିବା କଥା । ପରିବାରବାଦ ଏହାକୁ ପ୍ରତିହତ କରେ । ରାଜନୀତିରେ ପରିବାରବାଦ କ୍ରମେ ବଢ଼ି ବଢି ଚାଲିଛି । ଏହାକୁ ରୋକାନଗଲେ ସାଧାରଣ ନାଗରିକଙ୍କ ପାଇଁ କୌଣସି ସୁଯୋଗ ରହିବ ନାହିଁ ପ୍ରତିନିଧିତ୍ୱ କରିବାର । ସମସ୍ତ ନାଗରିକ ଏଦିଗରେ ସଚେତନ ହେବା ଓ ଏହାକୁ ପ୍ରତିହତ କରିବା ପାଇଁ ଆଗଭର ହେବା ଜରୁରୀ ।


+ବାରିପଦା, ମୟୁରଭଞ୍ଜ,
ମୋ: ୭୦୦୮୯୭୬୧୮୦





### ତୋ'ଠାରୁ ଭଲ ତୋ ସ୍ମୃତି


ନୀଳମଣି ଚାନ୍ଦ




ତୋ'ଠାରୁ ଭଲ ତୋ ସ୍ମୃତି
କନ୍ଦାଏ ସିନା
ହେଲେ ପ୍ରିୟା ତୋ ପରି ସେ
ଛାଡ଼ି ତ ଯାଏନା ।
କେତେ ମିଠା କଥା କହୁ
ପାଖରେ ତ ଥାଉ
କେବେ ରୋଷ କଲେ ତୁହି
ଯାଇ ଦୂରେ ରହୁ
ହେଲେ ସ୍ମୃତି ରହେ ପାଖେ
ଯେମିତି ସେ ଚିହ୍ନ ।
ସେଥିପାଇଁ ସ୍ମୃତି ମୋ'ର
ଅତି ଆପଣାର
କରିନାହିଁ ଜୀବନରେ
ସିଏ କେବେ ପର
ଭାବେ ବଞ୍ଚି ହେବନାହିଁ
ସେ ସ୍ମୃତିର ବିନା ।
ପ୍ରିୟା, ପ୍ରିୟା ସ୍ମୃତି ମଧ୍ୟେ
ଫରକ ତ ଇଏ
ଏକାନ୍ତରେ ଥିଲେ ଆସି
ଛୁଇଁ ଯାଏ ଯିଏ
ପ୍ରିୟା ଥାଉ ସ୍ମୃତି ଥାଉ
କରୁନି ମୁଁ ମନା ।


+ ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭


### ଈର୍ଷା


ମନୋଜ କୁମାର ମେହେର




ମଣିଷ ଜୀବନ ହୋଇଯାଏ ଧନ୍ୟ
ଯଦିଥାଏ ଭଲ ଗୁଣ,
ସୁଗୁଣ ସର୍ବଦା ଅଟଇ ମହତ
କରାଇଥାଏ ମହାନ ।।
ରାଗ, ରୁଷା, ଈର୍ଷା, ମାନ, ଅଭିମାନ
ଅଟଇ ସବୁ ଦୁର୍ଗୁଣ,
ହୃଦୟ ଭିତରେ ଯେବେ ପଶି ଆସେ
ଜୀବନ ନର୍କ ସମାନ ।।
ଈର୍ଷାଶୀଳ ବ୍ୟକ୍ତି ଜୀବନ କାଳରେ
ନ କରେ କେବେ ଉନ୍ନତି,
ଅନ୍ୟ ସୁଖ ଦେଖି ସିଏ ଜର୍ଜରିତ
ପୋଡିଯାଏ ତା'ର ଛାତି ।।
ଈର୍ଷା ପରାୟଣ ହୋଇଲେ ମଣିଷ
ଜୀବନଟା କଳୁଷିତ,
ପାଏ ନା ସମ୍ମାନ ହୁଏ ହିନୀମାନ
ସର୍ବତ୍ର ହୁଏ ନିନ୍ଦିତ ।।
ଅନ୍ୟର ଉନ୍ନତି ସେ କାହିଁ ସହିବ
ଯଦି ଥାଏ ମନେ ଈର୍ଷା,
ଈର୍ଷା ହୃଦେ ଧରି ମାନବ ସମାଜେ
ହୋଇଥାଏ ଲୋକହସା ।।
ଈର୍ଷା ଭାବ ଯଦି ହୃଦୟ ଭିତରୁ
ଯେବେ କରିଦେବା ଦୂର,
ଜୀବନ ହୋଇବ ସରସ ସୁନ୍ଦର
ପାଇବା ସ୍ନେହ ଆଦର ।।


+ବଣ୍ଡାକୁଟୁରା, ଜୁନାଗଡ଼, କଳାହାଣ୍ଡି
ମୋ-୯୩୩୭୭୯୩୧୫୭




# ପିଲାଙ୍କ ପାଇଁ କ୍ଷତିକାରକ ମୋବାଇଲ୍...

ଆଜିକାଲି ମୋବାଇଲ୍ ଯୁଗ ଜୋର ଧରିଛି। ପିତାମାତାମାନେ ପ୍ରାୟତଃ ପିଲାମାନଙ୍କୁ ଚୁପ୍ ରଖିବା ପାଇଁ ସେମାନଙ୍କ ମୋବାଇଲ୍ ଫୋନ୍ ହାତରେ ଦିଅନ୍ତି। ଏହି ଅଭ୍ୟାସ କେତେ ବିପଦପୂର୍ଣ୍ଣ ହୋଇପାରେ ଆସନ୍ତୁ ଆମେ ବର୍ଣ୍ଣନା କରିବା। ଆଜିକାଲି ଅନେକ ପିତାମାତା କୌଣସି କାରଣ ନଥାଇ ଛୋଟ ପିଲାମାନଙ୍କୁ ମୋବାଇଲ୍ ଫୋନ୍ ଦିଅନ୍ତି, କିନ୍ତୁ ନୂତନ ଗବେଷଣା ଚିନ୍ତା ବଢାଇ ଦେଉଛି। ଏକ ଅଧ୍ୟୟନ ଅନୁଯାୟୀ, ୧୨ ବର୍ଷରୁ କମ୍ ବୟସର ସ୍ମାର୍ଟଫୋନ୍ ପାଇବା ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ।

ପେଡିଆଟ୍ରିକ୍ସ ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ କମ୍ ବୟସରେ ସ୍ମାର୍ଟଫୋନ୍ ବ୍ୟବହାର କରୁଥିବା ପିଲାମାନଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା, ଯେପରିକି ଡିପ୍ରେସନ୍, ନିଦ୍ରା ଅଭାବ ଏବଂ ସ୍ଥୁଳକାୟତା ହେବାର ସମ୍ଭାବନା ଅଧିକ ଥାଏ।

ଏହି ଗବେଷଣା ଆମେରିକାର ୧୦ ହଜାରରୁ ଅଧିକ ପିଲାଙ୍କ ତଥ୍ୟ ଉପରେ ଆଧାରିତ, ଯେଉଁଥିରେ ଦେଖାଯାଇଛି ଯେ ୧୨ ବର୍ଷ ବୟସ ପୂର୍ବରୁ ଫୋନ୍ ଥିବା ପିଲାମାନଙ୍କ ନିଦ ଏବଂ ମାନସିକ ଅବସ୍ଥା ଅନ୍ୟମାନଙ୍କ ତୁଳନାରେ ଅଧିକ ପ୍ରଭାବିତ ହୋଇଥିଲା।

ଗବେଷକଙ୍କ ଅନୁସାରେ, ଯେତେ ଛୋଟ ପିଲାମାନେ ସ୍ମାର୍ଟଫୋନ୍ ଗ୍ରହଣ କରିବେ, ସେମାନଙ୍କର ପରବର୍ତ୍ତୀ ଜୀବନରେ ସ୍ୱାସ୍ଥ୍ୟ ସମସ୍ୟା ସେତେ ଗୁରୁତର ହେବ। ବିଶେଷକରି, ଖରାପ ନିଦ୍ରା ଅଭ୍ୟାସ ଏବଂ ଓଜନ ବୃଦ୍ଧି କମ ବୟସରୁ ଆରମ୍ଭ ହୋଇଥିଲା।

ଅଧ୍ୟୟନର ମୁଖ୍ୟ ଲେଖକ, ଶିଶୁ ମନସ୍ତତ୍ତ୍ୱବିତ୍ ରାନ୍ ବାର୍ଜିଲେ କହିଛନ୍ତି ଯେ ଗବେଷଣାରେ ପିଲାମାନେ ପ୍ରକୃତରେ ସେମାନଙ୍କ ଫୋନରେ କ'ଣ କରନ୍ତି ତାହା ମଧ୍ୟ ଦେଖାଯାଇନାହିଁ। କେବଳ ଫୋନ୍ ରଖିବା ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥିବା ପରି ମନେ ହେଉଛି।

ଏକ ବର୍ଷର ତୁଳନାରୁ ଏହା ମଧ୍ୟ ଜଣାପଡିଛି ଯେ ଯେଉଁ ପିଲାମାନଙ୍କ ପାଖରେ ସ୍ମାର୍ଟଫୋନ୍ ନଥିଲା ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ ସେହି ପିଲାମାନଙ୍କ ତୁଳନାରେ ଭଲ ଥିଲା ଯେଉଁମାନେ ପାଖରେ ସ୍ମାର୍ଟଫୋନ୍ ଥିଲା। ଟାବଲେଟ୍ କିମ୍ବା ଅନ୍ୟ ଡିଭାଇସ୍ ଥିବା ସତ୍ତ୍ୱେ, ଫଳାଫଳରେ ବିଶେଷ ପରିବର୍ତ୍ତନ ହୋଇନାହିଁ।

# ରୋଗ ଉପଶମ କରେ ଶୀତଦିନିଆ ଖାଦ୍ୟ

ଶୀତଦିନ ଖାଇବାର ମଜା ସ୍ୱତନ୍ତ୍ର। ବଜାରସାରା ଆକର୍ଷଣୀୟ, ପୁଷ୍ଟିକର, ସୁସ୍ୱାଦୁ ତଥା ଶସ୍ତା ଶାଗ ଓ ପନିପରିବା ଏବଂ ଭଲିକି ଭଲି ଫଳ ଯାହାକୁ ଯେତେ। ଯଦିଓ ବିଳମ୍ବ ହୋଇଛି ତଥାପି ଥିରିଥିରି ହୋଇ ଶୀତ ଆସି ଦେହମନକୁ ରୋମାଞ୍ଚିତ କଲାଣି। ଉଷୁମ ଖାଦ୍ୟ ପ୍ରତି ଆକର୍ଷଣ ବଢ଼ିଥିବା ବେଳେ କୋଲ୍ଡ୍ରିଙ୍କସ୍ ପରି ମୃଦୁପାନୀୟ ଆଉ ତୁଣ୍ଡକୁ ସୁଆଦ ଲାଗୁନି। ତେଣୁ ଏହି ଋତୁଟା ସ୍ୱାସ୍ଥ୍ୟ



ଦୃଷ୍ଟିରୁ ସ୍ୱତନ୍ତ୍ର। ଶୀତଦିନେ ବେଶୀ ମିଳେ ପାଳଙ୍ଗ, ମେଥି, ସୋରିଷ ଓ ମୂଳା ଶାଗ। ଶାଗ ମାତ୍ରକେ ଭିଟାମିନ୍-'ଏ' (ବିଟା-ଭିଟାମିନ୍), ଭିଟାମିନ୍ 'ସି', ଭିଟାମିନ 'ଇ', ଫଲିକ୍ ଏସିଡ୍, ଲୌହ, କ୍ୟାଲ୍‌ସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଇତ୍ୟାଦି ଉପାଦାନରେ ସମୃଦ୍ଧ। ଶାଗରୁ ମଧ୍ୟ ମିଳେ ଅତି ଉପକାରୀ 'ଓମେଗା ଥ୍ରି' ନାମକ ଫ୍ୟାଟ୍ ବା ସ୍ନେହସାର। ଶାଗରେ ଥାଏ ବିଟା କାରୋଟିନ୍ ଭିଟାମିନ୍ 'ସି', ଭିଟାମିନ୍ 'ଇ', ଗ୍ଲୁକୋସାଇନୋଲେଟ୍, ଆଇସୋଥାୟୋସାୟିନେଟ୍ ଓ ଫ୍ଲାଭୋନ୍‌ଏଡ୍‌ସ ଜାତୀୟ ଆଣ୍ଟିଅକ୍ସିଡାଣ୍ଟ। ତେଣୁ ନିୟମିତ ଶାଗ ଖାଇଲେ ରକ୍ତହୀନତା, ହୃଦ୍‌ରକ୍ତନଳୀ ରୋଗ, ଡାଇବେଟିସ୍, କାଟାରାକ୍ଟ, ପୃଥୁଳତା, କୋଷ୍ଠକାଠିନ୍ୟ ଓ ବିଭିନ୍ନ ପ୍ରକାର କ୍ୟାନ୍‌ସର ଜାତ ହେବାରେ ଆଶଙ୍କା ହ୍ରାସପାଏ। ଏହି ଋତୁରେ ତଟକା ଗାଜର, ବିଟ୍ ଓ କନ୍ଦମୂଳ ପ୍ରଚୁର ପରିମାଣରେ ମିଳେ। ଗାଜରରୁ ମିଳେ ବିଟାକାରୋଟିନ୍ ଭିଟାମିନ୍ 'ସି', ସାଆନିଡିନ୍, ଲିଉଟିନ୍ ଜାତୀୟ ଆଣ୍ଟି ଅକ୍ସିଡାଣ୍ଟ। ବିଟ୍‌ରୁ ବେଶୀ ମିଳେ ଭିଟାମିନ୍ 'ଏ', 'ବି', 'ସି', 'କେ', ପୋଟାସିୟମ୍ ଓ ଫୋଲେଟ୍। ଜୁସ୍ ହିସାବରେ ଏହା ଖୁବ୍ ଉପଯୋଗୀ। କନ୍ଦମୂଳରେ ରହିଛି ବିଟା କାରୋଟିନ୍ ଓ ଭିଟାମିନ୍ 'ସି' ଭଳି ଆଣ୍ଟି ଅକ୍ସିଡାଣ୍ଟ ଓ ବେଶି ଖାଦ୍ୟତନ୍ତୁ। କନ୍ଦମୂଳ ଆଳୁଠାରୁ ମିଠା। କିନ୍ତୁ ଏଥିରେ ଗ୍ଲାଇସିମିକ୍ ଇଣ୍ଡେକ୍ସ କମ୍ ଥିବାରୁ ଏହାକୁ ଖାଇଲେ ରକ୍ତରେ ଗ୍ଲୁକୋଜ୍‌ର ମାତ୍ରା ବିଶେଷ ବଢ଼ି ନଥାଏ। ମୂଳା ଓ କୋବି ହେଉଛି ବ୍ରାସିକା ପରିବାରର। ମୂଳା ଏକ ମୂଳଜାତୀୟ ପରିବା। ମୂଳାରେ ରହିଥାଏ ପ୍ରଚୁର ଭିଟାମିନ୍, ଖଣିଜ ଲବଣ ଓ କାଟେଚିନ୍, ପାଇରୋଗାଲ୍ଲୋଲ, ଭାନିଲିନ୍ ଏବଂ ଅନ୍ୟାନ୍ୟ ଫିନୋଲିକ୍ ଯୌଗିକ ଭଳି ଆଣ୍ଟି ଅକ୍ସିଡାଣ୍ଟ। ଏଗୁଡ଼ିକରେ କ୍ୟାଲୋରି, ଶ୍ୱେତସାର ଓ ସ୍ନେହସାର କମ୍ ରହୁଥିବାରୁ ହୃଦ୍‌ରୋଗୀ, ଡାଇବେଟିସ୍ ରୋଗୀ, ଉଚ୍ଚ ରକ୍ତଚାପ ରୋଗୀ ଓ ମେଦବହୁଳ ଆକ୍ରାନ୍ତ ରୋଗୀମାନେ ଏଗୁଡ଼ିକୁ ଯେତେଇଚ୍ଛା ସେତେ ଖାଇପାରିବେ। ଶିମ୍ବରୁ ମିଳେ 'ଡେଡ୍‌ଜେନ୍' ଜାତୀୟ ବିଶେଷ ଧରଣର ଆଇସୋଫ୍ଲାଭୋନ୍, ଯାହା ସ୍ତନ କର୍କଟ ବିରୋଧୀ। ଶିମ୍ବରେ ଥିବା ବିଟା ସାଇଟୋଷ୍ଟିରଲ୍ ନିବାରଣ କରେ ଉଚ୍ଚ ରକ୍ତଚାପ ଏବଂ ଏଲ୍-ଡୋପା ନାମକ ଉପାଦାନଟି ପାରକିନ୍‌ସନ୍ ରୋଗ ପ୍ରତିରୋଧ କରିବା ସହ ମିଜାଜକୁ ଭଲ ରଖେ। ବିନ୍‌ସରେ ଅଛି ଅଧିକ ପରିମାଣର ଭିଟାମିନ୍ ସି, ଲିଉଟିନ୍, ଜିଜାନ୍‌ଥିନ୍ ଜାତୀୟ ଅତି ଫଳପ୍ରଦ ଆଣ୍ଟି ଅକ୍ସିଡାଣ୍ଟ। ନିୟମିତ ଭାବରେ ବିନ୍‌ସ ଖାଇଲେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧିପାଏ ଏବଂ ମଧୁମେହ, ହୃଦ୍‌ରୋଗ, କାଟାରିକ୍ଟ ଆଦି ରୋଗ ଜାତ ହେବାର ଆଶଙ୍କା ହ୍ରାସ ପାଏ।

ଶୀତଦିନେ ମିଳେ କମଳା, ଲେମ୍ବୁ, ଡାଳିମ୍ବ, ସେଓ, ଅଙ୍ଗୁର, ଅଁଳା ଆଦି ଫଳ। କମଳାରେ ରହିଛି ଭିଟାମିନ୍ 'ସି' ଓ ଫଲିକ୍ ଏସିଡ୍, ବିଟା କାରୋଟିନ୍, ଲିଉଟିନ୍ ଏବଂ ଜିଜାନଥିନ୍ ଜାତୀୟ ଫ୍ଲାଭୋଏନ୍‌ଡସ୍। ଏଥିରୁ ମିଳୁଥିବା ହେସ୍‌ପରିଡିନ୍ ନାମକ ଫ୍ଲାଭୋଏନ୍‌ଡସ୍ ଏଲ୍‌ଡିଏଲ୍ କୋଲେଷ୍ଟରଲ୍ ଭଳି କ୍ଷତିକାରୀ କୋଲେଷ୍ଟରଲର ମାତ୍ରା ହ୍ରାସ କରିଥାଏ। ଲେମ୍ବୁରୁ ମିଳୁଥିବା ଭିଟାମିନ୍ 'ସି' ଓ ଲିମୋନିନ୍ କ୍ୟାନ୍‌ସର ବିରୋଧୀ। ଏଗୁଡ଼ିକ ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, କ୍ୟାନ୍‌ସର, ଆଲଜିମର୍ସ ଓ ପାକିନ୍‌ସନ୍ ରୋଗ ପ୍ରତିରୋଧରେ ଖୁବ୍ ସହାୟକ ହୋଇଥାନ୍ତି।

# ଲମ୍ବା କେଶ ପାଇଁ ପିଆଜ ରସ ମାସ୍କ

ପିଆଜ ରସ କେଶ ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ ବୋଲି ବିଶେଷଜ୍ଞମାନେ ଏହାକୁ ଲଗାଇବାକୁ ପରାମର୍ଶ ଦିଅନ୍ତି। ଯଦି ଆପଣ ମଧ୍ୟ ଲମ୍ବା ଏବଂ ଘନ କେଶ ଚାହୁଁଛନ୍ତି, ତେବେ ଏହାକୁ କିପରି ଲଗାଇବେ ଆସନ୍ତୁ ଆମେ ଆପଣଙ୍କୁ କହିବୁ। ପିଆଜ ରସରେ ସଲଫର ପରିମାଣ ଅଧିକ ଥିବାରୁ ଏହା କେଶ ବୃଦ୍ଧିକୁ ପ୍ରୋତ୍ସାହିତ କରେ। ଏହା ଏକ ସୁସ୍ଥ ମୁଣ୍ଡର କେଶକୁ ପ୍ରୋତ୍ସାହିତ କରେ ଏବଂ କେଶ ମୂଳକୁ ମଜବୁତ କରେ।

## ଆସନ୍ତୁ ଜାଣିବା ଏହାକୁ କିପରି ପ୍ରୟୋଗ କରିବେ:

♦ଅନେକ ଲୋକ ପିଆଜ ରସକୁ ଏହାର ତୀବ୍ର ଏବଂ କଟୁ ଗନ୍ଧ ଯୋଗୁଁ ବ୍ୟବହାର କରିବାକୁ ପସନ୍ଦ କରୁନାହାନ୍ତି। ଏହାର ଗନ୍ଧ ବିଷୟରେ ଚିନ୍ତା କରି ଲାଭରୁ ବଞ୍ଚିତ ହେଉଛନ୍ତି। ପିଆଜ ରସକୁ କିଛି ପ୍ରାକୃତିକ ଉପାଦାନ ସହିତ ମିଶାଇ ଏହାର ଦୁର୍ଗନ୍ଧକୁ ଯଥେଷ୍ଟ ହ୍ରାସ କରାଯାଇପାରିବ। ଆଲୋଭେରା ଜେଲ୍, ନଡ଼ିଆ ତେଲ, କିମ୍ବା ଲେମ୍ବୁ ରସ ମିଶାଇ କେଶର ଦୁର୍ଗନ୍ଧ ହ୍ରାସ କରିପାରିବ ଏବଂ ଆପଣଙ୍କ କେଶକୁ ଅତିରିକ୍ତ ପୋଷଣ ଯୋଗାଇପାରିବ।

♦ପିଆଜ ରସ ଲଗାଇବା ପାଇଁ ଏକ କପା ପ୍ୟାଡ୍ କିମ୍ବା ଡ୍ରପର୍ ବ୍ୟବହାର କରିବା ଭଲ। ଏହା ନିଶ୍ଚିତ କରେ ଯେ ରସ ସିଧାସଳଖ ମୁଣ୍ଡରେ ପହଞ୍ଚିବ ଏବଂ ଆହୁରି ପ୍ରଦୂଷଣକୁ ରୋକିବ। ପ୍ରୟୋଗ ପରେ ମିଶ୍ରଣକୁ ଧୀରେ ଧୀରେ ମାଲିସ୍ କରିବା ଲାଭଦାୟକ।

♦ରସ ଲଗାଇବା ପରେ, ଏହାକୁ ୨୦ରୁ ୩୦ ମିନିଟ୍ ପାଇଁ ମୁଣ୍ଡରେ ଛାଡିଦେବା ଉଚିତ। ଏହି ସମୟ ମଧ୍ୟରେ, ଏହାର ପୋଷକ ତତ୍ତ୍ୱ କେଶ ମୂଳରେ ଭଲ ଭାବରେ ଶୋଷିତ ହୋଇଯାଏ ଏବଂ ପ୍ରଭାବ ଦେଖାଇବା ଆରମ୍ଭ କରେ।

♦କେଶ ଧୋଇବା ସମୟରେ, ଦୁର୍ଗନ୍ଧକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ଏକ ମୃଦୁ କିମ୍ବା ହର୍ବାଲ ସାମ୍ପୁ ବ୍ୟବହାର କରନ୍ତୁ। ଆବଶ୍ୟକ ହେଲେ, ଆପଲ୍ ସାଇଡର୍ ଭିନେଗାର କିମ୍ବା ଲେମ୍ବୁ ପାଣିରେ ଧୋଇ ଦିଅନ୍ତୁ, କିନ୍ତୁ ଗରମ ପାଣି ପରିହାର କରନ୍ତୁ।

♦ସର୍ବୋତ୍ତମ ଫଳାଫଳ ପାଇଁ ସପ୍ତାହରେ ଥରେ ପିଆଜ ରସ ବ୍ୟବହାର କରିବା ଯଥେଷ୍ଟ। ବାରମ୍ବାର ପ୍ରୟୋଗ ଦ୍ୱାରା ମୁଣ୍ଡରେ ଜ୍ୱଳନ ହୋଇପାରେ ଏବଂ ଦୁର୍ଗନ୍ଧ ବୃଦ୍ଧି ପାଇପାରେ।




# ଘରେ ପ୍ରସ୍ତୁତ କରନ୍ତୁ ସିକ୍ କବାବ

ସିଖ କବାବ ଭାରତର ପ୍ରିୟ ରେସିପି ମଧ୍ୟରୁ ଗୋଟିଏ। ଏହା ମୋଗଲ ଯୁଗରୁ ତିଆରି ହୋଇଆସୁଛି। ସିଖ କବାବ ଚିକେନ୍ ଏବଂ ମଟନ୍ ଉଭୟରେ ତିଆରି କରାଯାଏ। ଏହାର ସ୍ୱାଦ ବହୁତ ସ୍ୱାଦିଷ୍ଟ ଏବଂ ମସଲାଦାର ହୋଇଥାଏ। ଆପଣ ଏହାକୁ ସନ୍ଧ୍ୟାରେ ଏକ ସ୍ନାକ୍ସ ଭାବରେ ମଧ୍ୟ ଖାଇପାରିବେ।

## ଚିକେନ୍ କବାବ୍ ପ୍ରସ୍ତୁତ ପାଇଁ ସାମଗ୍ରୀ

ଚିକେନ୍: ୫୦୦ ଗ୍ରାମ
ଲେମ୍ବୁ ରସ: ୨ ଚାମଚ
କ୍ରିମ୍: ୨ ଚାମଚ
କଟା ପିଆଜ: ୧
ଧନିଆ ପତ୍ର: ୧/୨କପ୍
ଅଦା ରସୁଣ ପେଷ୍ଟ: ୨ ଚାମଚ
ଚଣା ମଇଦା: ୩ ଚାମଚ
ଧନିଆ ପାଉଡର: ୧ ଚାମଚ
ଲଙ୍କା ପାଉଡର: ୧ ଚାମଚ
ହଳଦୀ ପାଉଡର: ୧/୨ ଚାମଚ
ଜୀରା ପାଉଡର: ୧/୨ ଚାମଚ
ଗରମ ମସଲା: ୧ ଚାମଚ
ଲୁଣ: ସ୍ୱାଦ ଅନୁସାରେ ୧ ଚାମଚ




## ସିଖ କବାବ୍ ତିଆରି କରିବାର ପଦ୍ଧତି ଖୁବ ସହଜ

ପ୍ରଥମେ କଣ୍ଟା ନଥିବା ୫୦୦ ଗ୍ରାମ କଞ୍ଚା ଚିକେନକୁ ଗ୍ରାଇଣ୍ଡର କରି ଦିଅନ୍ତି। ସେଥିରେ ଲେମ୍ବୁ ରସ ଓ କ୍ରିମ ମିଶାଇ କିଛି ସମୟ ପାଇଁ ରଖନ୍ତୁ। ୧୦ରୁ ୧୫ ମିନିଟ ରଖିବା ପରେ ସେଥିରେ ବେସନ, ପିଆଜ, ସବୁଜ ଲଙ୍କା, ଅଦା-ରସୁଣ ପେଷ୍ଟ, ଏବଂ ସମସ୍ତ ମସଲା (ଧନିଆ ପାଉଡର, ଲଙ୍କା ପାଉଡର, ହଳଦୀ ପାଉଡର, ଜିରା ପାଉଡର, ଚାଟ୍ ମସଲା ଏବଂ ଗରମ ମସଲା) ମିଶାନ୍ତୁ। ପାଖାପାଖି ୧୦ ମିନିଟ ପର୍ଯ୍ୟନ୍ତ ଉକ୍ତ ମିଶ୍ରଣକୁ ରଖିବା ପରେ ସେଥିରେ ସ୍ୱାଦ ଅନୁଯାୟୀ ଲୁଣ ମିଶାଇ ଗୁଳା କରନ୍ତୁ। ଉକ୍ତଗୁଳାଗୁଡ଼ିକୁ ରୋଲ ଭଳି ଆକାର ଦେଇ କବାବ କାଠି ପୁରାନ୍ତୁ। କିପରି ଆକୃତି ଦେବେ ଆପଣ ଫଟୋ ଦେଖି ସ୍ପଷ୍ଟ ଭାବେ ଜାଣି ପାରିବେ। ଏହାପରେ ଗ୍ୟାସ୍ ଉପରେ ବସାଇଥିବା ପ୍ୟାନକୁ ଗରମ କରନ୍ତୁ। ସେଥିରେ ଅଳ୍ପ ତେଲ ମିଶାନ୍ତୁ ଏବଂ କବାବକୁ ଉପର ତଳ କରି ହାଲୁକା ଆଞ୍ଚରେ ଭାଜନ୍ତୁ। ଏହାପରେ ଆମର ଗରମାଗରମା ସିଖ କବାବକୁ ଚଟଣି କିମ୍ବା ସସ୍ ସହିତ ପରିବାର ସଦସ୍ୟ ହୁଅନ୍ତୁ ଅବା ଅତିଥିଙ୍କୁ ପରସି ଦିଅନ୍ତୁ।

# ଘରେ ତିଆରି କରନ୍ତୁ ଅର୍ଗାନିକ୍ କାଜଲ




କଜଳ ତିଆରି ଏକ ପାରମ୍ପରିକ କଳା। ଆଗରୁ ଜେଜେମା, ଆଈମାନେ ନବଜାତକ ପାଇଁ ଅତି ଯତ୍ନରେ ଘରେ ଏହାକୁ ତିଆରି କରୁଥିଲେ। ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନଥାଏ। ତେବେ ବଜାର ତିଆରି କଜଳ ଲଗାଇବାରେ ଆମେ ଅଭ୍ୟସ୍ତ ହୋଇ ଏହାକୁ ଧୀରେ ଧୀରେ ପାସୋରି ଗଲୁଣି। ଆସନ୍ତୁ ଏଥର ଟିକେ ସମୟ ଦେଇ ଘରେ ଥିବା ସାମଗ୍ରୀରେ କଜଳ ତିଆରି କରି ବ୍ୟବହାର କରିବା। ଏଥିପାଇଁ ପ୍ରଥମେ କିଛି ଷ୍ଟେରିଲାଇଜଡ୍ ତୁଳାକୁ ନେଇ ତାକୁ ହାତରେ ଭିଣି ପତଳା ସିଟ୍‌ଟିଏ ତିଆରି କରିବା। ପାଖାପାଖି ୪/୬ ଆଙ୍ଗୁଳି ଅନ୍ଦାଜରେ ତିଆରି କରି ପାପୁଲିରେ ରଖି ତା'ଉପରେ କିଛି ଜୁଆଣି ନେଇ ସିଧା ରଖି ତୁଳାକୁ ଦୁଇ ହାତରେ ବଳି ଗୋଟିଏ ଲମ୍ବା ବତିର ଆକାର ଦେବା। ଏପରି ଦୁଇଟି ବତି ତିଆରି କରିବା। ଏଥର ଗୋଟିଏ ସଫା ମାଟି ବା ପିତ୍ତଳ ଦୀପ ଆଣି ସେଥିରେ ଖାଣ୍ଟି ସୋରିଷ ତେଲ ବା ଯଦି ଚାହାନ୍ତି ଘର ତିଆରି ଗୁଆଘିଅରେ ଭର୍ତ୍ତି କରିବା। ଏଥର ପ୍ରଥମେ ପ୍ରସ୍ତୁତ କରିଥିବା ବତି ଦୁଇଟିକୁ ଏମିତି ରଖିବା ଯାହା ଫଳରେ ଚାରିଟି ଧାର ଦୀପର ଚାରିପଟକୁ ରହିବ। ଏଥର ଚାରିଟି ଆଲ୍‌ମଣ୍ଡ ନେଇ ତେଲ/ଘିଅରେ ବୁଡ଼େଇ ଦିଅନ୍ତୁ। ଦରକାର ପଡ଼ିଲେ ତେଲ ବା ଘିଅ ଭର୍ତ୍ତି କରନ୍ତୁ। ଏଥର ଦୀପଟିକୁ ଗୋଟିଏ ପାତ୍ର ଉପରେ ରଖନ୍ତୁ। ସେଇ ସମାନ ଉଚ୍ଚତାରେ ୩/୪ଟି ଗ୍ଲାସ୍ ବା ଯେକୌଣସି ପାତ୍ର ରଖନ୍ତୁ। ଏଥର ଦୀପଟିର ୪ଟି ବତିକୁ ଜଳାନ୍ତୁ ଏବଂ ଗୋଟିଏ ସଫା ଷ୍ଟିଲ୍/ପିତ୍ତଳ ଥାଳିରେ ଦୀପଟିକୁ ଢାଙ୍କି ଦିଅନ୍ତୁ। ଶିଖାର ନିଆଁ ଥାଳିରେ ବାଜି ଏଥିରେ କଜଳ ସଂଗ୍ରହ ହେବ। ପାଖାପାଖି ଅଧଘଣ୍ଟା ବା ଘଣ୍ଟାଏ ଭିତରେ ଦୀପର ତେଲ ସରି ଥାଳିରେ ଶୁଖିଲା କଜଳତକ ସଂଗ୍ରହ ହୋଇଥିବ। ଏହାକୁ ଗୋଟିଏ ସଫା କାଗଜରେ କୋରି ଦିଅନ୍ତୁ। ତା'ପରେ ଏକତ୍ର କରି ଛୋଟ କାଚ ବୋତଲରେ ପୂରେଇ ସେଥିରେ ଗୋଟେ ଭିଟାମିନ୍-ଇ କ୍ୟାପ୍‌ସୁଲ୍ ଓ ଗାଈଘିଅ ଆବଶ୍ୟକ ପରିମାଣରେ ମିଶେଇ ଭଲକରି ଘାଣ୍ଟି କାଜଲ୍ ପ୍ରସ୍ତୁତ କରନ୍ତୁ। ଏହା ଆଖିକୁ ଥଣ୍ଡା ରଖିବା ସହ ଓ୍ୱାଟରପ୍ରୁଫ୍ ମଧ୍ୟ ହୋଇଥାଏ।

# ସେଲ୍, ଆରଏସପି ଦ୍ୱାରା ଆୟୋଜିତ ୫୮ତମ ବାର୍ଷିକ ଉଦ୍ୟାନ କୃଷି ପ୍ରଦର୍ଶନୀରେ ୨୬୨ଟି ପୁରସ୍କାର ପ୍ରଦାନ

ରାଉରକେଲା , ୨୦/୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ଉଦ୍ୟାନ କୃଷି ବିଭାଗ ଦ୍ୱାରା ଜାନୁଆରୀ ୧୭ ଏବଂ ୧୮ ତାରିଖରେ ଜୁବୁଲି ପାର୍କରେ ଆୟୋଜିତ ୫୮ତମ ବାର୍ଷିକ ଉଦ୍ୟାନ କୃଷି ପ୍ରଦର୍ଶନୀ-୨୦୨୬ ରେ, ଫୁଲ, ପତ୍ର, ଫଳ, ପନିପରିବା, ଫୁଲ ବ୍ୟବସ୍ଥା, ଉଦ୍ୟାନ ବିନ୍ୟାସ ଇତ୍ୟାଦି ବିଭିନ୍ନ ବର୍ଗରେ ୨୬୨ଟି ପୁରସ୍କାର ପ୍ରଦାନ କରାଯାଇଥିଲା।



ଜାନୁଆରୀ ୧୮ ତାରିଖରେ ଅନୁଷ୍ଠିତ ଏହାର ଉଦଯାପନୀ ସମାରୋହରେ ଆରଏସପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଥିଲେ। ଏହି ଅବସରରେ ଖଣି ବିକାଶ ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି କେ ଗିରି, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଦୀପିକା ମହିଳା ସଂଘଠିର ଉପାଧ୍ୟକ୍ଷ ସୁଶ୍ରୀ ରୀତା ରାଣୀ, ଟାଉନ୍ ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ ଶ୍ରୀ ବି କେ ଜୋଜୋ, ଦୀପିକା ମହିଳା ସଂଘଠିର ସମ୍ପାଦିକା ଶ୍ରୀମତୀ ସାରିକା କୁମାରଙ୍କ ସହିତ କାରଖାନାର ବହୁ ବରିଷ୍ଠ ଅଧିକାରୀ ଏବଂ ପରିଦର୍ଶକ ଉପସ୍ଥିତ ଥିଲେ।

ମୁଖ୍ୟ ଅତିଥି କଟ ଫ୍ଲାୱାର, ପଟ ପ୍ଲାଣ୍ଟ, ଫଳ ଓ ପନିପରିବାର ସମସ୍ତ ବିଭାଗରେ ସର୍ବାଧିକ ପଏଣ୍ଟ ଲାଭ କରିଥିବା ସେକ୍ଟର-୬ର ବି-୧୬୧ ନିବାସୀ ଶ୍ରୀ ନୀଳମଣି ପରିଡାଙ୍କୁ ଡ଼ିଆଇସି ଚାମ୍ପିଅନ୍ ଟ୍ରଫି ପ୍ରଦାନ କରିଥିଲେ । ପୁରସ୍କାର ଆକାରରେ ସେ ଟ୍ରଫି ସମେତ ୬୦୦୦ ଟଙ୍କାର ପୁରସ୍କାର ରାଶି ମଧ୍ୟ ପାଇଥିଲେ। ସେ ମଧ୍ୟ ଦ୍ୱିତୀୟ ସର୍ବାଧିକ ପଏଣ୍ଟ ହାସଲ କରି ସେକ୍ଟର-୬, ଏଚ - ୪୧୭ ନିବାସୀ, ଶ୍ରୀ ନଟବର ରଣାଙ୍କୁ ଡ଼ିଆଇସି ରନର୍ସ ଅପ୍ ଟ୍ରଫି ଓ ପୁରସ୍କାର ଆକାରରେ ୪୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ।

ଉତ୍ସବରେ ଅତିଥିମାନେ ଗାର୍ଡନ୍ ଲେ ଆଉଟ ରେ ଅନ୍ୟ ସମସ୍ତ ବର୍ଗ ର ପୁରସ୍କାର ପ୍ରଦାନ କରିଥିଲେ।

ଶ୍ରୀ ନୀଳମଣି ପରିଡା କଟ ଫ୍ଲାୱାର, ପଟ ପ୍ଲାଣ୍ଟ ଓ ପନିପରିବାର ସମସ୍ତ ବିଭାଗରେ ସର୍ବୋଚ୍ଚ ଏଗ୍ରିଗେଟ୍ ପଏଣ୍ଟର ଟ୍ରଫି ଜିତିଥିଲେ। ସେ ମଧ୍ୟ ଶ୍ରେଷ୍ଠ ଚନ୍ଦ୍ର ମଲ୍ଲିକା ପାଇଁ ଟ୍ରଫି ଲାଭ କରିଥିଲେ।

କୋଏଲ ନଗର ବି-୧୫୭ ନିବାସୀ ଶ୍ରୀମତୀ ଆରତୀ ସ୍ୱାଇଁ, ହାଇବ୍ରିଡ୍ ଟି ରୋଜ୍ ହେଡଲାଇନର ପ୍ରକାରର ଶ୍ରେଷ୍ଠ ନମୁନା ବ୍ଲୁମ୍ ପାଇଁ କିଙ୍ଗ୍ ଅଫ୍ ଦି ଶୋ ଏବଂ ଦ୍ୱିତୀୟ ଶ୍ରେଷ୍ଠ ନମୁନା ବ୍ଲୁମ୍ ଅଫ୍ ଦି ଶୋ ପାଇଁ କ୍ୱିନ୍ ଅଫ୍ ଦି ଶୋ ଉଭୟ ଟ୍ରଫି ହାସଲ କରିଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଉପସ୍ଥାପିତ ହୋଇଥିଲା। ପ୍ରାରମ୍ଭରେ ଶ୍ରୀ ବି କେ ଯୋଜୋ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉଦ୍ୟାନକୃଷି ବିଭାଗର ଜିଏମ ଓ ଜେଡ଼ଡ଼ିପି ଇନ ଚାର୍ଜ, ଡକ୍ଟର ଏ ବିଶ୍ୱାସ ଧନ୍ୟବାଦ ଜ୍ଞାପନ କରିଥିଲେ। ସିଏସଆର ବିଭାଗର ଡ଼ିଜିଏମ ଶ୍ରୀ ଅନିଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସୂଚନା ଯୋଗ୍ୟ, ଏହି ପ୍ରଦର୍ଶନୀରେ କଟ୍ ଫୁଲ, ପଟ୍ ପ୍ଲାଣ୍ଟ୍ସ, ଫଳ, ପନିପରିବା, ବନସାଇ, ଡିନର ବାଉଲ୍ ବ୍ୟବସ୍ଥା, ସର୍ବୋତ୍ତମ ସଜାଯାଇଥିବା ଫୁଲ, ବଟନ୍ ହୋଲ୍, ଗୁଚ୍ଛ, ହାରଲାଣ୍ଡ (ଗୋଲାପ ବ୍ୟତୀତ) ଏବଂ ଫୁଲ ଓ ପତ୍ରରେ ତିଆରି ମଡେଲ୍ ଭଳି ବିଭିନ୍ନ ବର୍ଗରେ ୯୬୩ଟି ପ୍ରବେଶ ହୋଇଥିଲା। ଜୁବିଲି ପାର୍କରେ ବହୁ ସଂଖ୍ୟକ ପରିଦର୍ଶକ ଭିଡ଼ ଜମାଇବା ସହିତ ପ୍ରଦର୍ଶିତ ବିଭିନ୍ନ ପ୍ରକାରର ଫୁଲ, ପନିପରିବା ଏବଂ ଫଳ ଯେପରିକି ଗୋଲାପ, ଚନ୍ଦ୍ରମଲ୍ଲିକା, ଡାହଲିଆ, ଡାଏନ୍ଥସ୍, ଆଣ୍ଟିରିନମ୍, କାର୍ନେସନ୍ସ, କାଲେଣ୍ଡୁଲା, ଫ୍ଲକ୍ସ, ପାନ୍ସି, ଜରବେରା, ଲୁପିନ୍, ମାରିଗୋଲ୍ଡ, ଆଷ୍ଟର, ସାଲଭିଆ, ଗ୍ଲାଡିଓଲି, କ୍ୟାଣ୍ଡିଟଫ୍ଟ ଏବଂ ଅନ୍ୟାନ୍ୟ ପ୍ରଜାତିର ଫୁଲ, ପନିପରିବା ଏବଂ ଫଳକୁ ପ୍ରଶଂସା କରିଥିଲେ।

# ତରଭା ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୨୦/୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ତରଭା ପଂଚାୟତ ସମିତି ଅନ୍ତର୍ଗତ ମେଣ୍ଡା ଗ୍ରାମ କାର୍ଯ୍ୟାଳୟ ସ୍ଥିତ ମେଣ୍ଡା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଡଃ. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ସର୍ବମୋଟ ୬୨ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୨୮ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୩୪ ଗୋଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତରଭା, ଗଙ୍ଗାରାମ ବୁଡେକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଅଶ୍ୱିନୀ କୁମାର ମେହେର, ଅଧ୍ୟକ୍ଷ, ତରଭା ପଂଚାୟତ ସମିତି, ସରୋଜ କୁମାର କର୍ମ, ଉପ - ଜିଲ୍ଲାପାଳ, ଡଃ. ସୌମ୍ୟାରୂପା ରଥଙ୍କ ସମେତ ତହସିଲଦାର, ତରଭା, ସୁଶ୍ରୀ ଶ୍ୱେତଲିନା ମାହାଣା, ସରପଂଚ, ମେଣ୍ଡା ଗ୍ରାମପଂଚାୟତ ଶ୍ରୀମତି ଲିଜାରାଣୀ ଦଣ୍ଡସେନା ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦଙ୍କ ସମେତ ଜିଲ୍ଲା ପଂଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ।

# ଅନ୍ତର୍ଜାତୀୟ ମାଗାଜିନ୍ 'ଇନୋଭେସନ ଇନ୍ସ୍ୱାଇଡର'ରେ ଜୟପୁର ଝିଅ

ଜୟପୁର, ୨୦/୧ (ନି.ପ୍ର): ଅନ୍ତର୍ଜାତୀୟ ମାଗାଜିନ୍ 'ଇନୋଭେସନ ଇନ୍ସ୍ୱାଇଡର ୨୦୨୫' ଆମେରିକାର କୋଡ଼ିଏ ବର୍ଷରୁ କମ କୋଡ଼ିଏ ଜଣଙ୍କ ଇଂଭେସନ ଆଇଡିଆ, ତଥା ପରିବେଶର ଉନ୍ନତି ନିମନ୍ତେ ବିଶ୍ୱରେ କାର୍ଯ୍ୟ କରୁଥିବା ଯୁବ ବ୍ୟକ୍ତିତ୍ୱଙ୍କ ସାମାଜିକ କାର୍ଯ୍ୟକୁ ବିଶ୍ୱ ଦରବାର ରେ ପରିଚିତ କରିବା ପାଇଁ ପ୍ରତି ବର୍ଷ କୋଡ଼ିଏ ଜଣଙ୍କୁ ମନୋନୀତ କରି ମାଗାଜିନ୍ ରେ ସ୍ଥାନିତ କରାଯାଏ। ଚଳିତ ବର୍ଷ ୨୦୨୫ ବର୍ଷ ନିମନ୍ତେ ଆମ ଅଂଚଳର ଝିଅ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତିଙ୍କ କୃଷିଭିତିକ ଜୈବ ବିବିଧତାରେ ଦେଶୀ ବିହନ ଧାନ, ମାଣ୍ଡିଆ, ସୁଁଆ ଓ ସ୍ଥାନୀୟ ବିସ୍ମୃତ ଖାଦ୍ୟର ସୁରକ୍ଷା, ବ୍ୟାପକ ଚାଷ, ଓ ଏହାର ସଂରକ୍ଷଣ ନିମନ୍ତେ ଅନ୍ତର୍ଜାତୀୟ ମାଗାଜିନ୍ ରେ ସ୍ଥାନ ପାଇଛନ୍ତି। ଯାହା ନିମନ୍ତେ ଦେଶ ଓ ଆମ ଅଂଚଳକୁ ଗର୍ବିତ କରିଛନ୍ତି। ପ୍ରକାଶ ଥାଉକି, ହର୍ଷିତା ପ୍ରିୟଦର୍ଶିନୀ ସିଡ ଗାର୍ଲ୍ ଅଫ ଇଣ୍ଡିଆ ରୁପେ ଜାତୀୟ ଆନ୍ତର୍ଜାତୀୟ ସ୍ତରରେ ପରିଚିତ। ଏଥି ପୂର୍ବରୁ ଆମେରିକାର ଆକ୍ସନ ଫୋର୍ ନେଚର୍ ଅନୁଷ୍ଠାନ ତରଫରୁ ଅନ୍ତର୍ଜାତୀୟ ଯୁବ ପରିବେଶ ବିତ ୨୦୨୫, ରୂପେ ସମ୍ମାନିତ ହୋଇ ପୁରସ୍କୃତ ହେଇଛନ୍ତି। ସେ ବର୍ତମାନ ' ହର୍ଷିତା ପ୍ରିୟଦର୍ଶିନୀ ବିହନ ଓ ଖାଦ୍ୟ ବ୍ୟାଙ୍କ' ଗଠନ କରି ୨୩୦ ରୁ ଉର୍ଦ୍ଧ ଦେଶୀ ଧାନ, ୮୦ ରୁ ଉର୍ଦ୍ଧ ମାଣ୍ଡିଆ, ୬ ପ୍ରକାର ସୁଁଆ, ୧୦ ରୁ ଅଧିକ ଶିମ୍ବ, ୫ଟା ତଥା ଆମ ଅଂଚଳର ବିସ୍ମୃତ ଖାଦ୍ୟର ବିହନ ସଂଗ୍ରହ କରି ରଖିଛନ୍ତି। ଏଥି ସହ ସେ ତିନି ବର୍ଷ ହେଲାଣି ଆମ ଜିଲ୍ଲାର ତିନୋଟି ବ୍ଲକ ରେ ତିନି ଶହରୁ ଅଧିକ ମହିଳା ଓ ବାଳିକାଙ୍କୁ ଦେଶି ବିହନ ମାଗଣାରେ ଯୋଗେଇ ଚାଷ ଓ ଏହାର ସଚେତନତା କରି ଆସୁଛନ୍ତି। ସେ ଆଜି ଯାଏଁ ଛଅରୁ ଅଧିକ ଅନ୍ତର୍ଜାତୀୟ ସେମିନାରରେ ଯୋଗଦାନ କରି ନିଜର ବକ୍ତବ୍ୟ ପ୍ରଦାନ କରିଛନ୍ତି। ତାଙ୍କର କାର୍ଯ୍ୟକୁ ଆକ୍ସନ ଫୋର୍ ନେଚର, ଇନୋଭେସନ୍ ୱାଲ୍ଡ, ଜୁଏଲ ଅଫ ଓଡ଼ିଶା, ସେଂଟର ଫର ଏନଭେରମେଣ୍ଟଷ୍ଟଡି, ନେସନାଲ କଲିଆସନ ନେଚୁରାଲ ଫାର୍ମିଂ, ଦା ବେଟର ଇଣ୍ଡିଆ, ଥାଟି ସେଡ ଓ ଅନେକ ମାଗାଜିନ୍, ପତ୍ର ପତ୍ରିକା ରେ ସ୍ଥାନ ପାଇ ଆମ ଅଂଚଳକୁ ଗର୍ବିତ କରିଛନ୍ତି।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ପୁରୀ, ୨୦/୧ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଆଜି ନିମାପଡା ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୪୨ ଗୋଟି ଅଭିଯୋଗ ମିଳିଥିଲା। ସେଥିରୁ ୩୮ ଗୋଟି ବ୍ୟକ୍ତିଗତ, ୩ ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୧ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା। ତତକ୍ଷଣାତ ୫ ଗୋଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା।

ଏହି ଶୁଣାଣୀରେ ଏସପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ସିଡିଏମଓ ଡା. ଅକ୍ଷୟ କୁମାର ଶତପଥୀ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, ବିଡ଼ିଓ ଡଃ. ଅଭିଜିତ ଷଡ଼ଙ୍ଗୀ, ତହସିଲଦାର ଡଃ. ମନୋଜ କୁମାର ପ୍ରଧାନ, ଅଭିଯୋଗ ଶୁଣାଣୀ ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

# କେଶବ ଚରଣ ବେହେରାଙ୍କ ଏକାଦଶାହରେ ସ୍ମୃତି ସଭା

ଆଳି, ୨୦/୧ (ନି.ପ୍ର): ଆଳି ଉଚ୍ଚ ବିଦ୍ୟାଳୟ ର ପୂର୍ବତନ ପ୍ରଧାନ ଶିକ୍ଷକ, ଆଳି ଯାଦବ ମହାସଭା ର ପୂର୍ବର୍ତନ ସଭାପତି, ଆଳି ମହାବିଦ୍ୟାଳୟ ର ପୂର୍ବତନପରିଚାଳନା ପରିଷଦ ର ସହ ସମ୍ପାଦକ ଦିବଂଗତ କେଶବ ଚରଣ ବେହେରା କେବଳ ଜଣେ ବ୍ୟକ୍ତି ନଥିଲେ ବରଂ ସେ ଗୋଟିଏ ଅନୁଷ୍ଠାନ ଥିଲେ ବୋଲି ସ୍ୱର୍ଗତ ବେହେରା ରାଙ୍କ ଏକାଦଶାହ ଉପଲକ୍ଷେ ଆୟୋଜିତ ସ୍ମୃତି ସଭାରେ ଅତିଥି ମାନେ ଏହା ପ୍ରକାଶ କରିଛନ୍ତି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଯାଦବ ମହାସଭା ରାଜ୍ୟ ଉପସଭାପତି ମନୋଜ କୁମାର ପରିଡା ଯୋଗ ଦେଇ କହିଲେ ଯେ କେଶବ ବେହେରା ରାଙ୍କ ବିଭନ୍ନ କ୍ଷେତ୍ରରେ ଆଳି ପ୍ରତି ଅବଦାନ ଅବିସ୍ମରଣୀୟ। ବିଭିନ୍ନ ଅନୁଷ୍ଠାନ ଗଠନ ରେ ପ୍ରମୁଖ ଭୂମିକା ଗ୍ରହଣ କରି ସେ ବ୍ୟକ୍ତି ରୁ




ଗୋଟେ ଅନୁଷ୍ଠାନ ପାଲଟି ଯାଇଥିଲେ। ତାଙ୍କ ପରଲୋକ ରେ ଶୂନ୍ୟ ସ୍ଥାନ ସୃଷ୍ଟି ହେଲା ତାହା ଅପୂରଣୀୟ ହୋଇରହିବ। ମୁଖ୍ୟ ବକ୍ତା ଭାବ ରେ କେନ୍ଦ୍ରାପଡ଼ା ଜିଲ୍ଲା ଯାଦବ ସଂଘ ର ସମ୍ପାଦକ ଚିନ୍ମୟ କୁମାର ଦାସ ଯୋଗ ଦେଇ କହିଲେ ଯେ ଜଣେ ଶିକ୍ଷକ ଭାବରେ ଯେଉଁ ପ୍ରଂଶସା ଅର୍ଜନ କରିଥିଲେ ତାହା କମ ଲୋକଙ୍କ କ୍ଷେତ୍ରରେ ହିଁ ଘଟିଥାଏ। ସମ୍ମାନିତ ଅତିଥି ଭାବେ କବି ଗୋବିନ୍ଦ ଚନ୍ଦ୍ର ନନ୍ଦ ଯୋଗ ଦେଇ କହିଲେ ଯେ ସେ ନିଜେ କେଶବ ସାର ଙ୍କ ଛାତ୍ର ଥିଲେ ଓ ତାଙ୍କ ଠାରୁ ଶିକ୍ଷା ପାଇ ସେ ଆଜିର ସମାଜ ରେ ନିଜର ସ୍ଥାନ ରେ ଠିକ ଭାବେ ରହିଛନ୍ତି। ତେଣୁ ସମସ୍ତେ ତାଙ୍କ ର ଆଦର୍ଶ ରେ ଅନୁପ୍ରାଣିତ ହେବା ଉଚିତ। ଆଳି ବ୍ଲକ ଯାଦବ ମହାସଭା ସଭାପତି ଶେଖର ଚନ୍ଦ୍ର ବାରିକ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି କାଯ୍ୟକ୍ରମ ରେ କଂଗ୍ରେସ ବ୍ଲକ ସଭାପତି ରବି ନାରାୟଣ ବେହେରା, ବିଜେପି ନେତା କୃଷ୍ଣ ଚନ୍ଦ୍ର ପଣ୍ଡା, ବିଜେଡି ସଂଗଠକ ବ୍ରଜ ସୁନ୍ଦର ଭୂୟାଁ, ଶିକ୍ଷା ବିତ ବିଶ୍ୱମ୍ଭର ପାଣି, ଶରତ ଦାସ, ଶରତ ରାୟ, ବାସୁଦେବ ସିଂହ,ରବୀନ୍ଦ୍ର ବେହେରା, ପ୍ରଭାତ ଦାସ, ଶ୍ରୀନିବାସ ପ୍ରଧାନ, ନକୁଳ ଚନ୍ଦ୍ର ପରିଡା, ଭକ୍ତ ବନ୍ଧୁ ମିଶ୍ର,, ପ୍ରେମାନନ୍ଦ ମୁଦୁଲି ଜଗନ୍ନାଥ ପରିଡା, ମନୋଜ କୁମାର ଦାସ,ରଶ୍ମି ମହାନ୍ତି, ତ୍ରିଲୋଚନ ପାତ୍ର, ଜଗତନନ୍ଦ ବଳ, ସୁମନ୍ତ ଦାସ,ଚିରଞ୍ଜୀବି ଦାସ, ଧନେଶ୍ୱର ରାଉତ, ସହଦ୍ଦେ ସିଂହ,ରଶ୍ମିତା ସେନାପତି, ଶରତ ମହାନ୍ତି ସ୍ୱର୍ଗତ ବେହେରା ରା ଙ୍କ ନାତୁଣୀ ଆବୃତ୍ତି ବେହେରା ଓ ଅଞ୍ଜଳି ବାରିକ ପ୍ରମୁଖ କେଶବ ଚରଣ ବେହେରାଙ୍କ ସ୍ମୃତି ଚାରଣ କରିଥିଲେ। ସାହିତ୍ୟିକ ବନମାଳୀ ସେନାପତି ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ କେଶବ ବେହେରା ଙ୍କ ଜ୍ୟେଷ୍ଠ ପୁତ୍ର ଡାକ୍ତର ପ୍ରକାଶ ବେହେରା ଧନ୍ୟବାଦ ଓ କୃତଜ୍ଞତା ଅର୍ପଣ କରିଥିଲେ।

# ଲଇକେରାଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର : ୧୬ ଗୋଟି ଅଭିଯୋଗର ଶୁଣାଣି

ଝାରସୁଗୁଡ଼ା, ୨୦/୧ (ନି.ପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ସମସ୍ୟାର ସମାଧାନ ନିମନ୍ତେ ଲଇକେରା ଠାରେ ଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୧୬ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୮ ଗୋଟି ବ୍ୟକ୍ତିଗତ ଏବଂ ୮ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅବସରରେ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଜଣେ ହିତାଧିକାରୀଙ୍କୁ ୨୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଲଇକେରା ବ୍ଲକର ବିଭିନ୍ନ ଅଂଚଳରୁ ଆସିଥିବା ଜନସାଧାରଣ ନିଜ ନିଜର ସମସ୍ୟା ଉପସ୍ଥାପନ କରିଥିଲେ। ବିଶେଷ କରି ସନ୍ଧ୍ୟା ସମୟରେ ଲଇକେରାରୁ ଝାରସୁଗୁଡ଼ାକୁ ସରକାରୀ ବସ୍ ସେବା ଯୋଗାଇବା, ଖଇରଡ଼ିହି ଓ କୁଲେମୁରାରେ ସରକାରୀ ଜମିରେ ବେଆଇନ ବନ୍ଧ ଖୋଳାଯିବା ଏବଂ ଯୋଗିଆଡ଼ିହି ଓ କିର୍ମିରା ଅଂଚଳରେ ସରକାରୀ ରାସ୍ତା ତଥା ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ଦାବି ହୋଇଥିଲା। ଏଥିସହିତ ପାନପାଲି ଗ୍ରାମ ଦେଇ ଯାଇଥିବା ଆର.ଡି ରାସ୍ତା ଓ ତେଲେନ ନଦୀ ଉପରେ ବ୍ରିଜ ନିର୍ମାଣ, ମୁରାଦିପାଲି ଅଂଚଳରେ ଅଚଳ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଏବଂ ବୃନ୍ଦାମାଲ ମୁଖ୍ୟ ରାସ୍ତାରେ ଥିବା ମଦ ଦୋକାନକୁ ସ୍ଥାନାନ୍ତରଣ କରିବା ସମ୍ବନ୍ଧରେ ଅଂଚଳବାସୀ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ସମସ୍ତ ଅଭିଯୋଗର ଶୁଣାଣି କରିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ୨୦୦୦-୨୦୦୩ ମ୍ୟାଟ୍ରିକୁଲେସନ ବ୍ୟାଚର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ

କେନ୍ଦୁଝର, ୨୦/୧ (ନି.ପ୍ର): ହରିଚନ୍ଦନପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୦-୨୦୦୩ ମ୍ୟାଟ୍ରିକୁଲେସନ ବ୍ୟାଚର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ହରିଚନ୍ଦନପୁର ନିକଟସ୍ଥ କାଳିମାଟି ଡ୍ୟାମ ଠାରେ ଅନୁଷ୍ଠିତ ହୋଇଯାଇଛି। ବନ୍ଧୁମିଳନ କମିଟିର ସଭାପତି ସମୀର ମଣ୍ଡଳଙ୍କ ଆହ୍ୱାନରେ ୭୮ ଜଣ ଛାତ୍ର ଏହି ବନ୍ଧୁମିଳନରେ ଯୋଗଦେଇ ପୁରୁଣା ସ୍ମୃତିକୁ ରୋମନ୍ଥନ କରିଥିଲେ । ସମ୍ପାଦକ ଅଶୋକ ମହାପାତ୍ର କାର୍ଯ୍ୟକ୍ରମର ବିବରଣୀ ଦେବା ପରେ ଦିବଂଗତ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତଃ କଳାକାର ବଳ, ପୂର୍ବତନ ପ୍ରଧାନଶିକ୍ଷକ ସ୍ୱର୍ଗତଃ କିଶୋର ଚନ୍ଦ୍ର ମିଶ୍ର, ଶିକ୍ଷକ ସ୍ୱର୍ଗତଃ ଅକ୍ଷୟ ପାଇକରାୟ, ଶିକ୍ଷକ ସ୍ୱର୍ଗତଃ ଗୋବର୍ଦ୍ଧନ ସାହୁ ତଥା ସେହି ବ୍ୟାଚର ଦିବଂଗତ ଛାତ୍ର ସ୍ୱର୍ଗତଃ ସିଙ୍ଗରାୟ ମୁଣ୍ଡା, ସ୍ୱର୍ଗତଃ ଉଜ୍ଜ୍ୱଳ ସାହୁ, ସ୍ୱର୍ଗତଃ ତୀର୍ଥବାସୀ ଦେହୁରୀ, ସ୍ୱର୍ଗତଃ କାଇରା ମୁଣ୍ଡା, ସ୍ୱର୍ଗତଃ ପ୍ରଭାତ କୁମାର ସାହୁଙ୍କର ସ୍ମୃତିଚାରଣ କରିବା ସହ ସେମାନଙ୍କର ଆମର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। କୋଷାଧକ୍ଷ ସ୍ୱରୂପାନନ୍ଦ ସାହୁ ଏବର୍ଷର ଅଟକଳ ଦେବା ପରେ ଆଗାମୀ ସମୟରେ କିପରି ନିଜ ବିଦ୍ୟାଳୟ ସହ ନିଜ ଅଂଚଳରେ ସମସ୍ତେ ଏକାଠି ହୋଇ ସାମାଜିକ କାମରେ ଅଂଶୀଦାର ହେବାପାଇଁ ଯୋଜନା ରଖିଥିଲେ। ସମସ୍ତେ ନିଜ ବନ୍ଧୁମାନଙ୍କର ଭଲ ଓ ଖରାପ ସମୟରେ ଠିଆ ହେବା ପାଇଁ ଶପଥ ନେଇଥିଲେ। ଏତଦବ୍ୟତୀତ ହରିଚନ୍ଦନପୁର ଅଂଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ନିଜ ସ୍ତରରେ ସର୍ବାଧିକ ଉଦ୍ୟମ କରିବାକୁ ମତ ରଖାଯାଇଥିଲା। ଯେଉଁ ବନ୍ଧୁମାନେ ଅସୁବିଧା ହେତୁ ଆସିପାରିନଥିଲେ ଭିଡିଓ କଲ ଜରିଆରେ ସେମାନଙ୍କୁ ଯୋଗାଯୋଗ କରାଯାଇଥିଲା।

# ସାଇବର ଠକେଇ : କଟକ କ୍ରାଇମବ୍ରାଂଚ ଓ ଧର୍ମଶାଳା ପୁଲିସର ମିଳିତ ଚଢାଇ : ମୁଖ୍ୟ ଅଭିଯୁକ୍ତ ଫେରାର , ପୁଳାପୁଳା ଟଙ୍କା ଜବତ

ଧର୍ମଶାଳା, ୨୦/୧ (ନି.ପ୍ର): ଯାଜପୁର ଜିଲାରେ କଟକ କ୍ରାଇମ୍ ବ୍ରାଂଚ ଓ ଧର୍ମଶାଳା ପୁଲିସର ମିଳିତ ଚଢାଉ ହୋଇଛି । ସାଇବର ଠକେଇ ମାମଲାରେ ଏହି ଚଢାଉ ହୋଇଥିବା ଜଣାପଡିଛି । ଧର୍ମଶାଳା ଥାନା ଅନ୍ତର୍ଗତ ସୋମବାର ବିଳମ୍ବିତ ରାତିରେ ତରଞ୍ଜିଆ ପଂଚାୟତ ପୋବଳ ଗାଁରେ ଏହି ଚଢାଉ କରାଯାଇଥିଲା । ଆର୍ଥୀକ କାରବାର ନେଇ ପୋବଳ ଗ୍ରାମର ସରୋଜ ଜେନାଙ୍କ ଘରେ ଚଢାଉ ହୋଇଥିଲା । ନଗଦ ପାଖାପାଖି ୧୫ଲକ୍ଷ ଟଙ୍କା ସହିତ ବହୁ ପରିମାଣର ସୁନା ଗହଣା ଜବତ ହୋଇଛି । ମୁଖ୍ୟ ଅଭିଯୁକ୍ତ ସରୋଜଙ୍କ ସହ ଲିଙ୍କ୍‌ରେ ଥିବା ୩ଜଣକୁ ସନ୍ଦେହରେ କଟକ କ୍ରାଇମ୍ ବ୍ରାଂଚ ଉଠାଇ ନେଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ସରୋଜ ଫେରାର ହୋଇ ଯାଇଥିବା ଜଣାପଡିଛି । ସରୋଜଙ୍କ ଘରୁ ନଗଦ ଟଙ୍କା ,ସୁନା ଅଳଙ୍କାର,ବ୍ୟାଙ୍କ ପାସବୁକ,ଜମି ପଟ୍ଟା ଜବତ ହୋଇ ଥିବା ଜଣାପଡିଛି । ତେବେ ଏହି ଚଢାଉ ସୋମବାର ବିଳମ୍ବିତ ରାତିରେ ଚଢାଉ ହୋଇଥିବା ବେଳେ ମଙ୍ଗଳବାର ଦିନ ୨ଟା ପର୍ଯ୍ୟନ୍ତ ପୋବଳ ଗ୍ରାମରେ କ୍ରାଇମ୍ ବ୍ରାଂଚ ଟିମ୍ ଘଟଣା ଉପରେ ନଜର ରଖିଥିଲା ।

ସୂଚନା ମୁତାବକ,କିଛି ଦିନ ପୂର୍ବରୁ ଧର୍ମଶାଳା ଥାନା ଅନ୍ତର୍ଗତ ପୋବଳ ଗ୍ରାମର ସରୋଜ ଜେନାଙ୍କ ନାମରେ ଲକ୍ଷଲକ୍ଷ ଟଙ୍କା ସାଇବର ଠକେଇ ଓ ବ୍ଲାକ ମେଲିଙ୍ଗ ଅଭିଯୋଗ ରେ କଟକର ସାଇବର ଥାନାରେ ଜଣେ ବ୍ୟକ୍ତିଙ୍କ ଲିଖିତ ଅଭିଯୋଗ ଆଧାରରେ କଟକ କ୍ରାଇମ୍ ବ୍ରାଂଚ ଟିମ୍ ଓ ଧର୍ମଶାଳା ଥାନା ପୁଲିସ ସୋମବାର ବିଳମ୍ବିତ ରାତି ସରୋଜଙ୍କ ଗତିବିଧିକୁ ଲକ୍ଷ୍ୟ କରି ଏହି ଚଢାଉ ହୋଇଥିଲା । ସୋମବାର ପ୍ରାୟ ରାତି ୧୦ଟାରୁ ବିଳମ୍ବିତ ରାତି ଗୋଟାଏ ପର୍ଯ୍ୟନ୍ତ ଏହି ଚଢାଉ ହୋଇଥିଲା । ଏହି ଚଢାଉ ସମୟରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସରୋଜ କୌଶଳ କ୍ରମେ ଫେରାର ହୋଇଯାଇଥିବା ବେଳେ ତା' ଲିଙ୍କରେ ଥିବା ପୋବଳ ଗ୍ରାମର ଚନ୍ଦନ ଜେନା,ଧଡିଆ ଜେନା ଓ ପ୍ରଫୁଲ୍ଲ ବିଶ୍ୱାଳଙ୍କୁ କ୍ରାଇମ ବ୍ରାଂଚ ଟିମ୍ ଉଠାଇ ନେଇଥିଲା । ଏହି ଘଟଣାରେ ସରୋଜଙ୍କ ଘରୁ ପାଖାପାଖି ୧୬ଲକ୍ଷ ଟଙ୍କା,ସୁନା ଓ ରୂପା ଅଳଙ୍କାର,ଗୋଟିଏ ବୁଲେଟ ବାଇକ,ଗୋଟିଏ ଇଭି ସ୍କୁଟି,ବ୍ୟାଙ୍କ ପାସବୁକ୍ ଓ ଜମି ପଟ୍ଟା ଜବତ କରି ନେଇଥିବା ଜଣାପଡିଛି । ଏହି ସମସ୍ତ ବ୍ୟାଙ୍କ ପାସବୁକ୍‌ରେ ୯୦ଲକ୍ଷରୁ ଉର୍ଦ୍ଧ ଟଙ୍କା ଥିବା ପ୍ରାଥମିକ ସୂଚନାରୁ ଜଣାପଡିଛି ।

# କେନ୍ଦୁଝରର ସର୍ବାଙ୍ଗୀନ ବିକାଶ ପାଇଁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ବ୍ୟାପକ ମନ୍ତ୍ର

କେନ୍ଦୁଝର, ୨୦/୧ (ନି.ପ୍ର): ସମସ୍ତ ବିଭାଗରେ ଚାଲୁଥିବା କାର୍ଯ୍ୟରେ ସର୍ବୋଚ୍ଚ ଗୁଣବତା ଓ ପାରଦର୍ଶିତା ବଜାୟ ରଖିବା ସହ କୌଣସି ଅବହେଳା ପ୍ରତି ରାଜ୍ୟ ସରକାର 'ଶୂନ୍ୟ ସହନଶୀଳତା' ନୀତି ଆପଣେଇବେ ବୋଲି ଗ୍ରାମ୍ୟ ଉନ୍ନୟନ ତଥା ପଂଚାୟତିରାଜ ଓ ପାନୀୟଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି। ଆଜି କେନ୍ଦୁଝର ଜିଲ୍ଲା ଗସ୍ତ କରି ଦୁଇ ବିଭାଗର ଉନ୍ନୟନ କାର୍ଯ୍ୟଗୁଡ଼ିକ ସମୀକ୍ଷା କରିବା ଅବସରରେ ଶ୍ରୀ ନାଏକ ଏହା କହିଛନ୍ତି। ମନ୍ତ୍ରୀ ଶ୍ରୀ ନାଏକ ରାଇକଳା ଗ୍ରାମ ପଂଚାୟତ ପରିଦର୍ଶନ କରି ପଂଚାୟତି ରାଜ ବିଭାଗ ଅଧୀନରେ କାର୍ଯ୍ୟାନ୍ୱିତ ବିଭିନ୍ନ କାର୍ଯ୍ୟ ଓ ସୁବିଧାଗୁଡ଼ିକର ନିରୀକ୍ଷଣ କରିଥିଲେ। ସେ ଯୋଡା ବ୍ଲକ ଅନ୍ତର୍ଗତ ବସୁଦେବପୁରର କାନୁପୁର ସେଚନ ପ୍ରକଳ୍ପ ମଧ୍ୟ ପରିଦର୍ଶନ କରିଥିଲେ। ପରେ ଶ୍ରୀ ନାଏକ ଦରବାର ହଲ୍‌ରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଉନ୍ନୟନ କାର୍ଯ୍ୟଗୁଡ଼ିକ ସମୀକ୍ଷା କରି ଜିଲ୍ଲାର ଦ୍ରୁତ ବିକାଶ ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଧନରାଶିକୁ ଅନ୍ୟାନ୍ୟ ରାଜ୍ୟ ଓ କେନ୍ଦ୍ର ସରକାରୀ ଯୋଜନା ସହିତ ସଫଳ ଭାବେ ସମନ୍ୱୟ କରି ଦୀର୍ଘସ୍ଥାୟୀ ଓ ଦୃଶ୍ୟମାନ ଭିତିଭୂମି ସୃଷ୍ଟି କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦୁଃଖଦାୟକ ପ୍ରବାସ ରୋକିବା ପାଇଁ ସମସ୍ତ ବିଡିଓଙ୍କୁ ଘରକୁ ଘର ସର୍ଭେ କରି ସମ୍ବେଦନଶୀଳ ପରିବାରମାନଙ୍କୁ ଚିହ୍ନଟ କରି ସମ୍ପର୍କିତ ସରକାରୀ କଲ୍ୟାଣ ଯୋଜନା ସହିତ ସଂଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମୀଣ ଯୁବକମାନଙ୍କୁ କୌଶଳ ବିକାଶ ଓ କ୍ଷମତା ଗଠନ ମାଧ୍ୟମରେ ସ୍ଥାନୀୟ ରୋଜଗାର ଓ ଉଦ୍ୟମ ସୃଷ୍ଟି କରି ପ୍ରବାସ କମାଇବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଯୋଗାଯୋଗ ନ ଥିବା ବସତିଗୁଡ଼ିକୁ ସଡ଼କ ଓ ଯାତାୟାତ ସଂଯୋଗ ଯୋଗାଇବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗକୁ ପ୍ରତ୍ୟେକ ଗାଁରେ ନିୟମିତ ଓ ସୁରକ୍ଷିତ ପାନୀୟଜଳ ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଜଳ ଅଭାବ ଥିବା ଅଂଚଳଗୁଡ଼ିକୁ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ। ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ କୃଷି ସହିତ ଉଦ୍ୟାନଚାଷ ଓ ମାଛଚାଷକୁ ପ୍ରୋତ୍ସାହନ ଦେଇ ଜୀବିକାର ବିବିଧିକରଣ କରିବାକୁ ସେ ମତ ଦେଇଥିଲେ।

# ଜାତୀୟ କନ୍ୟା ଶିଶୁ ସପ୍ତାହ ଉପଲକ୍ଷେ ଶୋଭାଯାତ୍ରା

ସମ୍ବଲପୁର, ୨୦/୧ (ନି.ପ୍ର): ଜାତୀୟ କନ୍ୟା ଶିଶୁ ସପ୍ତାହ ଉପଲକ୍ଷେ ଶୋଭାଯାତ୍ରା, ସଚେତନତା ସଭା ଓ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଏବଂ ପ୍ରମୁଖ ସାର୍ବଜନିକ ସ୍ଥାନଗୁଡ଼ିକରେ ଫ୍ଲେକ୍ସ ବ୍ୟାନର ପ୍ରଦର୍ଶନ ସହ ଅଭିଯାନ ଆରମ୍ଭ ହୋଇଛି। ମୁଖ୍ୟ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ କନ୍ୟା ଶିଶୁର ମୂଲ୍ୟବୋଧ ଓ ପିସି ଆଣ୍ଡ ପିଏନ୍‌ଡିଟି ଆଇନ ଉପରେ ସଚେତନତା ସଭା, ଏଏନ୍‌ଏମ୍‌ଟିସି ଛାତ୍ରୀମାନଙ୍କ ଦ୍ୱାରା ରାଲି, କନ୍ୟା ଶିଶୁ ସୁରକ୍ଷା ପାଇଁ ଶପଥ ଗ୍ରହଣ, ଏବଂ ପୋଷ୍ଟର ଓ ଲିଫ୍‌ଲେଟ ବଂଟନ ହୋଇଛି। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ସିଡିଏମ୍‌ଓ ଆଣ୍ଡ ପିଏଚ୍‌ଓ, ଏଡିପିଏଚ୍‌ଓ(ଏଫ୍‌ଡବ୍ଲୁ), ସିପିଏମ୍, ଏନ୍‌ଏଚ୍‌ଏମ୍ ଡିଏଚ୍‌ଏଚ୍ ସମ୍ବଲପୁରର ଅଧିକ୍ଷକ ଓ ଏଏନ୍‌ଏମ୍‌ଟିସି ପ୍ରଧାନ ଉପସ୍ଥିତ ଥିଲେ। ଏହି ଅଭିଯାନ ବୁଦ୍ଧ ରଞ୍ଜନ ଭୋଇ, ସହାୟକ ପ୍ରବନ୍ଧକ ପରିଚାଳନା କରିଥିଲେ। ଏହି ଅଭିଯାନ ୨୪ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଚାଲିବ। ପରବର୍ତୀ କାର୍ଯ୍ୟକ୍ରମ ସୂଚୀ ଅନୁଯାୟୀ ଦ୍ୱିତୀୟ ଦିବସ ତଥା ୨୦ ତାରିଖ ମଙ୍ଗଳବାର ଦିନ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଡିବେଟ୍ ଓ କ୍ୱିଜ୍ କାର୍ଯ୍ୟକ୍ରମ। ତୃତୀୟ ଦିବସ ୨୧ ତାରିଖ ବୁଧବାର ଦିନ ଲିଙ୍ଗାନୁପାତ ସୁଧାର ପାଇଁ ଜିଲ୍ଲାର ୩ଟି ବ୍ଲକ୍‌କୁ ଜିଲ୍ଲାସ୍ତରରେ ସମ୍ମାନିତ କରାଯିବ। ଚତୁର୍ଥ ଦିବସ ୨୨ ତାରିଖ ଗୁରୁବାର ଦିନ ଲେଡି ଲୁଇସ୍ ଗାର୍ଲ୍ସ ହାଇସ୍କୁଲ୍ ଛାତ୍ରୀମାନଙ୍କ ଦ୍ୱାରା ଶୋଭାଯାତ୍ରା ପରେ ପଂଚମ ଦିବସ ଭାବେ ଜାନୁଆରୀ ୨୬ ତାରିଖ ଗଣତନ୍ତ୍ର ଦିବସ ପରେଡ୍ ମାଇଦାନ ଓ ସମ୍ବଲପୁର ମହାନଗର ନିଗମ ଅଂଚଳରେ ଜିଲ୍ଲାସ୍ତରରେ ଆଇଇସି ଭ୍ୟାନ ପ୍ରଦର୍ଶନ କରାଯାଇ ବ୍ୟାପକ ସଚେତନ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

# ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ବାସୁଦେବପୁର, ୨୦/୧ (ନି.ପ୍ର): ଏକ ମଧୁର ପରିବେଶ ମଧ୍ୟରେ ବାସୁଦେବପୁର ବ୍ଲକ ଅନ୍ତର୍ଗତ ବେତଡା ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟର ୩୫ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତ ରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବରଣ୍ଡୁଆ ଗ୍ରାମ ପଞ୍ଚାୟତର ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ବିଶିଷ୍ଟ ଆଇନଜୀବୀ ଉମାକାନ୍ତ ଦାସ, ସୁରଭିତ ସ୍ମରଣ କବିତା ପୁସ୍ତକର କବି ଅଚ୍ୟୁତାନନ୍ଦ ପାଢ଼ୀ, ମହାବିଦ୍ୟାଳୟର ଅଧ୍ୟାପକ ବେଣୁଧର ପରିଡା ପ୍ରମୁଖ ଏହି ଉତ୍ସବରେ ସମ୍ମାନିତ ଅତିଥି ଓ ବକ୍ତା ଭାବେ ଯୋଗ ଦେଇ ଧର୍ମ, ଆଧ୍ୟାତ୍ମିକ ଚିନ୍ତାଧାରା, ଶିକ୍ଷା, କଳା, ସାହିତ୍ୟ, ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ମଞ୍ଜୁଳା ପ୍ରଭା ପଣ୍ଡା ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ । ଅଧ୍ୟାପକ ବ୍ରଜ ମୋହନ ଦାଶ ଏହି ଉତ୍ସବରେ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉତ୍ସବକୁ ପରିଚାଳନା କରିବାରେ ଅଧ୍ୟାପିକା କାନ୍ତା ରାଣୀ ଦାସ, ଅଧ୍ୟାପିକା ସସ୍ମିତା ଦାସ, ଅଧ୍ୟାପିକା ସୁଷମା ହୋତା, ଜଗବନ୍ଧୁ ପଣ୍ଡା, ଭଗବାନ ଲେଙ୍କା, ଚନ୍ଦ୍ରକାନ୍ତ ବେହେରା, ଜିତେନ୍ଦ୍ର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ଖଡ଼ିଆଳ ଥାନାରେ ମେଗା ରକ୍ତଦାନ ଶିବିର ଆୟୋଜିତ

ନୂଆପଡ଼ା, ୨୦/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନାରେ ପୋଲିସ ପକ୍ଷରୁ ଆଜି ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ନୂଆପଡ଼ା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂହଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ମୋଟ ୩୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶିବିରରେ ଖଡ଼ିଆଳ ଥାନାଧିକାରୀ ଦିଲ୍ଲିପ କୁମାର ସାହୁଙ୍କ ସମେତ ଥାନାର ସମସ୍ତ ପୋଲିସ ଓ କର୍ମଚାରୀ ସାମିଲ ହୋଇଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟର ବ୍ଲଡ଼ବ୍ୟାଙ୍କ କର୍ମଚାରୀ ସାମିଲ ଥିଲେ।

## ତାନଶ୍ରୀ ପାଣିଗ୍ରାହୀଙ୍କୁ କାକର ସମ୍ମାନ




ଭୁବନେଶ୍ୱର, ୨୦/୧ (ନି.ପ୍ର): ଭୁବନେଶ୍ୱର ବାର ଆସୋସିଏସନ ଲିଟେରାରୀ କ୍ଲବ ଦ୍ୱାରା ଅନୁଷ୍ଠିତ ସପ୍ତମ ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କାକର, ବିଜେବି କଲେଜ ନିକଟବର୍ତ୍ତୀ ଜୁଡିସିଆଲ କୋର୍ଟ କମ୍ପ୍ଲେକ୍ସ ପରିସରରେ ଅନୁଷ୍ଠିତ ହୋଇଥିଲା । କାକର ସାହିତ୍ୟଉତ୍ସବର ସଭାପତି ଗୋବିନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ ଡଃ ନାରାୟଣ ଚନ୍ଦ୍ର ସେନାପତି ମୁଖ୍ୟ ଅତିଥି ଓ ସୁସାହିତ୍ୟିକା ଡଃ ତାନଶ୍ରୀ ପାଣିଗ୍ରାହୀ ମୁଖ୍ୟ ବକ୍ତା ଓ ଅଧ୍ୟାପକ ସୁବାସ ଚନ୍ଦ୍ର ପାତ୍ର ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ହୋଇ ସାହିତ୍ୟ ଓ କବିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସଂଯୋଜିକା ଆଡ଼ଭୋକେଟ ଡଃ ସ୍ମିତା କାନୁନଗୋଙ୍କ ବଳିଷ୍ଠ ସଂଯୋଜନାରେ ଶତାଧିକ ଓକିଲ କବି କବୟିତ୍ରୀ କବିତା ପାଠ କରି ଏକ ସାହିତ୍ୟ ମନସ୍କ ବାତାବରଣ ସୃଷ୍ଟି କରିଥିଲେ । ପ୍ରାୟ ଏକହଜାର ଓକିଲ ସାହିତ୍ୟିକଙ୍କ ଉପସ୍ଥିତିରେ ଡଃ ତାନଶ୍ରୀ ପାଣିଗ୍ରାହୀଙ୍କୁ ସାହିତ୍ୟ, ସଂସ୍କୃତି ଓ ଶିକ୍ଷା କ୍ଷେତ୍ରରେ ବିଶେଷ ପାରଦର୍ଶିତା ପାଇଁ ବାର ଆସୋସିଏସନ କର୍ମକର୍ତ୍ତା ଦ୍ୱାରା କାକର ସମ୍ମାନ - ୨୦୨୬ ଅର୍ପଣ ପୂର୍ବକ ମାନପତ୍ର, ଉପଢୌକନ, ମୋମେଣ୍ଟ, ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ମୁଖ୍ୟ ଅତିଥି ଡଃ ନାରାୟଣ ଚନ୍ଦ୍ର ସେନାପତି ଓ ସମ୍ମାନିତ ଅତିଥି ଅଧ୍ୟାପକ ସୁବାସ ଚନ୍ଦ୍ର ପାତ୍ରଙ୍କୁ ମଧ୍ୟ କାକର ସମ୍ମାନ ପ୍ରଦାନ କରାଯାଇଛି ।

## ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଲା ୟୁଏଇର ଓଡ଼ିଆ ସମାଜ

ଭୁବନେଶ୍ୱର, ୨୦/୧ (ନି.ପ୍ର): ଭୁବନେଶ୍ୱରରୁ ଦୁବାଇ ଯାଉଥିବା ବିମାନ ସେବା ବନ୍ଦ ହେବା ପରେ ଆପତ୍ତି ଜଣାଇ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଲା ୟୁଏଇର ଓଡ଼ିଆ ସମାଜ । ମାର୍ଚ୍ଚ ୩୦ରୁ ଭୁବନେଶ୍ୱରରୁ ଦୁବାଇ ବିମାନ ସେବା ବନ୍ଦ ହେଉଥିବାରୁ ପ୍ରବାସୀ ଓଡ଼ିଆ ମାନେ ପ୍ରଭାବିତ ହେବେ ବୋଲି ଚିଠିରେ ଉଲ୍ଲେଖ ରହିଛି । ୪୦ ହଜାରରୁ ଅଧିକ ଓଡ଼ିଆ ଦୁବାଇରେ ରହୁଥିବାରୁ ସେମାନଙ୍କ ଯାତ୍ରା ପ୍ରଭାବିତ ହେବ ବୋଲି ବି ଉଲ୍ଲେଖ ରହିଛି । ତେଣୁ ଏହି ପ୍ରସଙ୍ଗରେ ବିଚାର କରି ବିହିତ ପଦକ୍ଷେପ ନେବାକୁ ଅପିଲ କଲା ୟୁଏଇର ଓଡିଆ ସମାଜ ।

# ଜିଲ୍ଲାପାଳ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଇଗ୍ନୋଉ କୁଳପତି ପ୍ରଫେସର ଉମା କାଞ୍ଜିଲାଲଙ୍କ ଆଲୋଚନା

ବାରିପଦା, ୨୦/୧ (ନି.ପ୍ର): ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର କୁଳପତି ପ୍ରଫେସର ଉମା କାଞ୍ଜିଲାଲ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଗତକାଲି କୁଳପତି ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଓ କୌଶଳ କେନ୍ଦ୍ର, ରାଇରଙ୍ଗପୁରକୁ ଆଧିକାରିକ ପରିଦର୍ଶନ କରିଥିଲେ। କୁଳପତିଙ୍କ ଦ୍ୱାରା ଏହି ପରିଦର୍ଶନ ଓ ଆଲୋଚନା ଏହି ଅଞ୍ଚଳରେ ମୁକ୍ତ ଓ ଦୂରଶିକ୍ଷା ସହିତ କୌଶଳ ଉନ୍ନୟନ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରୂପେ ପରିଗଣିତ ହେବ। କୁଳପତି ପ୍ରଫେସର ଉମା କାଞ୍ଜିଲାଲଙ୍କ ସହ ଡାଇରେକ୍ଟର, ସ୍ପେସିଆଲ୍ ପ୍ରୋଜେକ୍ଟ, ଇଗ୍ନୋ ପ୍ରଫେସର ନୟନତାରା ପାଢ଼ୀ, କନଫେଡେରେସନ ଅଫ ଇଣ୍ଡିଆ ଇଣ୍ଡଷ୍ଟ୍ରିଜର ଆଶିଷ କୁମାର, ଇଗ୍ନୋଉ ଆଞ୍ଚଳିକ କେନ୍ଦ୍ର, ରାଇରଙ୍ଗପୁରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ଼ଃ ମନୋଜ କୁମାର ଦାସ ମଧ୍ୟ ତାଙ୍କ ସହିତ ଉପସ୍ଥିତ ଥିଲେ। ଆଲୋଚନା ସମୟରେ କୁଳପତି ପ୍ରଫେସର ଉମା କାଞ୍ଜିଲାଲ, ଆଞ୍ଚଳିକ କେନ୍ଦ୍ର ଓ କୌଶଳ କେନ୍ଦ୍ର ର ଶିକ୍ଷାତ୍ମକ, ପ୍ରଶାସନିକ ଏବଂ ଢାଞ୍ଚାଗତ ବ୍ୟବସ୍ଥାଗୁଡ଼ି ଜରିଆରେ ଅଂଚଳର ଗ୍ରାମୀଣ, ଜନଜାତି ଓ ଦୁର୍ଗମ ଅଞ୍ଚଳର ଶିକ୍ଷାର୍ଥୀମାନଙ୍କୁ ଉଚ୍ଚ ଶିକ୍ଷାର ସୁଯୋଗ ପହଞ୍ଚାଇବାରେ ଆଞ୍ଚଳିକ କେନ୍ଦ୍ର ଓ କୌଶଳ କେନ୍ଦ୍ର ର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ ବୋଲି ମତ ପ୍ରକାଶ କରିଥିଲେ। ଏହା ଇଗ୍ନୋର ସମାବେଶୀ ଶିକ୍ଷା ଲକ୍ଷ୍ୟ ସହ ସମ୍ପୂର୍ଣ୍ଣ ସମନ୍ୱୟ ରଖେ। ଏହି ଅବସରରେ କୁଳପତି ପ୍ରଫେସର ଉମା କାଞ୍ଜିଲାଲ ଜାତୀୟ ଶିକ୍ଷା ନୀତି–୨୦୨୦ ଅନୁସାରେ କୌଶଳମୁଖୀ ଓ ନିଯୁକ୍ତି ଭିତ୍ତିକ ପାଠ୍ୟକ୍ରମ ପ୍ରଚାରରେ କୌଶଳ କେନ୍ଦ୍ର ର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଅଧିକ ଶିଳ୍ପ-ସମ୍ପର୍କିତ ସର୍ଟିଫିକେଟ୍ ଓ ଡିପ୍ଲୋମା କାର୍ଯ୍ୟକ୍ରମ ଆରମ୍ଭ କରିବା ସହ ସ୍ଥାନୀୟ ପ୍ରତିଷ୍ଠାନ, ଶିଳ୍ପ ଏବଂ ସରକାରୀ ବିଭାଗମାନଙ୍କ ସହ ସହଯୋଗ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷା, କୌଶଳ ଉନ୍ନୟନ, ଯୁବ ଓ ମହିଳା ସଶକ୍ତିକରଣ ଏବଂ ସରକାରୀ କର୍ମଚାରୀଙ୍କ କ୍ଷମତା ବୃଦ୍ଧି କ୍ଷେତ୍ରରେ ଇଗ୍ନୋ ଓ ସ୍ଥାନୀୟ ପ୍ରଶାସନ ମଧ୍ୟରେ ସହଯୋଗ ସମ୍ଭାବନା ଉପରେ ଆଲୋଚନା ହୋଇଥିଲା। ଅଂଚଳର ବର୍ତ୍ତମାନ ଓ ଭବିଷ୍ୟତର ଆବଶ୍ୟକତା କୁ ଦୃଷ୍ଟିରେ ରଖି ଶିକ୍ଷା ଜରିଆରେ ଜିଲ୍ଲାର ବିକାଶ କରିବା ନିମନ୍ତେ ବିଭିନ୍ନ ପ୍ରକାର ସମ୍ବନ୍ଧିତ ପାଠ୍ୟକ୍ରମ ପ୍ରସ୍ତୁତ ସହିତ ତାଲିମ ଜରିଆରେ ଦକ୍ଷତା ବିକାଶ କରାଯିବ ଯଦ୍ୱାରା ଭବିଷ୍ୟତ ରେ ଶିକ୍ଷାର୍ଥୀମାନଙ୍କ ପାଇଁ ନିଜ ଅଂଚଳରେ ଶିଳ୍ପ ଭିତ୍ତିକ ନିଯୁକ୍ତି ପାଇଁ ପଥ ସୁଗମ ହେବ ବୋଲି କହିଥିଲେ। ଜିଲ୍ଲାପାଳ ଇଗ୍ନୋର ସମସ୍ତ କାର୍ଯ୍ୟକଳାପ ଓ ପ୍ରୟାସ ପାଇଁ ପ୍ରଶାସନ ତରଫରୁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କୁଳପତିଙ୍କ ଏହି ପରିଦର୍ଶନ "ସମସ୍ତଙ୍କ ପାଇଁ ଶିକ୍ଷା" ଲକ୍ଷ୍ୟ ପ୍ରତି ଇଗ୍ନୋଉ ଅଙ୍ଗୀକାରକୁ ପୁନଃ ସ୍ଥାପିତ କରିବ ଏବଂ ଏହା ମୟୂରଭଞ୍ଜ ଅଞ୍ଚଳରେ ଶିକ୍ଷା ଓ କୌଶଳ ଉନ୍ନୟନ କାର୍ଯ୍ୟକଳାପକୁ ନୂତନ ଦିଗଦର୍ଶନ ଦେବ ବୋଲି ଆଶା କରାଯାଉଛି। ଅନୁଷ୍ଠିତ ବୈଠକ ରେ ଉପଜିଲ୍ଲାପାଳ ରାଇରଙ୍ଗପୁର ଶ୍ରୀ ସୌମ୍ୟ ରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲପାଳ ଶ୍ରୀ ଦୁଖବନ୍ଧୁ ନାୟକଙ୍କ ସମେତ ଜିଲ୍ଲା ମଙ୍ଗଳ ଅଧିକାରୀ, ବାରିପଦା ବନଖଣ୍ଡ ଅଧିକାରୀ, ଜିଲ୍ଲା ଅତିରିକ୍ତ ଚିକିତ୍ସାଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ଦକ୍ଷତା ବିକାଶ ଏବଂ ନିଯୋଜନ ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ଏମ ପି ସି ମହାବିଦ୍ୟାଳୟ ର ଅଧ୍ୟକ୍ଷ, ଏମ ଏସ ସି ବି ବିଶ୍ୱବିଦ୍ୟାଳୟର ସଚିବ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭିବି ଜି ରାମଜୀ ଆଇନ ବିରୋଧରେ ଗାଁ ସ୍ତରରୁ ସୃଷ୍ଟି କରାଯିବ ଜନମତ

ଭୁବନେଶ୍ୱର, ୨୦/୧ (ନି.ପ୍ର): ମନରେଗା କେବଳ ଏକ ଆଇନ ନଥିଲା। ଏହା ଗରିବ ଲୋକମାନଙ୍କର କାର୍ଯ୍ୟ କରିବାର ସାମ୍ବିଧାନିକ ଅଧିକାରକୁ ସୁରକ୍ଷା ଦେଉଥିଲା । ଏହି ଆଇନ ଯଦି ଫେରାଇ ନ ନିଆଯାଏ ଦେଶର ବହୁ କ୍ଷତି ଘଟିବ । ସମ୍ବିଧାନର ଧାରା ୩୯ଏ ୪୧ ଅନୁଯାୟୀ ସାଧାରଣ ଖଟିଖିଆ ମେହନତି ମଣିଷ ମାନଙ୍କର କାମ ଏବଂ ରୋଜଗାରକୁ ସାବସ୍ଥ କରିଥାଏ । ତାହା ଆଜି ପଥଭ୍ରଷ୍ଟ । ଆଗାମୀ ଦିନରେ ଭିବି ଜିରାମଜୀ କଳା ଆଇନ ବିରୋଧରେ ଦେଶତମାମ ମନରେଗା ବଞ୍ଚାଅ ସମାବେଶ ସଂଗ୍ରାମ ଜାରି ରହିବ ବୋଲି ରାଜୀବ ଗାନ୍ଧୀ ପଞ୍ଚାୟତରାଜ ରାଷ୍ଟ୍ରୀୟ ଅଧ୍ୟକ୍ଷ ସୁନିଲ ପନୱାର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଆରଜିପିଆରଏସର ଉପାଧ୍ୟକ୍ଷ କୁନାଲ ବାର୍ନାଜୀ ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନ ତୃଣମୂଳ ସ୍ତରକୁ ଯାଇ ଏହି କଳା ଆଇନ ବିରୋଧରେ ଜନଜାଗରଣ ସୃଷ୍ଟି କରିବା ସହିତ ସଂଗଠନକୁ ମଜବୁତ କରିବାପଇଁ କାର୍ଯ୍ୟ କରିବ । ରାଜୀବ ଗାନ୍ଧୀ ପଂଚାୟତ ରାଜ ସଂଗଠନ ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ କହିଥିଲେ ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନ ଏକ ଗାନ୍ଧୀବାଦୀ ଅହିଂସକ, ଶାନ୍ତିପ୍ରିୟ ସଂଗଠନ ଦୃଷ୍ଟିରୁ ସତ୍ୟାଗ୍ରହୀମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ନିନ୍ଦା ପ୍ରସ୍ତାବ ପାରିତ କରିଥିଲେ ଏବଂ ପ୍ରସ୍ତାବ ରଖିଥିଲେ କି ଏହି ସ୍ମାରକପତ୍ରକୁ ରାଜ୍ୟ ପାଳଙ୍କ ପରିବର୍ତ୍ତେ ମହାମହୀମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପଠାଯିବ ।

## ଆସନ୍ତା ସାଧାରଣତନ୍ତ୍ର ଦିବସ ଓ ମାରାଂବୁରୁ ଆଦିବାସୀ, ଦଳିତ ଲୋକମଞ୍ଚର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୨୦/୧ (ନି.ପ୍ର): ପ୍ରତିବର୍ଷ ଭଳି ଚଳିତବର୍ଷ ଆସନ୍ତା ଜାନୁଆରୀ ୨୬ ତାରିଖ ଦିନ ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ମାରାଂବୁରୁ ଆଦିବାସୀ, ଦଳିତ ବିକାଶ ଲୋକମଞ୍ଚ ପକ୍ଷରୁ ବାର୍ଷିକ ଉତ୍ସବ ସହଦେବଖୁଣ୍ଟା ସ୍ଥିତ ଚାନ୍ଦମାରୀ ପଡ଼ିଆରେ ଅନୁଷ୍ଠିତ ହେବ। ଉତ୍ସବର ସଫଳତା ପାଇଁ ପ୍ରସ୍ତୁତି କମିଟି ବୈଠକ ସୋମବାର ଦିନ ମଞ୍ଚର କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବାଲେଶ୍ୱରର ସହର ଓ ସହର ସନ୍ନିକଟ ଗ୍ରାମାଞ୍ଚଳରୁ ଶହଶହ ଆଦିବାସୀ ଯୁବକ ଯୁବତୀ ଯୋଗଦେଇ ସେମାନେ ପାରମ୍ପରିକ ବାଦ୍ୟ ମାଦଳର ତାଳେତାଳେ ନୃତ୍ୟ ପରିବେଷଣ କରିବେ। ସକାଳେ ଜାତୀୟ ପତାକା ଉତ୍ତୋଳନ ଓ ଗଛ ଦେବତାଙ୍କ ପୂଜା କରାଯିବ ।ଅପରାହ୍ନ ଉତ୍ସବରେ ଅତିଥିଭାବେ ବାଲେଶ୍ୱର ସଦର ଓ ରେମୁଣା ବିଧାୟକ, ବାଲେଶ୍ୱର ପୌରାଧ୍ୟକ୍ଷା, ଜିଲ୍ଲା ପରିଷଦ ସଭାପତି, ବାଲେଶ୍ୱର ସହରର ବହୁ କାଉନ୍ସିଲର, ବୁଦ୍ଧିଜୀବୀ ଓ ସରକାରୀ ଅଧିକାରୀ ଅତିଥିଭାବେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଛି। ଏହି ଉତ୍ସବରେ ଚଳିତବର୍ଷ ଫୁଟବଲ୍ ଖେଳ ପ୍ରତିଯୋଗିତାରେ ବିଜୟ ହାସଲ କରିଥିବା ଦଳକୁ ଅତିଥିମାନେ ସମ୍ବର୍ଦ୍ଧିତ କରିବେ। ପ୍ରତିବର୍ଷ ଭଳି ଉତ୍ସବକୁ ସରସ, ସୁନ୍ଦର ଓ ମନୋଜ୍ଞ କରିବାକୁ ବୈଠକରେ ସମସ୍ତଙ୍କର ସହଯୋଗ କାମନା କରାଯାଇଛି। ସ୍ଥାନୀୟ ବ୍ୟାସକବି ନଗର ବିକାଶ ପରିଷଦ ଓ ରୟାଲ୍ କ୍ଲବ୍‌ର କର୍ମକର୍ତ୍ତାମାନେ ଅତୀତବର୍ଷମାନଙ୍କ ଭଳି ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଏହି ବୈଠକରେ ଗେଡ଼ା ମୁର୍ମୁ, ମହାନ୍ତି ମାଝୀ, କାହ୍ନୁ ସରେନ୍, ଭଗବାନ ମହନୀ, ସୁରଜ ବିଶାଲ୍, ସଂଜୟ ଚୌଧୁରୀ, ବେଣୁଧର ପଣ୍ଡା, ରଞ୍ଜନ ଭୋଇ, ଦେବାଶିଷ ସିଂହ, ଗୌରାଙ୍ଗ ପାଣିଗ୍ରାହୀ, ସନତ ମୁର୍ମୁ, ଡାମ୍ବୁ ମାଝି, ରବି ମୁର୍ମୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜଗନ୍ନାଥ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ନିତିନ ନବୀନଙ୍କ କାନ୍ଧରେ...

ଆମର ଅଧ୍ୟକ୍ଷ ବଦଳନ୍ତି କିନ୍ତୁ ଆମର ଆଦର୍ଶ ବଦଳେ ନାହିଁ। ନେତୃତ୍ୱ ବଦଳେ, କିନ୍ତୁ ଦିଗ ସମାନ ରହିଥାଏ ବୋଲି ମୋଦୀ କହିଥିଲେ। ସାଂଗଠନିକ ମତଦାନରେ ଏକମାତ୍ର ପ୍ରାର୍ଥୀ ଭାବରେ ଉଭା ହେବା ପରେ ନିତିନ ନବୀନ ବିଜେପି ମୁଖ୍ୟ ପଦ ପାଇଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚନ ଜିତିଥିଲେ। ପ୍ରାର୍ଥୀ ଘୋଷଣା ସମୟରେ ନବୀନ ବିହାରରେ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରରେ ରାସ୍ତା, ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଥିଲେ। ପରେ ୪୫ ବର୍ଷୀୟ ନେତା ବିଜେପି ଅଧ୍ୟକ୍ଷ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଇସ୍ତଫା ଦେଇଥିଲେ।

### ପରିବହନ ବିଭାଗ...

ଏହାକୁ ନେଇ ଜନଅସନ୍ତୋଷ ତେଜିବା ପରେ ନରମିଛନ୍ତି ସରକାର । କୌଣସି ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇନଥିଲେ ବି ନିୟମ କୋହଳ କରାଯାଇଥିବା ସୂଚନା ମିଳିଛି । ଏଣିକି ପ୍ରଦୂଷଣ ପ୍ରମାଣପତ୍ର ପାଇଁ ପୂର୍ବ ଜରିମାନାକୁ ପୈଠ କରିବା ଆଉ ବାଧ୍ୟତାମୂଳକ ନୁହେଁ । ଗ୍ରାଉଣ୍ଡ୍‌ରେ ମଧ୍ୟରେ ବକେୟା ଚାଲାଣ ସତ୍ତ୍ୱେ ପିୟୁସି ସାର୍ଟିଫିକେଟ୍ ହୋଇପାରୁଥିବା ଦେଖିବାକୁ ମିଳିଛି । ନିୟମ କୋହଳ ହେବା ଲୋକଙ୍କୁ ଆଶ୍ୱସ୍ତି ଦେଇଥିଲେ ବି ପରିବହନ ବିଭାଗର କାର୍ଯ୍ୟକାରିତାକୁ ନେଇ ଉଠାଇଛି ଅନେକ ପ୍ରଶ୍ନ । କେଉଁ ଆଧାରରେ ହୋଇଥିଲା 'ଜରିମାନା ଥିଲେ ପିୟୁସିସି ମନା' ନିୟମ ? ଯଦି ମୋଟରଯାନ ଆଇନ ବଳରେ ହୋଇଥିଲା, ପୁଣି କେଉଁ ଆଧାରରେ ହଟାଗଲା ? ଯଦି ଏଭଳି ନିୟମ ହଟାଇବା ସମ୍ଭବ ଥିଲା, ଏଯାଏଁ ଲୋକଙ୍କୁ ହଇରାଣ କରାଯାଉଥିଲା କାହିଁକି ?

### ୧୫୦୦ ଆଇଏସ୍ ...

ଅଭିଯୋଗ ଆଣିଥିଲା ଯେ ଆଇଏସ୍ ସଦସ୍ୟମାନଙ୍କୁ ଜାଣିଶୁଣି ମୁକ୍ତ କରି ଦେଇଛି । ରିପୋର୍ଟରେ କୁହାଯାଇଛି, ଏସ୍‌ଡିଏଫ୍ ଓ ସିରିଆ ସରକାରଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । ଏହାପରେ ଏସ୍‌ଡିଏଫ୍ ରାକା ଓ ଡେର ଅଲ-ଜୋର ପ୍ରଦେଶରୁ ଫଛକୁ ହଟିବାକୁ କରିବାକୁ ରାଜି ହୋଇଥିଲା । ଏହା ଏକ ଆରବ ବହୁଳ ଅଞ୍ଚଳ ଓ ସିରିଆର ପ୍ରମୁଖ ତୈଳ ଭଣ୍ଡାର। ଏହି ଘଟଣା ଏପରି ଏକ ସମୟରେ ଘଟିଛି ଯେତେବେଳେ ସିରିଆରେ ରାଜନୈତିକ ଏବଂ ସାମରିକ ପରିସ୍ଥିତି ଦ୍ରୁତ ଗତିରେ ବଦଳିବାରେ ଲାଗିଛି। ଆଇଏସ୍ ବିରୋଧରେ ଲଢ଼େଇରେ ଏସ୍‌ଡିଏଫ୍ ପଶ୍ଚିମ ମେଣ୍ଟର ଏକ ପ୍ରମୁଖ ସହଯୋଗୀ ପାଲଟିଛି। ହଜାର ହଜାର ଆଇଏସ୍ ସଦସ୍ୟ ଓ ସେମାନଙ୍କ ପରିବାର ପୂର୍ବରୁ ବିଭିନ୍ନ ଶିବିର ତଥା ଜେଲ୍‌ରେ ବନ୍ଦୀ ଅଛନ୍ତି । ସେମାନଙ୍କ ପଳାୟନ ଅଞ୍ଚଳରେ ଆତଙ୍କବାଦର ବିପଦକୁ ବୃଦ୍ଧି କରିପାରେ ବୋଲି ଆଶଙ୍କା କରାଯାଉଛି। ଇରାକ ମଧ୍ୟ ଏହାର ସୀମାରେ ସୁରକ୍ଷା କଡ଼ାକଡ଼ି କରିଛି। କୌଣସି ଆଇଏସ ସଦସ୍ୟଙ୍କୁ ସୀମା ପାର ନ କରିବା ପାଇଁ ପେସମର୍ଗ ଓ ଫେଡେରାଲ ଫୋର୍ସକୁ ହାଇ ଆଲର୍ଟରେ ରଖାଯାଇଛି।

### ଇଞ୍ଜିନିୟରମାନେ...

ଦୂରବର୍ତ୍ତୀ ବସତିରେ ମଧ୍ୟ ଗଠନ ହୁଏ, ଯେଉଁଠାରେ ଇଞ୍ଜିନିୟରମାନେ ଦୃଷ୍ଟିକୋଣକୁ ବାସ୍ତବତାରେ ପରିଣତ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରନ୍ତି । ଓଡ଼ିଶାର ପ୍ରଗତିର କାହାଣୀ ଅନେକ ଦୃଷ୍ଟିରୁ ଏହାର ଇଞ୍ଜିନିୟରମାନଙ୍କ କାହାଣୀ, ଯେଉଁମାନେ ବିକାଶର ନୀରବ ସ୍ଥପତି ଅଟନ୍ତି। ଦେଶ ନିର୍ମାଣର ପ୍ରାରମ୍ଭିକ ପର୍ଯ୍ୟାୟରୁ ଆଜି ପର୍ଯ୍ୟନ୍ତ ଇଞ୍ଜିନିୟରମାନେ ଭିତିଭୂମିର ମୂଳଦୁଆ ସ୍ଥାପନ କରିଛନ୍ତି, ସାର୍ବଜନୀନ ସେବା ପ୍ରଦାନକୁ ସୁଦୃଢ଼ କରିଛନ୍ତି ଏବଂ ବିକାଶକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ନିଶ୍ଚିତ କରିଛନ୍ତି । ରାସ୍ତା ଏବଂ ସେତୁ, ଜଳସେଚନ ବ୍ୟବସ୍ଥା, ଜଳ ଯୋଗାଣ ନେଟୱାର୍କ ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ ସେବା ଯୋଗାଇ ଦେଉଥିବା ସାର୍ବଜନୀନ ପ୍ରତିଷ୍ଠାନ ନିର୍ମାଣରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ରାଜ୍ୟପାଳ ଉଲ୍ଲେଖ କରିଥିଲେ ।ଡିପ୍ଲୋମା ଇଞ୍ଜିନିୟରମାନଙ୍କର ଭୂମିକା ଉପରେ ଆଲୋକପାତ କରି ରାଜ୍ୟପାଳ କହିଛନ୍ତି ଯେ, ସେମାନେ ନୀତି ଏବଂ ଲୋକଙ୍କ ମଧ୍ୟରେ ସଂଯୋଗ ସ୍ଥାପନ କରି କାର୍ଯ୍ୟ କରନ୍ତି, ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରି ସେବାରେ ଏବଂ ଆକାଂକ୍ଷାକୁ ଫଳାଫଳରେ ପରିଣତ କରନ୍ତି। ସେମାନଙ୍କ କାର୍ଯ୍ୟ କେବଳ ବୈଷୟିକ ଦକ୍ଷତା ନୁହେଁ ବରଂ ଧୈର୍ଯ୍ୟ, ସ୍ଥିରତା, ସାଧୁତା ଏବଂ ଦାୟିତ୍ୱର ଗଭୀର ଭାବନା ମଧ୍ୟ ପ୍ରତିଫଳିତ କରେ, ଯାହା ବିକାଶକୁ ନାଗରିକମାନଙ୍କ ପାଇଁ ଦୃଶ୍ୟମାନ ଏବଂ ଅର୍ଥପୂର୍ଣ୍ଣ କରିଥାଏ ବୋଲି ରାଜ୍ୟପାଳ କହିଥିଲେ। ଓଡ଼ିଶା ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଦୃଷ୍ଟିକୋଣ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଡିପ୍ଲୋମା ଇଞ୍ଜିନିୟରମାନେ ସମାବେଶୀ ଅଭିବୃଦ୍ଧି, ଗ୍ରାମୀଣ ପରିବର୍ତ୍ତନ, ଭିତିଭୂମି ସମ୍ପ୍ରସାରଣ, ପରିବେଶଗତ ସ୍ଥିରତା ଏବଂ ସାମାଜିକ ସମାନତାକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଦୁର୍ଗମ ଏବଂ ଅନୁନ୍ନତ ଅଞ୍ଚଳରେ ଇଂଜିନିୟରମାନେ ପ୍ରାୟତଃ ରାଜ୍ୟର ସବୁଠାରୁ ସ୍ଥିର ପ୍ରତିନିଧି ଭାବରେ କାର୍ଯ୍ୟ କରନ୍ତି ବୋଲି ରାଜ୍ୟପାଳ କହିଥିଲେ। ଏକତା, ସ୍ୱଚ୍ଛତା ଏବଂ ଜନହିତକର କାର୍ଯ୍ୟ ପ୍ରତି ପ୍ରତିବଦ୍ଧତା ଭଳି ମୂଲ୍ୟବୋଧକୁ ପୋଷଣ କରିବା ସହିତ ବୃତିଗତ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ଓଡେସା କୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ରକ୍ତଦାନ ଶିବିର, ବିପର୍ଯ୍ୟୟ ସହାୟତା କାର୍ଯ୍ୟକଳାପ, ପାନୀୟ ଜଳ ବଣ୍ଟନ ଏବଂ ୧୦ ଲକ୍ଷ ଚାରା ରୋପଣ କରିବାର ସଂକଳ୍ପ ସମେତ ଏହାର ସାମାଜିକ ପଦକ୍ଷେପଗୁଡ଼ିକୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏହି ସମାରୋହରେ ଓଡିଶା ଡିପ୍ଲୋମା ଇଂଜିନିୟର୍ସ ସର୍ଭିସ ଆସୋସିଏସନର ପରାମର୍ଶଦାତା ଇଂ ଶ୍ରୀଧର ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ପୁଅକୁ ଧରି ବିଜୟ ମହାପାତ୍ର ବିଜେଡିକୁ ଭାଙ୍ଗିବାକୁ ଚେଷ୍ଟା କରୁଥିଲେ: ପ୍ରମିଳା ମଲ୍ଲିକ

ଭୁବନେଶ୍ୱର, ୨୦/୧ (ନି.ପ୍ର): ଅରବିନ୍ଦ ମହାପାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଉପରେ ପ୍ରମିଳା ମଲ୍ଲିକ ପ୍ରତିକିୟା ରଖିଛନ୍ତି । ସେ କହିଛନ୍ତି ଯେ, ବିଜୟ ମହାପାତ୍ର ବିଜୁ ପଟ୍ଟନାୟକଙ୍କୁ ହରାଇବାକୁ ଚେଷ୍ଟା କରିଥିଲେ ।ଆଉ ନବୀନ ପଟ୍ଟନାୟକଙ୍କୁ ହରାଇବାକୁ ଚେଷ୍ଟା କରିଛନ୍ତି । ବିଜୟ ମହାପାତ୍ର ପୁଅକୁ ଧରି ବିଜେଡିକୁ ଭାଙ୍ଗିବାକୁ ଚେଷ୍ଟା କରୁଥିଲେ । ସଫଳ ହେଲେନି । ଗୁଇନ୍ଦା ରିପୋର୍ଟରୁ ହିଁ ଜଣାପଡ଼ିଲା । ଯିଏ ଦଳକୁ ଭାଙ୍ଗିବାକୁ ଚେଷ୍ଟା କରିବ ତାହା ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି ।

## ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଗ୍ରୋ କେୟାର ଇଣ୍ଡିଆ ପରିବେଶ ପରିଚାଳନା ପୁରସ୍କାର ୨୦୨୫ ହାସଲ




ରାଉରକେଲା, ୨୦/୧ (ନି.ପ୍ର): ମହାରତ୍ନ କମ୍ପାନୀ ସେଲ୍‌ର ଅନ୍ୟତମ ପ୍ରମୁଖ ୟୁନିଟ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)କୁ ୨୦୨୪ -୨୫ ଆର୍ଥିକ ବର୍ଷରେ ପରିବେଶ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ 'ଗ୍ରୋ କେୟାର ଇଣ୍ଡିଆ ପରିବେଶ ପରିଚାଳନା ପୁରସ୍କାର ୨୦୨୫' ପ୍ରଦାନ କରାଯାଇଛି। ଜାନୁଆରୀ ୧୭ ତାରିଖରେ ନୂଆଦିଲ୍ଲୀସ୍ଥିତ ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡ଼ିଏମଏ)ର ଯୁଗ୍ମ ସଚିବ ଏବଂ ନିର୍ଦ୍ଦେଶକ ସୁଶ୍ରୀ ମୃଣାଳିନୀ ଶ୍ରୀବାସ୍ତବ ଏବଂ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟର ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ବୋର୍ଡର ସଦସ୍ୟ ଶ୍ରୀ ରାଜେଶ ଗୋୟଲ ଏହି ପୁରସ୍କାର ପ୍ରଦାନ କରିଥିଲେ। ଆରଏସପି ଅନ୍ତର୍ଗତ ପରିବେଶ ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନ-ଚାର୍ଜ ଶ୍ରୀ ପି. ସି. ଦାଶ ଆରଏସପି ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଏହି ପୁରସ୍କାର ପରିବେଶ ସୁରକ୍ଷା କ୍ଷେତ୍ରରେ ବ୍ୟାପକ ଭାବରେ କାର୍ଯ୍ୟ କରୁଥିବା ଏକ ଜଣାଶୁଣା ବେସରକାରୀ ସଂଗଠନ ଗ୍ରୋ କେୟାର ଇଣ୍ଡିଆ ଦ୍ୱାରା ପ୍ରତିଷ୍ଠା କରାଯାଇଛି । ପରିବେଶ ପରିଚାଳନା ଏବଂ ପରିବେଶ ସୁରକ୍ଷା ପ୍ରତି ଅନୁକରଣୀୟ ଅବଦାନ ପାଇଁ ଗ୍ରୋ କେୟାର ଇଣ୍ଡିଆ ପ୍ରତିବର୍ଷ ସଂଗଠନ, କମ୍ପାନୀ ଏବଂ ବ୍ୟକ୍ତିବିଶେଷଙ୍କୁ ପରିବେଶ ପରିଚାଳନା ପୁରସ୍କାର ପ୍ରଦାନ କରିଥାଏ।

ଇସ୍ପାତ ନିର୍ମାଣ କାର୍ଯ୍ୟରେ ନିଜର ନିରନ୍ତର ଏବଂ ବ୍ୟାପକ ପରିବେଶ-ଅନୁକୂଳ ପଦକ୍ଷେପ ପାଇଁ ଆରଏସପିକୁ ଏହି ପୁରସ୍କାର ପାଇଁ ଚୟନ କରାଯାଇଥିଲା। ଏଥିରେ ବାୟୁ ପ୍ରଦୂଷକ ନିର୍ଗମନର ପ୍ରଭାବଶାଳୀ ନିୟନ୍ତ୍ରଣ, ନିର୍ଗତ ନିର୍ଗମନର କଠୋର ପରିଚାଳନା, ବର୍ଜ୍ୟବସ୍ତୁ ବ୍ୟବହାରର ସର୍ବାଧିକୀକରଣ, ବ୍ୟାପକ ସବୁଜୀକରଣ ବିକାଶ, ଜଳ ସଂରକ୍ଷଣ ପଦକ୍ଷେପ ଏବଂ ସ୍ଥାନୀୟ ସମ୍ପ୍ରଦାୟର ଉନ୍ନତି ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରଭାବଶାଳୀ ସିଏସଆର ପଦକ୍ଷେପ ଅନ୍ତର୍ଭୁକ୍ତ ଅଟେ। ଏହି ମାନ୍ୟତା ସ୍ଥାୟୀ ବିକାଶ, ପରିବେଶଗତ ପରିଚାଳନା ଏବଂ ଦାୟିତ୍ୱପୂର୍ଣ୍ଣ ଶିଳ୍ପ ଅଭିବୃଦ୍ଧି ପ୍ରତି ଆରଏସପିର ନିରନ୍ତର ପ୍ରତିବଦ୍ଧତାକୁ ଗୁରୁତ୍ୱାରୋପ କରେ।

ବୁଧବାର, ୨୧ ଜାନୁଆରୀ ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପ୍ରଧାନ ଶିକ୍ଷକଙ୍କ ବଦଳି ଦାବି କଲେ ଛାତ୍ରଛାତ୍ରୀ

ଉଦଳା , ୨୦/୧ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରିସ୍ଥିତ ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ରବିନ୍ଦ୍ର ରାଉଳଙ୍କ ବିରୁଦ୍ଧରେ ଛାତ୍ର ଛାତ୍ରୀ ମାନେ ଏକ ଲିଖିତ ଅଭିଯୋଗ ଚଳିତ ଜାନୁଆରି ୧୯ ତାରିଖ ସୋମବାର ଦିନ ଉଦଳାସ୍ଥିତ କପ୍ତିପଦା ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଥିବାର ଜଣାଯାଇଛି । ଏହି ଅଭିଯୋଗ ଦରଖାସ୍ତରେ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ରାଉତଳଙ୍କ ବଦଳି ମୁଖ୍ୟ ଦାବି ରହିଛି । ପ୍ରଧାନ ଶିକ୍ଷକ ଅଧିକାଂଶ ଦିନ ବିଦ୍ୟାଳୟ ଆସୁନାହାଁନ୍ତି ଓ ଛାତ୍ର ଛାତ୍ରୀ ମାନଙ୍କର ସୁଖ ଦୁଃଖ ଆଦୌ ବୁଝୁ ନାହାଁନ୍ତି ଦର୍ଶାଯାଇଛି । ସେହିପରି ହଷ୍ଟେଲରେ ରହୁଥିବା ଛାତ୍ର ଛାତ୍ରୀ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏପରିକି ହଷ୍ଟେଲରେ ଠିକ୍ ଭାବେ ଖାଇବାକୁ ମିଳୁନଥିବା କଥା ପିଲାମାନେ ଗଣମାଧ୍ୟମକୁ ଜଣାଇଛନ୍ତି । ଆଗକୁ ମାଟ୍ରିକ ପରୀକ୍ଷା ଥିବା ବେଳେ ଏପରି ମାନସିକ ଚାପ ମଧ୍ୟରେ ପିଲାମାନେ କିପରି ପରୀକ୍ଷା ଦେବେ ତାହା ଚିନ୍ତାର ବିଷୟ ପାଲଟି ଯାଇଛି । ତେବେ ଉଦଳାରେ କାର୍ଯ୍ୟରତ ସହକାରୀ ଜିଲ୍ଲାପାଳ ପିଲାଙ୍କ ଦରଖାସ୍ତ ଗ୍ରହଣ କରିବା ସହ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଛନ୍ତି । ଉକ୍ତ ବିଦ୍ୟାଳୟରେ ଥିବା ଛାତ୍ରାବାସରେ ଅଧିକାଂଶ ଆଦିବାସୀ ପିଲା ରହୁଛନ୍ତି । ତେବେ ଏଠାରେ କାର୍ଯ୍ୟରତ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପିଲାଙ୍କ ଦୁଃଖ ନବୁଝି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ସ୍ଥାନୀୟ ଅଂଚଳରେ ଏହି ଘଟଣା ଏକ ଅସନ୍ତୋଷର ବାତାବରଣ ଖେଳାଇଦେଇଛି ।



# ଚରମ୍ପା ବାଳିକା ବିଦ୍ୟାଳୟରେ ବାଲ୍ୟବିବାହ ଉଚ୍ଛେଦ ନେଇ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ, ୨୦/୧ (ନି.ପ୍ର): ବାଲ୍ୟବିବାହ ଭଳି କୁପ୍ରଥାର ଉଚ୍ଛେଦ ନିମନ୍ତେ ଚରମ୍ପା ବାଳିକା ବିଦ୍ୟାଳୟ ପରିସରରେ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବାଲ୍ୟବିବାହ ଆଇନଗତ ଅପରାଧ ବୋଲି ଉଲ୍ଲେଖ କରିବା ସହିତ ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭବିଷ୍ୟତ ଉପରେ ବାଲ୍ୟବିବାହର କୁପ୍ରଭାବ ସମ୍ପର୍କରେ ଗଭୀର ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ କମିଟିର ଅଧକ୍ଷ ସୁବ୍ରତ ବିଶ୍ୱାଳ ଶିଶୁ ସୁରକ୍ଷା ପ୍ରତ୍ୟେକ ପରିବାର ଓ ସମାଜର ସାମୂହିକ ଦାୟିତ୍ୱ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଶିଶୁ ସୁରକ୍ଷା ଆଇନ ଅଧିକାରୀ ସୁବ୍ରତ ଦାସ ବାଲ୍ୟବିବାହ ନିଷେଧ ଆଇନ, ଶିଶୁ ଅଧିକାର ଓ ସହାୟତା ବ୍ୟବସ୍ଥା ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ। ସମସ୍ୟା ଦେଖିଲେ କିମ୍ବା ଅନୁଭବ କଲେ (୧୦୯୮) ନିଃଶୁଳ୍କ ନମ୍ବର ରେ ଅଭିଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ମଞ୍ଚ ନିମନ୍ତ୍ରଣ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍ ଡିଏସ୍ କରିଥିବାବେଳେ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାମାମଣୀ ଦାସ ସଚେତନ କାର୍ଯ୍ୟକ୍ରମ ପିଲାମାନଙ୍କ ପାଇଁ ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀମାନେ ଉପସ୍ଥିତ ରହିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ର କର୍ମୀ ଗଣ ପରିଚାଳନା ରେ ସହଯୋଗ କରିଥିଲେ। ପରିଶେଷରେ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚତୁର୍ଥ ହଳଦୀପଦା ମହୋତ୍ସବ ଉଦ୍‌ଘାଟିତ



ବସ୍ତା, ୨୦/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଅନ୍ୟତମ ପ୍ରମୁଖ ସାଂସ୍କୃତିକ ଅନୁଷ୍ଠାନ ହଳଦୀପଦା ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ' ଚତୁର୍ଥ ହଳଦୀପଦା ମହୋତ୍ସବ' ଅତ୍ୟନ୍ତ ଆଡ଼ମ୍ବର ସହକାରେ ଉଦଘାଟିତ ହୋଇଯାଇଛି। ଏହି ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ବସ୍ତା ଏସ.ଡି.ପି.ଓ. ଶ୍ରୀଯୁକ୍ତ ମାନସ କୁମାର ଦେଓ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଶ୍ରୀମତୀ ମୌସୁମୀ ଦାସ ଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଯୁବ ସମାଜସେବୀ ଶ୍ରୀଯୁକ୍ତ ବିକ୍ରମ ପଣ୍ଡା ଯୋଗଦେଇ ଓଡ଼ିଆ କଳା ଓ ସଂସ୍କୃତିର ସୁରକ୍ଷା ଉପରେ ଶାଣିତ ଅଭିଭାଷଣ ରଖିବା ସହ ସମାଜ ଗଠନରେ ଯୁବପିଢ଼ିର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ମହୋତ୍ସବ କମିଟିର ସଭାପତି ଶ୍ରୀଯୁକ୍ତ ଉପେନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ମହୋତ୍ସବ କମିଟି ର ଅଧକ୍ଷ ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ସାହୁ ,ଶ୍ରୀ ଅକ୍ଷୟ କୁମାର ମିଶ୍ର ଏବଂ ଅବସରପ୍ରାପ୍ତ ଡି.ଆର.ଡି.ଓ ଅଧିକାରୀ ଶ୍ରୀ ଭୀମଚରଣ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୈଦିକ ଗୁରୁକୁଳ ଆଶ୍ରମର ସମ୍ପାଦକ ଆଚାର୍ଯ୍ୟ ବିଜୟ ଜୀଙ୍କ ପୌରହିତ୍ୟ ରେ ପ୍ରାତଃ ବେଳାରେ ବିଶ୍ୱ ଶାନ୍ତି ଯଜ୍ଞ ଅନୁଷ୍ଠିତ ହେବା ସହ ସନ୍ଧ୍ୟାକାଳୀନ ସଭାରେ ସମ୍ମାନୀତ ବକ୍ତା ଭାବେ ଯୋଗଦେଇ ଅଧ୍ୟାତ୍ମିକତା ଓ ସଂସ୍କୃତିର ମିଳନ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପୂର୍ବତନ ସଭାପତି ତଥା ଉପାଧକ୍ଷ ଶ୍ରୀଯୁକ୍ତ ଅଜୟ କୁମାର ଜେନା ବାର୍ଷିକ ବିବରଣୀ ପାଠ କରି ମହୋତ୍ସବର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସାଂସ୍କୃତିକ ସମ୍ପାଦକ ଶ୍ରୀ ଚନ୍ଦ୍ରଶେଖର ଦାସ ଓ ଶ୍ରୀ ଗୁରୁ ପ୍ରସାଦ ଦାସ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ମହୋତ୍ସବ କମିଟି ର ସହ ସମ୍ପାଦକ ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ବାରିକ୍, କରୁଣାକର ଲେଙ୍କା, ଅମିତାଭ ସାହୁ, ମହୋତ୍ସବ କମିଟି ର ଉପସଭାପତି ସତ୍ୟନାରାୟଣ ନାୟକ, କାର୍ତ୍ତିକ ଚନ୍ଦ୍ର ଦାସ, ଚନ୍ଦନ କୁମାର ସାହୁ, ଶ୍ରୀକାନ୍ତ ନାୟକ, କାଶୀନାଥ ସାହୁ, ପ୍ରବୀଣ କୁମାର ସାହୁ, ପ୍ରଦୀପ୍ତ କୁମାର ସାହୁ, ଅଶୋକ କୁମାର ସାହୁ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ମହୋତ୍ସବ ହଳଦୀପଦା ଅଞ୍ଚଳରେ ଏକ ନବଜାଗରଣ ସୃଷ୍ଟି କରିବା ସହ ସ୍ଥାନୀୟ କଳାକାରଙ୍କ ପାଇଁ ଏକ ଶ୍ରେଷ୍ଠ ମଞ୍ଚ ସାବ୍ୟସ୍ତ ହୋଇଛି। ହଜାର ହଜାର ଦର୍ଶକଙ୍କ ସମାଗମରେ ମହୋତ୍ସବ ପରିବେଶ ଉତ୍ସବମୁଖର ହୋଇଉଠିଛି। ପରିଶେଷରେ କମିଟି ର ଅଧକ୍ଷ ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଜଗନ୍ନାଥ ଡ଼ିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ସହିତ ସ୍ୱର୍ଗତ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉତ୍ସବ ପାଳିତ

ଜଳେଶ୍ୱର, ୨୦/୧ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟି ଅଧୀନସ୍ଥ ଜଗନ୍ନାଥ ଡ଼ିଗ୍ରୀ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ ସହିତ ସ୍ୱର୍ଗତ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ସରୋଜ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଫକିର ମୋହନ ବିଶ୍ୱବିଦ୍ୟାଳୟ ର ରାଷ୍ଟ୍ରୀୟ ସେବା ଯୋଜନାର ସଂଯୋଜକ ପ୍ରଫେସର ଡ.ଅମୂଲ୍ୟ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ମହାରାଜ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ.ସୁବ୍ରତ କୁମାର ରଣା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ତହସିଲଦାର ସତ୍ୟଜିତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ।ଅଧ୍ୟାପକ ଅଶୋକ କୁମାର ରଥ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଅଧ୍ୟାପିକା ଡ.ମନାଲିଶା ଚନ୍ଦ ମଞ୍ଚ ଆହ୍ୱାନ ସହ ପରିଚୟ ପ୍ରଦାନ କରିଥିଲେ।ଶେଷରେ ଅଧ୍ୟାପକ ଜ୍ଞାନ ରଞ୍ଜନ ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ।ଅତିଥି ମାନଙ୍କ ଦ୍ୱାରା କୃତି ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇ ଥିଲା।ସଂଧ୍ୟାରେ ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ଅଧ୍ୟାପକ ଅଧ୍ୟାପିକା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ତ୍ରିରଙ୍ଗା କ୍ଲବର ମକର ମହୋତ୍ସବ: ୨ୟ ସନ୍ଧ୍ୟାରେ ସମ୍ବର୍ଦ୍ଧିତ ହେଲେ କୁନି ପ୍ରତିଭା ରୋହିତ




ବାରିପଦା , ୨୦/୧ (ନି.ପ୍ର): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନଂ ୧୫ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ଠାରେ ତ୍ରିରଙ୍ଗା କ୍ଲବର ବାର୍ଷିକ ଉତ୍ସବ ପାଳନ ଅବସରରେ ଆୟୋଜିତ ୬ ଦିନିଆ ମକର ମହୋତ୍ସବ - ୨୦୨୬ ର ୨ୟ ସନ୍ଧ୍ୟାରେ ଆକର୍ଷଣୀୟ ନୃତ୍ୟଗୀତ କାର୍ଯ୍ୟକ୍ରମ ସହିତ ପ୍ରାୟ ୮୦ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି । ତତସହିତ ଜାତୀୟ ୧୭ ବର୍ଷରୁ କମ ତୀରନ୍ଦାଜ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ରୋହିତ କୁମାର ମାର୍ଣ୍ଡିଙ୍କୁ 'କୁନି ପ୍ରତିଭା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା ଓ ଜୁନିୟର ଗ୍ରୁପର ବାଳିକା ବିଭାଗରେ ଚମ୍ପିୟାନ ହୋଇଥିବା ଲିଜା ଗୋଛାୟତ ତଥା ବ୍ୟାଡ଼ମିଣ୍ଟନର ଯୁଗ୍ମ ଚାମ୍ପିୟନ କ୍ରିତୀମୟ ମୁଖି ଓ ସ୍ମୃତିରଞ୍ଜନ ସ୍ୱାଇଁ ଏବଂ ଶରତ ରଣା ଓ ସୌମ୍ୟକାନ୍ତ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା । କ୍ଲବର ସଭାପତି ଆଲୋକ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ପୁରସ୍କାର ବିତରଣ କରିବା ସହ ମକର ଉତ୍ସବ ପାଳନ ଅବସରରେ ବିଭିନ୍ନ ଖେଳାକୁଦ କରି ପ୍ରତିଭା ମାନଙ୍କୁ ଉତ୍ସାହିତ କରୁଥିବାରୁ କ୍ଲବର ଉଦ୍ୟମର ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ବାରିପଦା ଉପ ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ବରିଷ୍ଠ ସାମ୍ବାଦିକ କବି ବିଷ୍ଣୁ ଶତପଥି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ମୟୁରଭଞ୍ଜ ଓ ମକର ଉତ୍ସବ ଉପରେ ଆଲୋକପାତ କରିବା ସହ ବାରିପଦା ସହରରେ ଦୀର୍ଘ ବର୍ଷ ଧରି ମକର ମହୋତ୍ସବ ପାଳନ ଅବସରରେ କୁନି ପ୍ରତିଭା ମାନଙ୍କୁ ଉତ୍ସାହିତ କରୁଆସୁଥିବା ତ୍ରିରଙ୍ଗା କ୍ଲବର ଉଦ୍ୟମକୁ ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ୧୫ ନଂ ୱାର୍ଡ କାଉନସିଲର ନିରୁପମା ମହାନ୍ତି, କ୍ଲବର ଉପ ସଭାପତି ରବୀନ୍ଦ୍ର କୁମାର ମହାନ୍ତି, ସମ୍ପାଦକ ବିଶ୍ୱରଂଜନ ବାଗ ବରିଷ୍ଠ ସଦସ୍ୟ ଲିଟନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷକ ସୋମନାଥ ସିଂହ ଓ ମଳୟ ଦତ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଉପ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନ୍ତର୍ଜାତୀୟ ନିଶା କାରବାରରେ ଓଡ଼ିଶା ଲିଙ୍କ୍ ପରେ ୭ରାଜ୍ୟରେ ଇଡି ରେଡ୍

ଭୁବନେଶ୍ୱର, ୨୦/୧ (ନି.ପ୍ର): ଅନ୍ତର୍ଜାତୀୟ ନିଶା କାରବାରରେ ଓଡ଼ିଶା ଲିଙ୍କ୍ । ଓଡ଼ିଶା ସମେତ ୭ ରାଜ୍ୟରେ ଇଡି ଚଢ଼ାଉ କରିଛି । ଚଢାଉ ବେଳେ ନଗଦ ୩ କୋଟି ସହ ନିଶାଦ୍ରବ୍ୟ ଜବତ ହୋଇଛି ଅନ୍ତର୍ଜାତୀୟ ସ୍ତରରେ ନିଶାଦ୍ରବ୍ୟ ଓ ଟଙ୍କା କାରବାରରେ ଓଡ଼ିଶା ଲିଙ୍କ୍ ସାମ୍ନାକୁ ଆସିଛି । ଗୋଆରୁ ଓଡ଼ିଶାକୁ ଲମ୍ବିଥିବା ନିଶା କାରବାର ଚେର ଖୋଜିବା ସହ ମନି ଲଣ୍ଡରିଂ ମାମଲାର ତଦନ୍ତରୁ ବଡ଼ଧରଣ ରାକେଟ୍ ପଦାକୁ ଆସିଛି । ଓଡ଼ିଶା ସମେତ ୭ ରାଜ୍ୟର ୨୬ଟି ସ୍ଥାନରେ ଚଢ଼ଉ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଏହି ଧରପଗଡ଼ରେ ବିଭିନ୍ନ ରାଜ୍ୟରୁ ନଗଦ ୩ କୋଟି ଟଙ୍କା, ବିପୁଳ ନିଶାଦ୍ରବ୍ୟ, ଅପରାଧିକ ନଥିପତ୍ର, ଡିଜିଟାଲ ଡିଭାଇସ୍ ଆଦି ଜବତ ହୋଇଛି ।

# ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ଜିଲ୍ଲାସ୍ତରୀୟ ଷଷ୍ଠ ବାର୍ଷିକ ସମାରୋହ




ଭଦ୍ରକ, ୨୦/୧ (ନି.ପ୍ର): ସମାଜରେ ବରିଷ୍ଠ ଙ୍କ ସ୍ଥାନ ସ୍ୱତନ୍ତ୍ର, ଏହାକୁ ପାଥେୟ କରି ପରିବାର ଓ ସମାଜ ସ୍ୱତନ୍ତ୍ର ଧ୍ୟାନ ଦେବା ବର୍ତ୍ତମାନ ର ଆବଶ୍ୟକ, ପାଶ୍ଚାତ୍ୟ ସଭ୍ୟତା କୁ ଆପଣାଇ ଥିବା ପିଲାମାନେ ମନେ ରଖିବା ଉଚିତ ଯେ, ପିତା ମାତାଙ୍କର ସେବା ପ୍ରଥମ କର୍ତ୍ତବ୍ୟ, ଏହାକୁ ଯେ ଭୁଲିଯାଏ ସେ ମଣିଷ ନୁହେଁ ପଶୁ ସମାନ,ଏହି ଅବସରରେ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ପୌରହିତରେ ଭାଗବତ କଲ୍ୟାଣ ମଣ୍ଡପରେ ଜିଲ୍ଲାର ସମସ୍ତ ସତେଇଶ ଗୋଟି ବ୍ଲକ ସ୍ତରୀୟ ସଂଘର ସଭାପତି, ସମ୍ପାଦକ ଙ୍କ ସମେତ ଜିଲ୍ଲା ମହାସଂଘର ଉପଦେଷ୍ଟା, କାର୍ଯ୍ୟକାରିଣୀ ସଦସ୍ୟ ମାନଙ୍କ ଉପସ୍ଥିତରେ ପ୍ରାୟ ଚାରିଶହ ବରିଷ୍ଠ ନାଗରିକ ମାନେ ସମାରୋହରେ ଯୋଗ ଦେଇଥିଲେ, ବିଭୂତି ଭୂଷଣ ସେନାପତି ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ, ମୁଖ୍ୟ ଅତିଥି ଓଡିଶା ସରକାର ଙ୍କ ସାମାଜିକ ସୁରକ୍ଷା ବିଭାଗର ଅତିରିକ୍ତ ସଚିବ ଦୀପକ ରାଉତରାଏ, ଜିଲ୍ଲା ମୁଖ୍ୟ ଚିକିତ୍ସା ଧିକାରୀ ଡା. ପ୍ରମୋଦ ପ୍ରହରାଜ, ଡା. ସୁଧୀରଞ୍ଜନ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ସମ୍ବର୍ଦ୍ଧିତ ପ୍ରତିଭା ପୂର୍ବତନ ମନ୍ତ୍ରୀ ଯୁଗଳକିଶୋର ପଟ୍ଟନାୟକ, ବରିଷ୍ଠ ଶିକ୍ଷାବିତ ହରିହର ରାଉତରାଏ ଶୈଳେନ କୁମାର ମହାପାତ୍ର, ଭାରତୀୟ ଷ୍ଟେଟ ବ୍ୟାଙ୍କ, ଭଦ୍ରକ ଶାଖାର ଚିଫ ମେନେଜର ସଞ୍ଜୟ କୁମାର ତ୍ରିପାଠୀ, ମହେଶ୍ୱର ବେହେରା, ଦେବିକିଙ୍କର ବ୍ରହ୍ମଦାସ ପାଣିଗ୍ରାହୀ, ସାଧାରଣ ସମ୍ପାଦକ କୈଳାଶ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ ରେ ବିଭାଗୀୟ ଅତିରିକ୍ତ ସଚିବ ଙ୍କ ଦୃଷ୍ଟି ଆକର୍ଷଣ କରି ଭଦ୍ରକ ଜିଲ୍ଲାର ସମସ୍ତ ବରିଷ୍ଠ ସଂଘ କୁ ପଚାଶ ହଜାର ସରକାରୀ ଅନୁଦାନ ରାଶୀ ଦେଲେ, ବ୍ଲକ ସ୍ତରୀୟ ସଂଘ ତାର ଭିତିଭୂମି ସଜାଡି ପାରିବ, ମହାସଂଘ ର ସିନିଅର ସିଟିଜେନ ମଲ୍ଟିପୁଲ ହବ ମହାନଦୀ କୋଲ ଲିମିଟେଡ୍ ଆର୍ଥିକ ଅନୁଦାନରେ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନକୁ ପୁଣି ଥରେ ଆଜିର ସଭାରେ ଅନୁରୋଧ କରାଗଲା,ଅତିରିକ୍ତ ସଚିବ କହିଲେ କି ଖୁ ଶୀଘ୍ର ଓଡିଶା ସରକାର ବରିଷ୍ଠ ଙ୍କ କଲ୍ୟାଣ ନିମନ୍ତେ ନୂଆ ଯୋଜନା ପ୍ରଣୟନ କରିବାକୁ ଯାଉଛନ୍ତି, ବରିଷ୍ଠ ମାନେ ୧୪୫୬୭ ଟୋଲଫ୍ରି ନମ୍ବର ରେ ଅଭିଯୋଗ କଲେ ଆମ ବିଭାଗ ତୁରନ୍ତ ପଦକ୍ଷେପ ନେ୍, ସରକାର ଆପଣଙ୍କ ସହ ଅଛନ୍ତି, ଅନ୍ୟତମ ପ୍ରତିଭା ଯୁଗଳ କିଶୋର ପଟ୍ଟନାୟକ ଅତ୍ୟନ୍ତ ଭାବବିହୋଳ ରେ କହିଲେ କି ଭଦ୍ରକ ମାଟି ସମସ୍ତ ବରିଷ୍ଠ ମାନଙ୍କ ଉପସ୍ଥିତ ସମ୍ବର୍ଦ୍ଧିତ କଲେ ଏହା ମୋ ପ୍ରତି ଶ୍ରେଷ୍ଠ ସମ୍ମାନ, ଅଲ ଇଣ୍ଡିଆ ମେଡିକାଲ ଆସୋସିଏସନ୍ ଭଦ୍ରକ ଶାଖା ପକ୍ଷରୁ ଡାକ୍ତର ରବୀନ୍ଦ୍ର କୁମାର ନାୟକ ଓ ଡାକ୍ତର ହରେକୃଷ୍ଣ ନାୟକ ଶ୍ରୀଯୁକ୍ତ ପଟ୍ଟନାୟକ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବରିଷ୍ଠ ମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ସମସ୍ତ ସହଯୋଗ କରିବେ, ଅନ୍ୟତମ ଚିକିତ୍ସାଧିକାରୀ ଡା. ସୁଧୀରଞ୍ଜନ ନାୟକ କହିଲେ ମୋ ଜନ୍ମ ମାଟି ପାଇଁ ସ୍ୱାସ୍ଥ୍ୟ ଭିତିଭୂମିକୁ ସୁଦୃଢ କରାଇବା ପାଇଁ ଅବିରତ ଉଦ୍ୟମ ଜାରି ରଖିଛି ବୋଲି କହିଥିଲେ। ଉପଦେଷ୍ଟା ଅଜୟ କୁମାର ନାୟକ ସ୍ୱାଗତ ଭାଷଣ, ପଦ୍ମନ କୁମାର ରାୟ, ସଚିକାନ୍ତ ପଣ୍ଡା, ଶଶିକାନ୍ତ ପାଢ଼ୀ, ପର୍ଶୁରାମ ଦିବେଦୀ, ଲକ୍ଷ୍ମଣ ମହାନ୍ତି, ରାଧାରାଣୀ ମହାପାତ୍ର, ସଂଗୀତା ଦେ, ଇନ୍ଦ୍ରମଣି ପଣ୍ଡା, ରାମଚନ୍ଦ୍ର କର, ଗୋଲକ ସାହୁ, କୈଳାଶ ପଣ୍ଡା, ଭକ୍ତହରି ମହାପାତ୍ର, ଅଖିଳ ମୋହନ ପାଢ଼ୀ, ବିଚିତ୍ରାନନ୍ଦ ମହାନ୍ତି,ମାନପତ୍ର ପାଠ ସହ କାର୍ଯ୍ୟକ୍ରମରେ ଅଂଶ ନେଇଥିଲେ।

# ପି.ଏମ.ଶ୍ରୀ ସରକାରୀ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ



ଖୋର୍ଦ୍ଧା, ୨୦/୧ (ନି.ପ୍ର): ଗୁରୁଜଂଗ ରେ ଥିବା ପି.ଏମ୍. ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ନାୟକଙ୍କ ସଭାପତିତ୍ୱ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନଙ୍କ ମଧ୍ୟରେ ପୌର ପରିଷଦ ଅଧକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଗୋଷ୍ଠି ଶିକ୍ଷା ଅଧିକାରୀ ଯାଜ୍ଞସେନୀ ସାହୁ, ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ସମରେନ୍ଦ୍ର ନାଥ ଶତପଥୀ, ପଞ୍ଚ ଶଖା ଶିକ୍ଷା ସେତୁର ସଭାପତି ଅନ୍ତର୍ଯ୍ୟାମି ଭୂୟାଁ,କାଉନ୍ସିଲର ଲୀନା ସ୍ୱାଇଁ ଯୋଗ ଦେଇ କହିଲେ ଆଜି ଜିୟେ ପିଲା କାଲି ସେ ଦେଶର ଭବିଷ୍ୟତ, ଅବାଟରେ ନ ଯିବାପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଅତିଥି ମାନେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ। ମଞ୍ଚ ପରିଚାଳନା ଶିକ୍ଷକ ବିରଞ୍ଚି କୁମାର ସାହୁ ଓ ଶିକ୍ଷୟୀତ୍ରୀ ସୁଭଶ୍ରୀ ପ୍ରଧାନ କରିଥିବା ବେଳେ ଛାତ୍ରୀ ଦେବୀଦତ୍ତା ରଥ ଉତ୍ସବ ପ୍ରାରମ୍ଭରେ ଓଡ଼ିଶି ନୃତ୍ୟ ପରିବେଷଣ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟତ୍ରୀ, ପରିଚାଳନା କମିଟି ଓ ସେବକ ସେବିକା ମାନେ କାର୍ଯ୍ୟରେ ସହଯୋଗ କରିଥିଲେ।

# ଗୋସମ୍ପଦ ଉଦ୍ଧାର: ଦୁଇ ଗିରଫ

ବସ୍ତା, ୨୦/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଦୁଣ୍ଡକୁଟ ଗ୍ରାମରୁ ୧୨ ଗୋ ସମ୍ପଦ ଉଦ୍ଧାର । ମାମଲାରେ ଦୁଇ ଜଣ ଗିରଫ। ସୂଚନା ଅନୁସାରେ ଗତ କାଲି ରାତ୍ରୀ ୨ଟା ବେଳେ ଏକ ପିକଅପ ଭ୍ୟାନ ଯୋଗେ ଗୋ ସମ୍ପଦ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବଜରଙ୍ଗ ଦଳ ର କର୍ମକର୍ତା ମାନେ ଉକ୍ତ ଗାଡି କୁ ଅଟକ କରି ସିଂଲା ପୋଲିସ କୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା।ତେବେ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିବା ବେଳେ, ୧୨ ଟି ଗୋରୁଙ୍କୁ ଉଦ୍ଧାର କରି, ସେଗୁଡିକୁ ଗୋଶାଳା ସ୍ଥାନାନ୍ତର କରାଯାଇଛି। ତେବେ ଏହି ପିକଅପ ଭ୍ୟାନକୁ,ଏସ୍କର୍ଟ ଦେଇ ପାର କରୁଥିବା ଦୁଇ ବ୍ୟବସାୟୀ ଙ୍କୁ ସିଂଲା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଉଭୟ ସମ୍ପର୍କରେ ଦୁଇ ଭାଇ ସେମାନେ କାଦ୍ରାଇଁଆ ଗ୍ରାମର ବୋଲି ଜଣା ପଡ଼ିଛି।ପୋଲିସ। ଏନେଇ ସିଂଲା ପୋଲିସ ୩୫/୨୬ ମୂଳେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

# ହକି ଇଣ୍ଡିଆ ଲିଗରେ ଓଡ଼ିଆ ଖେଳାଳିଙ୍କ ସଂଖ୍ୟା ବୃଦ୍ଧି

ଭୁବନେଶ୍ୱର, ୨୦/୧ (ନି.ପ୍ର): ହକି ଇଣ୍ଡିଆ ଲିଗରେ ବଢ଼ିବାକୁ ଲାଗିଛି ଓଡ଼ିଆ ଖେଳାଳିଙ୍କ ଅଂଶଗ୍ରହଣ।୨୦୧୩ ସିଜିନରେ ରାଜ୍ୟରୁ ଛଅ ଖେଳାଳି ଅଂଶଗ୍ରହଣ କରିଥିବା ବେଳେ ଏବେ ଏହି ସଂଖ୍ୟା ୧୬ କୁ ବୃଦ୍ଧି ପାଇଛି। ଚଳିତ ବର୍ଷ ବିଭିନ୍ନ ଫ୍ରାଂଚାଇଜ ପକ୍ଷରୁ ହକି ଇଣ୍ଡିଆ ଲିଗରେ ୧୬ ଓଡ଼ିଆ ଖେଳାଳି ଖେଳୁଛନ୍ତି । ହୋମ୍ ଟିମ କଳିଙ୍ଗ ଲାନର୍ସରେ ସର୍ବାଧିକ ୫ ଜଣ ଖେଳାଳି ରହିଥିବା ବେଳେ ଅମିତ ରୋହିଦାସଙ୍କ ନେତୃତ୍ୱାଧୀନ ତାମିଲନାଡୁ ଡ୍ରାଗନ୍ସରେ ଚାରି ଓଡ଼ିଆ ପ୍ଲେୟାର ରହିଛନ୍ତି।

# ଉଦଳାକୁ ରେଳପଥର ସଂଯୋଗ ଦାବି ନେଇ ବିଜୁ ଜନତା ଦଳର ଧାରଣା

ଉଦଳା , ୨୦/୧ (ନି.ପ୍ର): ଉଦଳାକୁ ରେଳପଥର ସଂଯୋଗ ଦାବି ନେଇ ବିଜୁ ଜନତା ଦଳ ତରଫରୁ ଆଜି ଜାନୁଆରି ୨୦ ତାରିଖ ମଙ୍ଗଳବାର ଦିନ ଧାରଣାର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ପୂର୍ବତନ ନଗରପାଳ ସୌଭାଗ୍ୟ କୁମାର ସାହୁ, ବିଜୁ ଜନତା ଦଳର ଉଦଳା ନଗର ସଭାପତି ବନମାଳି ବେହେରା ପ୍ରମୁଖ ଏହାର ନେତୃତ୍ୱ ନେଇଥିବାର ଜଣାଯାଇଛି । ପୂର୍ବରୁ ସର୍ଭେ ସରିଥିବା ରେଳରାସ୍ତା- ଖଡ଼୍କପୁର ଠାରୁ ଯାଜପୁରରୋଡ଼୍, ଭାୟା- ଆନନ୍ଦପୁର, ଶରତ, କପ୍ତିପଦା, ଉଦଳା, ବାରିପଦାର କାର୍ଯ୍ୟ ଡ଼ବଲ ଇଂଜିନ ସରକାର ତୁରନ୍ତ ଆରମ୍ଭ କରନ୍ତୁ ବୋଲି ବିଜୁ ଜନତା ଦଳର ତରଫରୁ ଦାବି କରାଯାଇଛି । ବିଜୁ ଜନତା ଦଳର ଏପରି ଏକ ଦାବିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହିତ ସମର୍ଥନ ମିଳିଛି । ତେବେ କ୍ଷମତାରେ ଥିବା ଡ଼ବଲ ଇଂଜିନ ସରକାର ଆସନ୍ତା ପଂଚାୟତ ନିର୍ବାଚନ ପୂର୍ବରୁ ଏହି ରେଳପଥର କାମ ଆରମ୍ଭ ନକଲେ ଲୋକେ ନିର୍ବାଚନରେ ଏହାର ଠିକଣା ଜବାବ ଦେବେ ବୋଲି କୁହାଯାଉଛି । ବିଜୁ ଜନତା ଦଳ ଉଦଳା ନିର୍ବାଚନ ମଣ୍ଡଳି ତରଫରୁ ଏହି ଧାରଣା ପର୍ବ ଆୟୋଜନର ନେତୃତ୍ୱ ନିଆଯାଇଥିବା ବେଳେ ଆଗାମି ଦିନରେ ଏହାକୁ ଅଧିକ ବ୍ୟାପକ କରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ସୋରେନ ଜଣାଇଛନ୍ତି ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida